

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୫ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 DECEMBER 2022
Vol.No. 33 ■ No. 336 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଭିଡ୍ କଟକଣା କଡ଼ାକଡ଼ି

## ଚୀନ, ଜାପାନ, ହଂକଂ, ଦକ୍ଷିଣ କୋରିଆ, ଥାଇଲାଣ୍ଡରୁ ଆସିଲେ ଟେଷ୍ଟ ବାଧ୍ୟତାମୂଳକ



ନୂଆଦିଲ୍ଲୀ, ୨୪/୧୨ : ଚୀନରେ କରୋନା ସଂକ୍ରମଣ ବୃଦ୍ଧି ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଭିଡ଼ କଟକଣାକୁ କଡ଼ାକଡ଼ି କରାଯାଇଛି । କିଛି ନିର୍ଦ୍ଦିଷ୍ଟ ଦେଶରୁ ଆସୁଥିଲେ ଆରଟି-ପିସିଆର ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି । ଚୀନ, ଜାପାନ, ହଂକଂ, ଦକ୍ଷିଣ କୋରିଆ, ଥାଇଲାଣ୍ଡରୁ ଆସିଲେ ଟେଷ୍ଟ ବାଧ୍ୟତାମୂଳକ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଶନିବାର ଏହି ସୂଚନା ଦେଇଛନ୍ତି । ଏପରିକି ସମ୍ପୃକ୍ତ ଦେଶରୁ ଆସୁଥିବା ଲୋକଙ୍କ ଲକ୍ଷଣ ଥିଲେ କିମ୍ବା ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଲେ ତାଙ୍କୁ କ୍ୱାରେଂଟାଇନରେ ରଖାଯିବ । ସମ୍ପୃକ୍ତ ଦେଶରୁ ଆସୁଥିବା ଯାତ୍ରୀ 'ଏୟାର ସୁବିଧା' ଫର୍ମ ପୂରଣ କରିବେ । ଏହି ଫର୍ମ ଜରିଆରେ ନିଜ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ଦେବେ । ଏଥିସହ ସମସ୍ତ ମେଡ଼ିକାଲରେ ଅକ୍ସିଜେନ ସିଲିଣ୍ଡର ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ରାଜ୍ୟର ସ୍ୱାସ୍ଥ୍ୟ ସଚିବଙ୍କୁ ଏନେଇ ଚିଠି କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ଅତିରିକ୍ତ ସଚିବ । ଏବେ ଦେଶରେ କୋଭିଡ୍ ସଂକ୍ରମଣ କମ୍ ଥିଲେ ମଧ ପ୍ରସ୍ତୁତ ରହିବାକୁ ଚିଠିରେ ପରାମର୍ଶ ଦିଆଯାଇଛି । ଏପରିକି ଭବିଷ୍ୟତରେ କିଛି ଚାଲେଞ୍ଜ ଆସିଲେ ତାହାର ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଜାରୀ ହୋଇଛି । ସେହିପରି ଅକ୍ସିଜେନ ପ୍ରସ୍ତୁତକାରୀ ପ୍ଲାଂଟ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବା, ଅକ୍ସିଜେନ ପ୍ରସ୍ତୁତି ଓ ନିର୍ବିଘ୍ନରେ ଯୋଗାଣ ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶ ଥାଉକି, ଗତକାଲି ଦେଶରେ କୋଭିଡ଼ ସ୍ଥିତି ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଭିଡ଼ିଓ କନଫରେନ୍ସିଂ ଜରିଆରେ ସମସ୍ତ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ବୈଠକ କରିଥିଲେ । ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମାନଙ୍କ ସହିତ ସମ୍ଭାବ୍ୟ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଏହାପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ପାଇଁ ଆଡଭାଇଜରୀ ଜାରୀ କରିଥିଲେ । ଏଥିସହ ଟେଷ୍ଟିଂ-ଟ୍ରାକିଂ-ଟ୍ରିଟମେଂଟ ଏବଂ ଭ୍ୟାକ୍ସିନେସନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ପୂର୍ବରୁ ଗତ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରିୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜନସାଧାରଣଙ୍କୁ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ପାଳନ କରିବାକୁ ପ୍ରଧାନମନ୍ତ୍ରୀ ମୋଦୀ ନିବେଦନ କରିଥିଲେ ।

## ସୁଟିଂ ସେଟରେ ଆତ୍ମହତ୍ୟା କଲେ ଅଭିନେତ୍ରୀ ତୁନିଶା ଶର୍ମା



ନୂଆଦିଲ୍ଲୀ, ୨୪/୧୨ : ଯୁବବର୍ଗଙ୍କ ଭିତରେ କମୁଛି କି ଆତ୍ମବିଶ୍ୱାସ । ଯାହା ଏବେ ପ୍ରତିଫଳିତ ହେଉଛି ଆତ୍ମହତ୍ୟା ମାମଲାରେ । ଏବେ ଏବେ ଟେଲି ଦୁନିଆର ଚର୍ଚ୍ଚିତ ଅଭିନେତ୍ରୀ ତୁନିଶା ଶର୍ମା ସୁଟିଂ ସେଟରେ ଆତ୍ମହତ୍ୟା କରିଛନ୍ତି । ୨୦ ବର୍ଷିୟା ଏହି ଅଭିନେତ୍ରୀ ଟେଲି ସୋ 'ଦାସ୍ତାନ ଏ କାବୁଲ'ରେ ମୁଖ୍ୟ ଭୂମିକାରେ ଅଭିନୟ କରୁଥିଲେ । ହେଲେ ସେ କାହିଁକି ଏତେବଡ ପଦକ୍ଷେପ ନେଲେ ତାହାର ଖୁଲାସା ହୋଇନାହିଁ । ଗଣମାଧ୍ୟମର ରିପୋର୍ଟ ▶▶ପୃଷ୍ଠା ୭

## ଆଗାମୀ ୨୬ରେ ବିଜେପି କରିବ ୪ ଘଂଟିଆ ସତ୍ୟାଗ୍ରହ



ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଆସନ୍ତା ୨୬ ତାରିଖରେ ସବୁ ମଣ୍ଡଳରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତୀ ତଳେ ୪ ଘଂଟିଆ ସତ୍ୟାଗ୍ରହ କରିବ ବିଜେପି । ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ - ୨୩ ବର୍ଷରେ ବିଜେଡ଼ିର ନିରଙ୍କୁଶ ଶାସନରେ ଓଡିଶା ଅପରାଧୀଙ୍କ ଚରା ଭୂଇଁ ପାଲଟିଛି । ଶାନ୍ତି ପ୍ରିୟ ରାଜ୍ୟ ଓ ଜଗନ୍ନାଥ ସଂସ୍କୃତିରେ ଓଡିଶାର ସୁଖ୍ୟାତି ରହିଛି । ବିଜେଡ଼ି ଶାସନର ୨୩ ବର୍ଷର ଉପଲବ୍ଧି ହେଉଛି, ତାଙ୍କ ନେତା ଓ ମନ୍ତ୍ରୀ ହତ୍ୟା, ଯୌନ କେଲେଙ୍କାରୀ, ମହିଳା ବିରୋଧୀ ହିଂସାରେ ନା ଆସୁଛି । ମମିତା ମେହେର ହତ୍ୟାକାଣ୍ଡରେ ଦିବ୍ୟ ଶଙ୍କର ମିଶ୍ରଙ୍କ ସମ୍ପୃକ୍ତି କଥା ରାଜ୍ୟବାସୀ ଜାଣିଛନ୍ତି । ଗୋବିନ୍ଦ ସାହୁଙ୍କୁ ଜେଲ ଭିତରର ପୋଲିସ ମାଧ୍ୟମରେ ହତ୍ୟା କରାଗଲା ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ କୋର୍ଟରେ ତାରିଖ ଥିଲା, ନେତା ମନ୍ତ୍ରୀଙ୍କ ନାଁ ଖୁଲାସାର ଭୟ ଥିଲା । ଠିକ ସେହିପରି ମାହାଙ୍ଗା ଡବଲ ମୁଖ୍ୟ ଅଭିଯୁକ୍ତଙ୍କୁ ଟ୍ରକ ଚାପି ମାରି ଦିଆଗଲା । ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ପୂର୍ବରୁ ଶେଷ ଭିଡିଓରେ ଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ ନା ଉଲ୍ଲେଖ କରିଥିଲେ । ପରୀକୁ ହତ୍ୟା କରାଗଲା । ଅଙ୍ଗ ତସ୍କରୀର କଥା ଆସିଥିଲା । ତା ମା ବାପା ଆତ୍ମାହୁତି ଉଦ୍ୟମ କରିଥିଲେ । ସମ୍ପୃକ୍ତ ମନ୍ତ୍ରୀଙ୍କୁ ଜେରା କରାଗଲା ନାହିଁ ବୋଲି ସେ କହିଛନ୍ତି ।

## ଆସିଲା ନାଜାଲ୍ ଭ୍ୟାକ୍ସିନ୍ 'ଇନକୋଭାକ୍'

ନୂଆଦିଲ୍ଲୀ, ୨୪/୧୨ : ନାକରେ ଦିଆଯିବ କରୋନା ଟିକା । ଭାରତ ବାଓଟେକ୍ ପ୍ରସ୍ତୁତ କରିଥିବା ନାଜାଲ୍ ଭ୍ୟାକ୍ସିନ 'ଇନକୋଭାକ୍'ର ଜରୁରୀ ବ୍ୟବହାର ପାଇଁ ଅନୁମତି ଦେଇଛନ୍ତି ସରକାର । ଗତକାଲି ସଂଧ୍ୟାରୁ ଏହି ଟିକା, କୋ-ୱିନ୍ ଆପରେ ଉପଲବ୍ଧ ହେଉଛି । ତେବେ କେବଳ ବୁଷ୍ଟର ଡୋଜ୍ ପାଇଁ ଅନୁମତି ମିଳିଥିବା ବେଳେ ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ପ୍ରାଇଭେଟ୍ ହସପିଟାଲରେ ଏହା ଉପଲବ୍ଧ ହେବ । କୋଭିସିଲ୍ଡ କିମ୍ବା କୋଭାକ୍ସିନର ଦୁଇଟି ଡୋଜ୍ ନେଇଥିଲେ ବୁଷ୍ଟର ଡୋଜ୍ ଭାବେ 'ଇନକୋଭାକ୍' ନେଇପାରିବେ । ନାଜାଲ୍ ଭ୍ୟାକ୍ସିନ ଦେବା ସହଜ ହେବ ଏବଂ ଯେଉଁମାନେ ଛୁଞ୍ଚିରେ ଟିକା ନେବା ପାଇଁ ଭୟ କରନ୍ତି, ସେମାନେ ମଧ ବିନା ଦ୍ୱିଧାରେ ଟିକା ନେଇପାରିବେ । କୁହାଯାଉଛି, କରୋନା ମହାମାରୀ ରୋକିବାକୁ ଏହି ଟିକା ଗେମ୍ ଚେଞ୍ଜର ହେବ । ▶▶ପୃଷ୍ଠା ୭

## ରାଜ୍ୟବାସୀ କରୋନାକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭୁବନେଶ୍ୱର, ୨୪/୧୨ (ନି.ପ୍ର): କରୋନାକୁ ନେଇ ରାଜ୍ୟବାସୀ ଅଯଥାରେ ଆତଙ୍କିତ ହୁଅନ୍ତୁ ବୋଲି ନାହିଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ପରାମର୍ଶ ଦେଇଛନ୍ତି । ସାମ୍ବାଦିକ ମାନଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଏଫ୍.୭ ଭାରିଏଣ୍ଟଟି ଦୁଇ ବର୍ଷ ହେଲାଣି ଅଛି । ଯେହେତୁ ଏହା ଚାଇନାରେ ବଢୁଛି ତେଣୁ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି । ଯଦିଓ ଏହାର ସଂକ୍ରମଣ କ୍ଷମତା ଅଧିକ ଅଛି, କିନ୍ତୁ ଏହାର ଫାଟାଲିଟି ଓ ମୋଟାଲିଟି ବିଶେଷ ନାହିଁ । ସେ କହିଛନ୍ତି ଯେ ୩ ମାସରୁ ଅଧିକ ହେଲାଣି ରାଜ୍ୟରେ ପଜେଟିଭ ▶▶ପୃଷ୍ଠା ୭

## ସୈନିକ ସ୍କୁଲ୍ ପରିସରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୪/୧୨ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଜାନୁଆରୀ ୧୫ ତାରିଖ ୧୯୬୨ରେ ସୈନିକ ସ୍କୁଲ୍ ଭୁବନେଶ୍ୱରର ପ୍ରତିଷ୍ଠା ହୋଇଥିଲା । ଏହି ବିଦ୍ୟାଳୟର ହୀରକ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ସେହି ମହାନ୍ ଯୁଗପୁରୁଷଙ୍କର ପ୍ରତିମୂର୍ତି ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବରେ ହଜାର ହଜାର ପୁରାତନ ଛାତ୍ରମାନେ ବିଶ୍ୱର କୋଣ ଅନୁକୋଣରୁ ଆସି ଏକତ୍ରିତ ହୋଇଥିଲେ । ଏହା ସହ ପୂର୍ବତନ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷକ, ଛାତ୍ର ତଥା ସମସ୍ତ କ୍ୟାଡ଼େଟ୍ଙ୍କ ଅଭିଭାବକମାନଙ୍କୁ ଆମନ୍ତ୍ରିତ କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଦ୍ୟାଳୟର ଅଧ୍ୟକ୍ଷ କର୍ଣ୍ଣେଲ୍ ବାଲୁଭରତ, ଲେପ୍ଟନାଂଟ ଜେନେରାଲ ଜେ.କେ ମହାନ୍ତି (ଅବସର ପ୍ରାପ୍ତ) ଏବଂ ପୁରାତନ ବାଳକ ସଂଘର ସଭାପତି ହରଦମନ ସିଂ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଜାମ୍ମୁକାଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶୌର୍ଯ୍ୟଚକ୍ର (ମରଣୋତର) ପୁରସ୍କାର ବିଜେତା ବିଦ୍ୟାଳୟର ପୂର୍ବତନ ଛାତ୍ର କ୍ୟାପ୍ଟେନ୍ ଆଶୁତୋଷ କୁମାରଙ୍କ ପିତାମାତାଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ ।










# ୨ ଜଣ କର୍ମଚାରୀଙ୍କୁ ନେଇ ଚାଲିଛି ରାଉରକେଲା ସିବିଆଇ ଅଫିସ : ଅଧିକାରୀ ନାହାନ୍ତି, ମାମଲା ଶୂନ

ରାଉରକେଲା, ୨୪/୧୨ (ନି.ପ୍ର): ରାଉରକେଲା ସହରର ସେକ୍ଟର -୪ ରେ ଆଏସପିର ଏକ ଘରେ ଚାଲିଥିବା ସିବିଆଇ ଅଫିସକୁ କେବଳ ଜଗି ରହିଛନ୍ତି ୨ ଜଣ କର୍ମଚାରୀ, ଏଠାରେ ନିୟମିତ ଅଫିସର ନାହାନ୍ତି, ଫଳରେ ରାଉରକେଲା ସମେତ ପଶ୍ଚିମାଂଚଳରୁ ଆସୁଥିବା ଲୋକେ କୌଣସି ଅଭିଯୋଗ କରିବାକୁ ଚାହିଁଲେ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି। ଯେଉଁଥିପାଇଁ ଦିର୍ଘ ଦିନ ତଳେ ପଶ୍ଚିମାଂଚଳ ଲାଗି ହୋଇଥିବା ଏହି ସିବିଆଇ ଅଫିସ ର ଗୁରୁତ୍ୱ କମିବାରେ ଲାଗିଛି ।

ଖବରରୁ ଜଣାପଡିଛି, ଦିର୍ଘ ବର୍ଷ ତଳେ ପଶ୍ଚିମାଂଚଳ ଲାଗି ରାଉରକେଲାରେ ଏହି ସିବିଆଇ ଅଫିସ କରାଯାଇଥିଲା। ସେତେବେଳେ ଜଣେ ଡିଏସପି ସହ ଏଠାରେ ଅନେକ ଅଫିସର ମଧ୍ୟ ରହୁଥିଲେ । ଏଠାରେ ସେ ସମୟରେ ଅନେକ ମାମଲା ମଧ୍ୟ ହେବା ସହ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଅଫିସ ଗୁଡିକର ଭୟ ରହୁଥିଲା, କିନ୍ତୁ ହଠାତ ଏହି ଅଫିସରୁ ସବୁ କିଛି ହଟାଇ ଦେଇ ମାତ୍ର ୨ ଜଣ କର୍ମଚାରୀଙ୍କୁ ଜଗିବା ଲାଗି ଦାୟିତ୍ୱ ଦିଆଯାଇଥିବା ବେଳେ, କାଁ ଭାଁ ଜଣେ ଅଧିକାରୀ ଆସି ଏଠାରୁ ବୁଲିକି ଚାଲିଯାଉଛନ୍ତି, ଫଳରେ ପଶ୍ଚିମ ଓଡିଶା ସମେତ ରାଉରକେଲା ବାସୀ ଏଠାରୁ ସେବା ପାଇବାରୁ ବଂଚିତ ହେଉଛନ୍ତି । ଦିର୍ଘ ବର୍ଷର ଏହି ଅଫିସ ଏବେ ବି ନିଜସ୍ୱ ଯାଗାରେ ହୋଇପାରିନି । ରାଉରକେଲା ଇସ୍ପାତ କାରଖାନାର ଏକ ଗଳି ଅଂଚଳରେ ଥିବା ଏକ ଘରେ ଏହି ଅଫିସ ଚାଲିଛି। ଯାହା ଲୋକଙ୍କୁ ଖୋଜି ପାଇବାରେ ନାନା ସମସ୍ୟା ହେଉଛି । ରାଉରକେଲା ସହରର ରାଉରକେଲା ଷ୍ଟିଲ କାରଖାନା, ଶ୍ରମ ବିଭାଗ, ଇଏସଆଇ ଭବିଷ୍ୟନିଧି, ଇ ନ କ ମ ଟ । କ୍ସ, ସେଂଟ୍ରାଲଏକସାଇଜ, ପୋଷ୍ଟାଲ ବିଭାଗ, ରେଳବାଇର ବଡ ୟୁନିଟ ଯାହା ଆଗକୁ ଡିଭିଜନ ହେବାର ପ୍ରସ୍ତାବ ରହିଛି, ବହୁ ବ୍ୟାଙ୍କ,ଏନଟିପିସି ଓ ଖଣିକୁ ନେଇ ଅନେକ ସୁଯୋଗ ସହ ବିଏସଏନଏଲ ଭଳି ଅନେକ ସରକାରୀ ଦପ୍ତର ଅଲ ଇଣ୍ଡିଆ ରେଡିଓ ତଥା ଦୁରଦର୍ଶନ ଅଫିସ ରାଉରକେଲାରେ ରହିଛି ଓ ଏସବୁ ଉପରେ ଅନେକ ଜିଲ୍ଲା ମଧ୍ୟ ନିର୍ଭର କରୁଛନ୍ତି । ଖାଲି ସେତିକି ନୁହେଁ କେନ୍ଦ୍ର ସରକାରଙ୍କର ହଜାର ହଜାର କୋଟୀ ଟଙ୍କା ପଶ୍ଚିମାଂଚଳରେ ବିନିଯୋଗ ହେଉଛି । ରାଉରକେଲା ଇସ୍ପାତ କାରଖାନାରେ ଆଧୁନିକରଣ ବେଳେ ହୋଇଥିବା ହରିଲୁଟ ହେଉ, ଖଣି ଦୁର୍ନୀତି ଉଭୟ ମାମଲାରେ ସିବିଆଇ ତଦନ୍ତର ଆବଶ୍ୟକତାକୁ ଲୋକେ ଅନୁଭବ କରିଥିଲେ ବି ଖଣି ଦୁର୍ନିତିର ସିବିଆଇ ତଦନ୍ତ ହୋଇପାରିଲା ନାହିଁ, ଆରଏସପିରେ ଯାହା ତଦନ୍ତ ହେଲା ତାର ଫଳ କଣ ହେଲା ତାହା ମଧ୍ୟ ଲୋକେ ଜାଣିପାରିଲେ ନାହିଁ । ଏଥିଲାଗି ରାଉରକେଲା ଅଫିସ ସଂପୁର୍ଣ କାର୍ଯ୍ୟକ୍ଷମ ନହେବା ହିଁ ପୁର୍ଣ ମାତ୍ରାରେ ଦାୟି ବୋଲି କୁହାଯାଉଛି । ସେପଟେ ଆରଏସପି ଠାରୁ କେନ୍ଦ୍ରୀୟ ଶ୍ରମ ବିଭାଗ ରେଳବାଇ ଭବିଷ୍ୟନିଧି ରାଉରକେଲା ଅଫିସରେ ବ୍ୟାପକ ହରିଲୁଟ, ଶୋଷଣରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି । ଦେଖିବା ବାଲା ଅଫିସରେ ମାତ୍ର ୨ କର୍ମଚାରୀ, ଅଭିଯୋଗ ରଖିବା ଲାଗି ନିର୍ଭର ଯୋଗ୍ୟ ଅଧିକାରୀ ନାହାନ୍ତି । ଏହି ଅଫିସ ଆରମ୍ଭ ସମୟରେ ଅନ୍ୟ ରାଜ୍ୟରେ ହୋଇଥିବା ଏହି ଧରଣ ଅଫିସ ଗୁଡିକ ଏବେ ଏସପି ଅଫିସ ହେବା ସହ ଲୋକଙ୍କ ଅଭିଯୋଗ ଆଧାରରେ ଅନେକ ମାମଲା ମଧ୍ୟ ହେଉଛି, ରାଉରକେଲା ଠାରେ ରାଜ୍ୟ ସରକାରଙ୍କର ଭିଜିଲାନ୍ସ ଅଫିସ ଯାହା ଏକଦା ଜଣେ ୨ତାରକା ଅଧିକାରୀଙ୍କ ଦ୍ୱାରା ଚାଲୁଥିଲା ଏବେ ତାହା ଏସପି ଅଫିସ ହୋଇପାରିଲା, କିନ୍ତୁ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଏହି ଅଫିସ ଧିରେ ଧିରେ ତାର ଅସ୍ତିତ୍ୱ କାହିଁକି ହରାଉଛି ତାହା ଏବେ ବଡ ପ୍ରଶ୍ନବାଚୀ ହୋଇଛି ।

ଅନ୍ୟପକ୍ଷରେ ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ଲାଗି ଅଫିସର ନାହାନ୍ତି ଅଫିସ ପକ୍ଷରୁ ଦିର୍ଘ ୭ବର୍ଷ ହେଲା ମାମଲା ଟିଏ ନହେବା ସୁଚାଉଛି ପଶ୍ଚିମାଂଚଳରେ ଦୁର୍ନୀତି ହେଉନାହିଁ, ତେଣୁ ଏହି ଅଫିସକୁ ଏଠାରୁ ସରକାର ଉଠାଇ ନେଇ ଘୋଷଣା କରିଦିଅନ୍ତୁ ଯେ, ପଶ୍ଚିମାଂଚଳ ସଂପୁର୍ଣ ଦୁର୍ନୀତି ମୁକ୍ତ ଅଂଚଳ । ବାକି ରହିଲା ଏଭଳି ବଡ ସମସ୍ୟାକୁ ନେଇ ଉଭୟ ବିଜେଡି, କଂଗ୍ରେସ ନୀରବ ଥିବା ବେଳେ ଜିଲ୍ଲାର ବିଜେପି ବିଧାୟକ ଓ ଖୋଦ ସାଂସଦ ଜୁଏଲ ବାବୁ କଣ କରୁଛନ୍ତି ମଧ୍ୟ ଆଲୋଚନା ଚାଲିଛି ।ତେବେ ଆଗାମୀ ଦିନରେ ଏହା ସଂପୁର୍ଣ କାର୍ଯ୍ୟକ୍ଷମ ହେବ ନା କେନ୍ଦ୍ର ସରକାରଙ୍କ ଦୟାରେ ପୁରା ବନ୍ଦ ହୋଇଯିବ ତାହା ସମୟ ହିଁ କହିବ ।

# ଓଡିଶାରେ ମହିଳାମାନଙ୍କୁ କେବଳ ଭୋଟ ବ୍ୟାଙ୍କ ଭାବେ ବ୍ୟବାହାର କରୁଛି ବିଜେଡି : ଦୀପ୍ତି ରାଓ୍ୱତ ଭରଦ୍ୱାଜ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଓଡିଶାରେ ମହିଳାମାନଙ୍କୁ କେବଳ ଭୋଟ ବ୍ୟାଂକ ଭାବେ ବ୍ୟବାହାର କରୁଛି ଶାସକ ବିଜୁ ଜନତା ଦଳ । ବାସ୍ତବରେ ମହିଳା ସଶକ୍ତୀକରଣ ହୋଇନାହିଁ । ଏସଏଚଜିକୁ କେବଳ ଟଙ୍କା ବାଂଟି ମହିଳା ସଶକ୍ତୀକରଣ ହୋଇଛି ବୋଲି ଡିଣ୍ଡିମ ପିଟୁଥିବା ଶାସକ ବିଜେଡିର ୨୩ ବର୍ଷର ନିରୁଙ୍କଶ ଶାସନରେ ଓଡିଶାର ମାଁ ଓ ଭଉଣୀଙ୍କ ସଠିକ୍ ଆର୍ଥିକ ବିକାଶ ହୋଇନାହିଁ। ମମିତା, ପରୀ, ବେବିନା ଭଳି ଅନେକ ମହିଳା ହିଂସା ଓ ନିର୍ଯ୍ୟାତନା ଘଟଣାରେ ବିଜେଡି ମନ୍ତ୍ରୀ ଓ ନେତାଙ୍କ ସଂପୃକ୍ତି ଚର୍ଚ୍ଚାର ବିଷୟ ହୋଇଛି, ଯାହାକି ଅତ୍ୟନ୍ତ ଲଜ୍ଜାଜନକ ବୋଲି ଦୁଇ ଦିନିଆ ଓଡିଶା ଗସ୍ତରେ ଥିବା ବିଜେପି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସଂପାଦିକା ଶ୍ରୀମତୀ ଦିପ୍ତୀ ରାଓ୍ୱତ୍ ଭରଦ୍ୱାଜ କହିଛନ୍ତି । ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଭରଦ୍ୱାଜ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୮ ବର୍ଷ ଶାସନ କାଳରେ ମହିଳାଙ୍କ କଲ୍ୟାଣ ଓ ବିକାଶ ପାଇଁ ଅନେକ ଜନକଲ୍ୟାଣକାରି ଯୋଜନା ସଫଳତାର ସହ ଆରମ୍ଭ କରିଛନ୍ତି । ଏହି ଯୋଜନାକୁ ଗାଁ ଗାଁରେ ପଂହଚାଇବା ସହ ମହିଳାଙ୍କୁ ଅବଗତ କରିବା ପାଇଁ ମହିଳା ମୋର୍ଚ୍ଚାର କେନ୍ଦ୍ରୀୟ ପଦାଧିକାରୀମାନେ ଗତ ୨୨ ତାରିଖରୁ ଦୁଇ ଦିନିଆ ଓଡିଶା ଆସି ରାଜ୍ୟର ୩୬ଟି ସାଂଗଠନିକ ଜିଲ୍ଲା ଗସ୍ତ କରିଥିଲେ । ଗସ୍ତ ଅବସରରେ କେନ୍ଦ୍ରୀୟ ଯୋଜନାର ରୂପାୟନ ଏବଂ ସ୍ଥାନୀୟ ଅଂଚଳର ବାସ୍ତବ ସ୍ଥିତି ଅନୁଧାନ କରିଥିଲେ । ଦୀର୍ଘ ଦିନ ଧରି ନିଜ ନ୍ୟାର୍ଯ୍ୟ ହକ୍ ଦାବୀ କରି ଆନ୍ଦୋଳନ କରିଆସୁଥିବା ଅଙ୍ଗନବାଡୀ କର୍ମଚାରୀଙ୍କୁ ଜିଲ୍ଲା ଏବଂ ଭୁବନେଶ୍ୱରରେ ମହିଳା ମୋର୍ଚ୍ଚାର ପ୍ରତିନିଧିମାନେ ଭେଟି ଆଲୋଚନା କରିବା ସହିତ ତାଙ୍କ ଦାବୀ ପ୍ରତି ସମର୍ଥନ ଜଣାଇଥିଲେ । ରାଜ୍ୟ ସରକାର ଜନତାଙ୍କ ସହ ପାତର ଅନ୍ତର କରୁଛନ୍ତି। ଶାସକ ଦଳର ନେତା ଓ ମନ୍ତ୍ରୀମାନେ କେନ୍ଦ୍ରୀୟ ଯୋଜନା ପାଇଁ ହିତାଧିକାରୀଙ୍କଠାରୁ ପିସି ନେଉଛନ୍ତି । ମହିଳା ହିଂସା ଘଟଣାରେ ନିରାକରଣ ଓ ତତ୍‌ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ କେନ୍ଦ୍ରରୁ ଆସୁଥିବା ଟଙ୍କାକୁ ଖର୍ଚ୍ଚ କରିବାରେ ରାଜ୍ୟ ସରକାର ଫେଲ ମାରିଛନ୍ତି । ନିର୍ଭୟା ଫଣ୍ଡରେ ୨୦୨୧ମସିହାରେ କେନ୍ଦ୍ର ସରକାର ୭୫କୋଟି ଟଙ୍କା ଖର୍ଚ୍ଚ ପାଇଁ ଦେଇଥିଲେ ବି ଓଡିଶା ମାତ୍ର ୪୫କୋଟି ଖର୍ଚ୍ଚ କରିଥିଲେ। ୨୦୨୨ରେ କେନ୍ଦ୍ର ସରକାର ୨୬କୋଟି ଟଙ୍କା ଦେଇଥିଲେ ବି ୧୯କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଓଡ଼ିଶା ଦୁଷ୍କର୍ମ, ସାଇବର କ୍ରାଇମ, ଅପହରଣ ଇତ୍ୟାଦିରେ ଓଡ଼ିଶା ସ୍ଥାନ ୫ନଂରେ ରହିବା ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ନୀତିକୁ ସ୍ପଷ୍ଟ କରୁଛି । ଗ୍ରାଉଣ୍ଡ ଜିରୋରେ ମହିଳାମାନେ ରାଜ୍ୟରେ ଡବଲ୍ ଇଂଜିନ ସରକାର ଚାହୁଁଛନ୍ତି ବୋଲି ଗସ୍ତ ଅବସରରେ ସ୍ପଷ୍ଟ ହେଉଛି ବୋଲି ଶ୍ରୀମତୀ ଭରଦ୍ୱାଜ କହିଛନ୍ତି। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନାର ସୁପ୍ରଚାର କରାଯାଇ ପ୍ରକୃତ ହିତାଧିକାରୀଙ୍କ ପାଖରେ ପଂହଚାଇବା ଏବଂ ଚଂଚକତା କରି ବାଧକ ସାଜୁଥିବା ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ନୀତି ବିରୋଧରେ ମାଁ, ଭଉଣୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ଲଢ଼େଇ ଜାରି ରଖିବେ ବୋଲି ଶ୍ରୀମତୀ ଭରଦ୍ୱାଜ କହିଛନ୍ତି।

# ଆଇଏମଏସଟି ଉଚ୍ଚ ବିଦ୍ୟାଳୟର ୪୭ ତମ ବାର୍ଷିକ ଉତ୍ସବ

ମାଲକାନଗିରି, ୨୪/୧୨ (ନି.ପ୍ର): ମାଲକାନଗିରି ସହର ତଥା ଜିଲ୍ଲାର ସର୍ବପୁରାତନ ଇଂରାଜୀ ମିଡିୟମ ବିଦ୍ୟାଳୟ ଆଇଏମଏସଟି ଉଚ୍ଚ ବିଦ୍ୟାଳୟର ୪୭ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ୧୯୭୬ ମସିହାରେ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ପ୍ରାୟ ୧୧ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ଏବଂ ସେମାନଙ୍କ ପାଇଁ ୫୦ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି। ଏହି ସମାରୋହରେ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଏବଂ ମାଲକାନଗିରି ତହସିଲଦାର ଚନ୍ଦନ କୁମାର ଭୋଇ ଏବଂ ଅତିରିକ୍ତ ତହସିଲଦାର ଜଗଦିଶ କାର୍ତାମୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠପଢ଼ା ସହିତ ଉତମ ଚରିତ୍ର ଗଠନ ପ୍ରତି ଧ୍ୟାନ ଦେବାକୁ ଓ ଅନ୍ୟାନ୍ୟ ବିଷୟ ଯଥା, ଖେଳକୁଦ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଇତ୍ୟାଦି ବିଷୟରେ ମଧ୍ୟ ପାରଙ୍ଗମ ହେବା ପାଇଁ ଉପଦେଶ ଦେଇଥିଲେ। ଏହା ପରେ ଅତିଥି ମାନେ ପ୍ରବନ୍ଧ, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ,ରାଇମସ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିସହିତ ସିବିଏସଇ, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସବୁଠାରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରିନ୍ସିପାଲ ୱାଇ. ଯୀଶୁ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଆଇଏମଏସଟି ଓଡ଼ିଶା ଓ ଛତିଶଗଡ଼ ଫିଲ୍ଡ କୋଅର୍ଡିନେଟର ତଥା ଯାଯକ ଶିବରାଜ, ଯାଯକ ଡାନିଏଲ ମାନୁଆଲ ରାଜ, ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ କିର୍ତନୀୟା, ଉପାଧକ୍ଷା ସୁଧାମଣୀ ତାଣ୍ଡି ମଧ୍ୟ ପୁରସ୍କାର ପ୍ରଦାନ କରିଥିଲେ ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ନର୍ସରୀ ଠାରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଓଡ଼ିଶୀ ସହିତ, କୋରାପୁଟିଆ, ସମ୍ବଲପୁରୀ ଏବଂ ଅନ୍ୟାନ୍ୟ ନୃତ୍ୟ, ଗୀତ, ନାଟକ, ସ୍କିଟ ଏବଂ ଟାବଲୋ ମାଧ୍ୟମରେ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ହଜାର ହଜାର ସଂଖ୍ୟାରେ ଦର୍ଶକ ଉକ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ, ସୁରକ୍ଷା ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯାଇ ଥିଲା। ଏହି ଉତ୍ସବରେ ବିଦ୍ୟାଳୟର ବନିତା,କରା ତୟାଲୁ, ସୁମିତ୍ରା ମୁର୍ମୁ, ନିରୁପମା ସାନ୍ତପାତ୍ର, ସୁଜାତା ଡାକୁଆ, ଶୋଭା, ହେଲେନ ମିସ୍ ସନ୍ତୋଷିନୀ, ମୌସୁମୀ ପରିଡ଼ା, ଗରିମା ଛତ୍ରୀ, ସର୍ବଶ୍ରୀ ଫିଲିମନ ହାଁସଦା, ଅଜିତ ଖୋସଲା, ସୁନ୍ଦର କୁମାର, ମେସକ ରାଜାୟା, ଯୋସେଫ, ଅନୀଲ ତେଲଗିରି, ଦିନେଶ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବାର୍ଷିକ ଉତ୍ସବକୁ ସଫଳ କରିବା ପାଇଁ, ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଥିଲେ ।

# ବଣେଇ ଓ ରାଉରକେଲା ଜିଲ୍ଲା ଦାବିକୁ ବିରୋଧ କଲା ଜିଲ୍ଲା ପେଶା ଗ୍ରାମସଭା କୋର୍ଡିନେସନ କମିଟି

ରାଉରକେଲା, ୨୪/୧୨ (ନି.ପ୍ର): ରାଉରକେଲା ଓ ବଣେଇରେ ଯେଉଁ ଜିଲ୍ଲା ଦାବି କରାଯାଉଥିଲା ତାକୁ ଆଜି ବିରୋଧ କରିଛି ଜିଲ୍ଲା ପେଶା ଗ୍ରାମସଭା କମିଟୀ, ସେମାନେ କହିଛନ୍ତି ଯେ, ସୁନ୍ଦରଗଡ ଭଳି ପଂଂମ ସିଡ୍ୟୁଲ ଜିଲ୍ଲାକୁ ଭାଗ ଭାଗ କରିବା ଆଇନରେ ବାରଣ କରାଯାଇଛି ତେଣୁ ସେମାନେ ଏନେଇ ଆଜି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏ ସମ୍ବଳିତ ଏକ ଦାବି ପତ୍ର ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ପଠାଇଛନ୍ତି । ତେବେ ନିକଟରେ ବଣେଇରୁ ଜିଲ୍ଲା ଦାବି ଉଠିବା ପରେ ରାଉରକେଲାରେ ଏହି ଦାବି ଉଠିବା ସହ ଓକିଲ ସଂଘ ପକ୍ଷରୁ ଧାରଣା ମଧ୍ୟ ଦିଆଯାଇଥିଲା । ଏହି ଦାବିରେ ଆଗକୁ ଆନ୍ଦୋଳନ ଯୋରଦାର ରାଉରକେଲାରେ ମଧ୍ୟ ହେବାକୁ ଯାଉଛି,୧୯୯୨ ମସିହାରୁ ଏହି ଦାବି ରାଉରକେଲା ରେ ହେବା ପରେ ରାଉରକେଲାରେ ଜିଲ୍ଲାପାଳଙ୍କ ସବ୍ ଅଫିସ କିଛିଦିନ କାମ କରିଥିଲା । ରାଉରକେଲା ବାସୀଙ୍କ କହିବା କଥା, ସୁନ୍ଦରଗଡ ରାଉରକେଲାରୁ ଦୂର ହେଉଥିବା ବେଳେ କୋଇଡା, ବଣେଇ ଲାଗି ପ୍ରାୟ ୨୦୦ କି.ମି. ଦୂର ହେଉଛି, ଅନ୍ୟାନ୍ୟ ଅଂଚଳ ମଧ୍ୟ ଦୂର ହେଉଛି, ତେଣୁ ରାଉରକେଲାରେ ସମସ୍ତ ସୁବିଧା ଥିବାରୁ ଏହାକୁ ଏକ ଜିଲ୍ଲାର ମାନ୍ୟତା ଦେବା ଲାଗି ଦାବି ହୋଇଛି । ସେପଟେ ପେଶା ଗ୍ରାମସଭା କମିଟୀ କହିଛି ଏହା ସମ୍ବିଧାନରେ ୫ମ ସିଡ୍ୟୁଲ ଅଂଚଳ,ଏହାକୁ ଭାଗ ଭାଗ କରାଯାଇପାରିବନି । ତା ସହ ଏମାନେ ଆହୁରି କହିଛନ୍ତି, ଆଦିବାସୀ ମାନଙ୍କ ଅଧିକାରକୁ ସବୁବେଳେ ଏହିଭଳି ଅଣଦେଖା କରାଯାଉଛି, ଫଳରେ ସେମାନଙ୍କ ବଂଶ ଧିରେ ଧିରେ ଲୋପ ପାଇ ଚାଲିଛି । ଏ ଦିଗରେ ସରକାର ନୀରବ ରହୁଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ଆଜି ଶହ ଶହ ଆଦିବାସୀ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରିବା ସହ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ରାଜ୍ୟପାଳ ଓ ରାଜ୍ୟର ବିଭିନ୍ନ ଅଧିକାରୀଙ୍କୁ ତାହାର କପି ପଠାଇଛନ୍ତି ।

# ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିର ତରଫରୁ କୁଷ୍ଠାଶ୍ରମରେ କମ୍ବଳ ବଂଟନ

ବଲାଙ୍ଗିର, ୨୪/୧୨ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ମହାସଭା, ବଲାଙ୍ଗିର ପକ୍ଷରୁ ଆଜି ଗିରିଗୋବର୍ଦ୍ଧନ ନିକଟସ୍ଥ କୁଷ୍ଠାଶ୍ରମର ସମସ୍ତ ୫୭ ଜଣ ଅନ୍ତେବାସୀମାନଙ୍କୁ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ କମ୍ବଳ ବଣ୍ଟନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଉପସ୍ଥିତ ରହିବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଥିଲେ, କିନ୍ତୁ ଅନିର୍ବାଜ୍ୟ କାରଣ ହେତୁ ତାଙ୍କ ନିର୍ଦ୍ଦେଶରେ ନବକୃଷ୍ଣ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ମହାସଭାର ସଭାପତି ଧନଞ୍ଜୟ ମିଶ୍ରଙ୍କ ସଂକ୍ଷିପ୍ତ ସ୍ୱାଗତ ଭାଷଣ ତଥା କୋଷାଧକ୍ଷ ପର୍ଶୁରାମ ମିଶ୍ରଙ୍କ ଦ୍ୱାରା ସ୍ୱାଗତ ପୁଷ୍ପଗୁଚ୍ଛ ପ୍ରଦାନ ପରେ ସମ୍ପାଦକ ଜୟରାମ ମିଶ୍ର ଅତିଥି ତଥା ଉପସ୍ଥିତ ସଭ୍ୟମାନଙ୍କର ପରିଚୟ ପ୍ରଦାନ କରିଥିଲେ । ତତ୍ ପଶ୍ଚାତ ଶ୍ରୀ ସାହୁ ପ୍ରଥମେ କମ୍ବଳ ବଂଟନ ଆରମ୍ଭ କରିଥିଲେ। ତାଙ୍କର ଅନୁମତି କ୍ରମେ ମହାସଭାର ଅନ୍ୟାନ୍ୟ ଉପସ୍ଥିତ ସଭ୍ୟ ମଧ୍ୟ କମ୍ବଳ ବଂଟନରେ ଶ୍ରୀ ସାହୁଙ୍କୁ ସହାୟତା କରିଥିଲେ ।

# ବିଶ୍ୱ ପୁରୁଷ ହକି କପ ଟ୍ରଫି ଟୁରକୁ ସ୍ୱାଗତ ପାଇଁ ଜିଲ୍ଲା ପ୍ରଶାସନର ବୈଠକ

କନ୍ଧମାଳ, ୨୪/୧୨ (ନି.ପ୍ର): ଆସନ୍ତା ୨୭ ଓ ୨୮ ରେ ବିଶ୍ୱ ପୁରୁଷ ହକି କପ ଟ୍ରଫି ଟୁର ଅବସରରେ କନ୍ଧମାଳ ଜିଲ୍ଲାରେ ବିପୁଳ ସ୍ୱାଗତ ସମ୍ବର୍ଧନା କରିବା ପାଇଁ ଶୁକ୍ରବାର ଜିଲ୍ଲାପାଳଙ୍କ ସଦଭାବନା ଗୃହ ଠାରେ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଜିଲ୍ଲା ପରିଷଦ ବିଶ୍ୱ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଉପ ଜିଲ୍ଲାପାଳ ଶେଷ ଦେବ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ଯେପରି ଆକର୍ଷଣୀୟ ଓ ସଫଳ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଆସନ୍ତା୨୭ ତାରିଖ ସନ୍ଧ୍ୟା ୬ ଟା ରେ ଟ୍ରଫି ଜିଲାର ଖଜୁରୀପଡା ବ୍ଲକ ରେ ପହଂଚିବା ପରେ ସେଠାରେ ବ୍ଲକ ପ୍ରଶାସନ, ଲୋକ ପ୍ରତିନିଧି, ବିଭିନ୍ନ ନାଗରିକ କମିଟି, କ୍ଲବ, ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଧନା ଦେବା ଲାଗି ନିଷ୍ପତି ହୋଇଛି। ସେହିପରି ଏକ ମିନି ମାରାଥନର ଆୟୋଜନ କରାଯାଇଛି। ଏହାପରେ ଟ୍ରଫି ଫୁଲବାଣୀର କରୋନେସନ ପଡିଆରେ ରାତି ୭ଟା ୩୦ରେ ପହଂଚିବ। ପହଁଚିଲା ପରେ ସ୍ୱାଗତ କରାଯିବ। ଏଥି ସହ ନାଚ ଗୀତ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ତାପରେ ଟ୍ରଫି କୁ ସର୍କିଟ ହାଉସ ରେ ପୋଲିସ ର କଡା ସୁରକ୍ଷା ମଧ୍ୟରେ ରଖାଯିବ। ପରଦିନ ଟ୍ରଫି କୁ ଜଗନ୍ନାଥ ମନ୍ଦିରକୁ ଅଣାଯାଇ ସେଠାରେ ସର୍ବସାଧାରଣ ଦେଖିବା ପାଇଁ ରଖାଯିବ।

ପରେ ଏକ ର଼ାଲି କୋର୍ଟ ଛକରୁ ବାହାରି ନାଚଗୀତ, ବାଦ୍ୟ ସହ ମୁଖ୍ୟରାସ୍ତା ଦେଇ ମାଦିକୁନ୍ଦା ଛକ ଦେଇ ମହିଳା ମହାବିଦ୍ୟାଳୟ ଦେଇ ଗାନ୍ଧୀ ଛକ, ଡିଆରଡିଏ ଦେଇ କରୋନେସନ ଗ୍ରାଉଣ୍ଡରେ ପହଂଚିବ। ର଼ାଲିରେ ଜିଲ୍ଲା ପ୍ରଶାସନ, କ୍ରୀଡ଼ା ସଂଘ, ପ୍ରେସ କ୍ଲବ, ମୋଟର ଚାଳକ ସଂଘ, ଫୁଲବାଣୀ କ୍ଲବ, ସ୍କାଉଟ ଗାଇଡ଼, ଏନସିସି, ପୋଲିସ, ଅଗ୍ନିଶମ ବିଭାଗ, ସମେତ ସହରର ବୁଦ୍ଧିଜୀବୀ, ମହିଳା ସଂଗଠନ ଯୋଗ ଦେବେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ପୌର ଅଧିକାରୀ ବଳଦେବ ବେହେରା, କ୍ରୀଡ଼ା ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ସଂସ୍କୃତି ଅଧିକାରୀ, କ୍ରୀଡ଼ା ଅଧିକାରୀଙ୍କ ସମେତ ଜିଲ୍ଲା ସୂଚନା ଅଧିକାରୀ ପ୍ରଭାକର ମହାରଣା ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତ ଶିବିର

ଜୟପୁର, ୨୪/୧୨ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ପୈ।ଷ୍ୟଗ୍ରାମ ଫୁଲବାଡ ଠାରେ ସପ୍ତ ଦିବସୀୟ ଶୀତ ଶିବିର ଉଦ୍ଘାଟିତ ହୋଇଯାଇଛି । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼. ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର ଶୀତ ଶିବିର ୨୩/୧୨/୨୦୨୨ ରୁ ୨୯/୧୨/୨୦୨୨ ପର୍ଯ୍ୟନ୍ତ ଚାଲିବ । ପଚାଶ ଜଣ ଛାତ୍ରୀ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ସ୍ୱତନ୍ତ୍ର ଶୀତ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜୟପୁର ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ଡ଼. ନିଳାଂଚଳ ପ୍ରଧାନ ଯୋଗଦେଇ ମାନବ ସେବାକୁ ମାଧବ ସେବା ଭାବରେ ଜୀବନର ବ୍ରତ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପଟ୍ଟନାୟକ ସ୍ୱେଚ୍ଛାସେବୀ ମାନଙ୍କୁ ଭବିଷ୍ୟତରେ ଭଲ ନାଗରିକ ଭାବରେ ଦେଶର ବିକାଶରେ ଭାଗିଦାରୀ ହେବାପାଇଁ ନିଜ କର୍ତ୍ତବ୍ୟରେ ସମ୍ବୋଧିତ କରିବା ସହ ନିଜ ଛାତ୍ର ଜୀବନରେ ଏନ୍ ଏସ ଏସ ସ୍ୱେଚ୍ଛାସେବୀ ଭାବେ ପାଇଥିବା ପ୍ରେରଣା ଓ ଅନୁଭୂତି ପିଲାଙ୍କୁ ଅବଗତ କରାଇଥିଲେ । ସମ୍ମାନୀତ ଅତିଥି ଭାବରେ ବିଜ୍ଞାନ ଇଂଟରନ୍ୟାସନାଲ ସ୍କୁଲର ନ୍ୟାସର ସଭ୍ୟ କାଲୁରାମ ପଣ୍ଡା ମାନବ ସେବା ଦ୍ୱାରା ମିଳୁଥିବା ଆତ୍ମ ସନ୍ତୋଷ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ଓ ଅଶୋକ ମୁଣ୍ଡା ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ନିଜେ ଭଲ କାମ କରି ସର୍ବଶ୍ରେଷ୍ଠ ମଣିଷ ଭାବରେ ନିଜକୁ ଗଢି ତୋଳିବାକୁ ମାର୍ଗଦର୍ଶନ କରିଥିଲେ। ଡ଼. ପ୍ରଧାନ ଶିବିରର କାର୍ଯ୍ୟସୂଚୀ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ।

# ବୋରୱେଲ ରୋବଟିକ୍ ରେସ୍କ୍ୟୁର କରି ଚର୍ଚ୍ଚାରେ ୩ ଯୁବ ଇଞ୍ଜିନିୟର

ଜୟପୁର, ୨୪/୧୨ (ନି.ପ୍ର): ବୋରୱେଲ ଭିତରେ ଅଜାଣତରେ ଛୁଆ ଖସିଯାଉଛନ୍ତି। ସେମାନଙ୍କୁ ସୁରକ୍ଷିତ ଭାବେ ବାହାର କରିବାକୁ ବହୁ ପ୍ରଚେଷ୍ଟା କରାଯାଉଛି। ଏଥିପାଇଁ ବହୁ ସମୟ ଲାଗିଯାଉଥିବା ବେଳେ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। କେତେବେଳେ ପିଲାଟି ସୁରକ୍ଷିତ ଭାବେ ବାହାରିପାରୁଛି ଆଉ କେତେବେଳେ ମୃତ୍ୟୁବରଣ କରୁଛି। ଏଭଳି ବୋରୱେଲରେ ଫସି ରହିଥିବା ପିଲାକୁ ବାହାର କରିବା ପାଇଁ ରୋବଟ ତିଆରି କରି ୩ ଜଣ ଯୁବ ଇଞ୍ଜିନିୟର ଏବେ ଚର୍ଚ୍ଚାକୁ ଆସିଛନ୍ତି। ତିନି ଜଣ ଯୁବ ଇଞ୍ଜିନିୟର ନିଜର ଜ୍ଞାନ କୌଶଳ ଓ ଅଭିଜ୍ଞତାକୁ ବ୍ୟବହାର କରି 'ବୋରୱେଲ ରୋବୋଟିକ୍ ରେସ୍କ୍ୟୁର' ତିଆରି କରିଛନ୍ତି। ଯାହାକି ଗଭୀର ବୋରୱେଲ ଭିତରକୁ ଯାଇ ଫସି ରହିଥିବା ପିଲାକୁ ସୁରକ୍ଷିତ ଭାବେ ବାହାର କରିପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

ତିନି ଜଣ ଯୁବ ଇଞ୍ଜିନିୟର ହେଉଛନ୍ତି ଶିଶିର ମଲ୍ଲିକ, ବିରେନ୍ କୁମାର ପ୍ରଧାନ ଓ ଲିଙ୍ଗରାଜ ପ୍ରଧାନ। କୋରାପୁଟ ଜିଲ୍ଲା ଜୟପୁର ସହରର ପାରାବେଡାରେ ଶିଶିରଙ୍କ ଘର ହୋଇଥିବା ବେଳେ ବିରେନଙ୍କ ଘର ଗଞ୍ଜାମ ଜିଲ୍ଲା ବାଦପୁର ଗ୍ରାମ ଓ ଲିଙ୍ଗରାଜଙ୍କ ଘର ଚିକିଟି ବ୍ଲକ କୃଷ୍ଣପୁର ଗ୍ରାମରେ। ତିନି ଜଣ ଛତିଶଗଡ ରାଜ୍ୟର ଏନଏମଡିସି ଠାରେ କାମ କରୁଥିବା ବେଳେ ସେଠାରେ ପରିଚିତ ହୋଇ ସାଙ୍ଗ ହୋଇଥିଲେ। ଚଳିତ ମାସରେ ମଧ୍ୟପ୍ରଦେଶର ବେଟୁଲ ଜିଲ୍ଲାରେ ୪ ଶହ ଫୁଟ ଗଭୀର ବୋରୱେଲ ଭିତରେ ପଡିଥିବା ୮ ବର୍ଷ ବାଳକ ତନ୍ମୟ ସାହୁକୁ ବଂଚାଇବାରେ ଉଦ୍ଧାରକାରୀ ଦଳ ବିଫଳ ହୋଇଥିଲେ। ଦୀର୍ଘ ୬୫ ଘଂଟା ଧରି ଉଦ୍ଧାରକାରୀ ଦଳ ଚେଷ୍ଟା କରି ବାହାର କରିବା ବେଳକୁ ତାର ମୃତ୍ୟୁ ହୋଇ ସାରିଥିଲା। ଛୋଟ ଛୁଆଟି ବୋରୱେଲ ଭିତରେ ଖସି ମୃତ୍ୟୁବରଣ କରିଥିବା ଖବରଟି ଏହି ତିନି ଜଣଙ୍କୁ ଦୁଃଖ ଦେଇଥିଲା। ଏହାପରେ ସେମାନେ ଏମିତି କିଛି ରୋବଟ ତିଆରି କରିବେ ଯାହାଫଳରେ ତାହାକୁ ସୁରକ୍ଷିତ ଭାବେ ଉପରକୁ ଆଣିପାରିବେ ସେନେଇ ଆଲୋଚନା କରିଥିଲେ। ତିନି ଜଣ ଇଲେକ୍ଟ୍ରିକାଲ ଏଣ୍ଡ ଇଲୋକ୍ଟ୍ରୋନିକ୍ସ ଇଞ୍ଜିନିୟର ପଢ଼ିଥିବା ବେଳେ ଏକ ନୂତନ କୌଶଳ ବ୍ୟବହାର କରି ବାହାର କରିବା ପାଇଁ ଚେଷ୍ଟା କରିଥିଲେ। ଗୋଟିଏ ପରେ ଗୋଟିଏ ସାମଗ୍ରୀ ସଂଗ୍ରହ କରି ତିଆରି ଆରମ୍ଭ କରିଥିଲେ। ବର୍ତମାନ ସେମାନେ ଏହି ରୋବଟର ଡେମୋ ତିଆରି କରିଛନ୍ତି। ଏହି ରୋବଟ୍ ବ୍ୟାଟେରୀ କିମ୍ବା ବିଦ୍ୟୁତ ଦ୍ୱାର ପରିଚାଳିତ ହୋଇପାରିବ।

ସେମାନେ କହିବାନୁଯାୟୀ, ଏହି ବୋରୱେଲ୍ ରୋବୋଟିକ୍ ରେସ୍କ୍ୟୁର ବିଶେଷତ୍ୱ ହେଉଛି, ବୋରୱେଲ ଉପରେ ଏକ ଲୁହା ଫ୍ରେମ ରଖାଯିବ। ସେଠାରୁ ବୋରୱେଲ ଭିତରକୁ ଏହି ରୋବଟକୁ ଛଡାଯିବ। ଆଇରନ୍ କେବୁଲ ସାହଯ୍ୟରେ ତାହା ଭିତରକୁ ଯିବ ଏବଂ ଉପରକୁ ଆସିବ। ଏଥିପାଇଁ ରୋବାଟିକ୍ କଂଣ୍ଟ୍ରୋଲର ରଖାଯିବ ଯଦ୍ୱାରା ସେହି ରୋବଟକୁ ସେ ନିୟନ୍ତ୍ରଣ କରିପାରିବ। ଏହାର ପାର୍ଶ୍ୱରେ ଉପରେ ୨ଟି ଓ ତଳେ ୨ଟି ଚକ ରହିବ। ଯାହାଫଳରେ ଭିତରକୁ ଯିବା ଓ ଆସିବାରେ ସୁବିଧା ହେବ। ତଳକୁ ଯିବା ବେଳେ ଧୀରେ ଧୀରେ ଅକ୍ସିଜେନ ବାହାରକୁ ଛାଡି ଛାଡି ଯିବ। ପିଲା ନିକଟରେ ପହଂଚିବା ପରେ କ୍ୟାମେରା ସାହାଯ୍ୟରେ ତାହାକୁ ନିରୀକ୍ଷଣ କରାଯିବ। ସେଥିରେ ୱାଟର ପ୍ରୁଫ ଲାଇଟ୍ ଲାଗିଥିବାରୁ ଭିତରର ଚିତ୍ର ଦେଖାଯାଇପାରିବ। ଏଥିସହ ସେଥିରେ କଥା କହିବା ପାଇଁ ମାଇକ୍ ଓ ସ୍ପିକର ବ୍ୟବସ୍ଥା ରହିଥିବ। ପିଲା ନିକଟରେ ପହଂଚିବା ପରେ ତଳ ଫ୍ୟାନ ସାହାଯ୍ୟରେ ଅକ୍ସିଜେନ ଯୋଗାଇବ ଓ ଉପର ଫ୍ୟାନ ଦ୍ୱାରା ତଳେ ଥିବା ଗ୍ୟାସକୁ ଉପରକୁ ଟାଣି ବାହାର କରିବ। ସେହି ସମୟରେ ହାଇଡ୍ରୋଲିକ ହ୍ୟାଣ୍ଡ ଦ୍ୱାରା ପିଲାକୁ ନିଜର ପୋଜିସନକୁ ଆଣାଯିବ। ଏହାପରେ ସେଥିରେ ଥିବା ଦୁଇଟି ପାଇପକୁ ପିଲାଙ୍କୁ ହାତରେ ଧରିବା ପାଇଁ କୁହାଯିବ ଯଦିଓ ସେ ସାନ ପିଲା ହୋଇଥିବେ ଜାଣି ନପାରିବେ ତେବେ ହାଇଡ୍ରୋଲିକ୍ କେବୁଲ ସେଥିରୁ ବାହାରି ପିଲାକୁ ଜାବୁଡି ଧରିବାକୁ ଚେଷ୍ଟା କରିବେ। ଏହା ଦ୍ୱାରା ଧୀରେ ଧୀରେ ପିଲାକୁ ଉପରକୁ ସୁରକ୍ଷିତ ଭାବେ ଟାଣି ବାହାର କରାଯିବ। ଏହି ସମସ୍ତ ବ୍ୟବସ୍ଥା କ୍ୟାମେରାରେ ଦେଖି ତାହାକୁ କଂଟ୍ରୋଲ କରାଯାଉଥିବ ବୋଲି କହିଛନ୍ତି। ଏହାକୁ ତିଆରିରେ ହାଇଡ୍ରୋଲିକ ହ୍ୟାଣ୍ଡ୍, ଏଲଇଡି ଲାଇଟ୍, କ୍ୟାମେରା, ସ୍ପିକର, ମାଇକ୍, ଚକ, ଅକ୍ସିଜେନ୍ ଟାଙ୍କି, ଫ୍ୟାନ୍, ଲାପଟପ୍ ଆଦି ବିଭିନ୍ନ ସାମଗ୍ରୀର ଆବଶ୍ୟକତା ରହିଛି। ଏହାର ଓସାର ପାଖାପାଖି ୮ ଇଂଚ ଓ ଲମ୍ବା ୨ ଫୁଟ ୬ ଇଂଚ ରହିବ। ଏହା ୫୦ କିଲୋରୁ ଅଧିକ ଓଜନକୁ ଉଠାଇ ଆଣିପାରିବ। ଏହି ଡେମୋ ତିଆରି ପାଇଁ ୮ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସମ୍ପୂର୍ଣ୍ଣ ଭାବେ ତିଆରି ପାଇଁ ପାଖାପାଖି ୩୦ ହଜାର ଟଙ୍କା ହେବ ବୋଲି ପ୍ରକାଶ କରିଛନ୍ତି। ଏହି ରୋବଟ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହଯୋଗ ମିଳିଲେ ଆହୁରି ଉନ୍ନତମାନର ସାମଗ୍ରୀ ଲଗାଇପାରିବେ ବୋଲି ସେମାନେ କହିଛନ୍ତି।

# ଯୁବ ରେଡ଼କ୍ରସର ୧୪ ଜଣିଆ ଦଳର ପଞ୍ଜାବ ଗସ୍ତ

ମାଲକାନଗିରି, ୨୪/୧୨ (ନି.ପ୍ର): ଭାରତୀୟ ରେଡକ୍ରସ୍ ସଂସ୍ଥାର ପଞ୍ଜାବ ରାଜ୍ୟ ଶାଖା ଦ୍ୱାରା ଜାତୀୟ ସ୍ତରରେ ବିଭିନ୍ନ ରାଜ୍ୟର ଜୁନିଅର ରେଡ଼କ୍ରସ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ବୈଚାରିକ ଆଦାନପ୍ରଦାନ ବୃଦ୍ଧି ଓ ଯୁବ ସ୍ୱେଚ୍ଛାସେବୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ନେସନାଲ ୟୁଥ୍ ଏକ୍ସଚେଞ୍ଜ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।୧୫ ରୁ ୧୮ ବର୍ଷ ବୟସର ରେଡକ୍ରସ ସ୍ୱେଚ୍ଛାସେବୀ ମାନେ ତା ୨୪.୧୨.୨୦୨୨ରିଖରୁ ତା ୨୯. ୧୨.୨୦୨୨ ରିଖ ପର୍ଯ୍ୟନ୍ତ ଅମୃତସର ସହରର ଭାରତୀୟ ବିଦ୍ୟା ଭବନ ଦ୍ୱାରା ପରିଚାଳିତ ସଚନ ଲାଲ ପବ୍ଲିକ ସ୍କୁଲ ଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ । ଓଡ଼ିଶା ରାଜ୍ୟ ଶାଖା ତରଫରୁ ଗୋଟିଏ ଚଉଦ ଜଣିଆ ଦଳ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେବା ଲାଗି ଆଜି ଭୁବନେଶ୍ୱରରୁ ବାହାରିଛନ୍ତି । ରେଡକ୍ରସ ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକ, କୋଷାଧକ୍ଷ ଭବାନୀ ପ୍ରସାଦ ନନ୍ଦ, ଯୁବ ରେଡକ୍ରସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଏବଂ ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ କୁମାର ସ୍ୱାଇଁ ଦଳର ସମସ୍ତ ସଦସ୍ୟଙ୍କୁ ଏଥିଲାଗି ଅଭିନନ୍ଦନ ଜଣାଇବା ସହିତ ଜାତୀୟ ସ୍ତରରେ ଓଡିଶାର ଗୌରବକୁ ଅଧିକ ଉଚ୍ଚକୁ ନେବାଲାଗି ପ୍ରୋତ୍ସାହିତ କରିଛନ୍ତି । ଦଳର ସଦସ୍ୟ ଭାବେ ମାଲକାନଗିରି ଜିଲ୍ଲାରୁ ପାଂଚ ଜଣ, କଟକ ଜିଲ୍ଲାରୁ ପାଂଚ ଜଣ ଓ ମୟୂରଭଞ୍ଜ ଜିଲ୍ଲାରୁ ଦୁଇ ଜଣ ଲେଖାଏଁ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ମାଲକାନଗିରି ଜିଲ୍ଲା ଯୁବ ରେଡ଼କ୍ରସ୍ ସଂଯୋଜକ ଜି. ଆଶିଷ ରାଠୋର ଏବଂ ଉଦୟନାଥ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ , ଅଡସପୁର, କଟକର ଯୁବ ରେଡ଼କ୍ରସ ପରାମର୍ଶଦାତ୍ରୀ ଅମିତା ବାଳା ମହାନ୍ତି ଏହି ଦଳର ନେତୃତ୍ୱ ନେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୫ ଡିସେମ୍ବର, ୨୦୨୨
email :
rabibarachayan2015@gmail.com

ରବିବାର ଚ



ପୃଷ୍ଠା ୩

.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

**ଭାଗ-୧୦୪**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ତା.୯.୧୦.୪୧ ଦିନ ଶ୍ୟାମାକୁ ନେଇ ଡାକ୍ତର ଦୁଖନରାମଙ୍କ ସହିତ ସାକ୍ଷାତ କଲି । ପୁରୀରୁ ଆଣିଥିବା ମହାପ୍ରସାଦ ଶ୍ୟାମା ତାଙ୍କ ଘର ଭିତରକୁ ନେଇଗଲା । ଡାକ୍ତର ଦୁଖନରାମ ପ୍ରାତଃସ୍ନାନ ସମାପନ କରି ବସିଥିଲେ । ଏହି ସମୟରେ ମହାପ୍ରସାଦ ଶ୍ୟାମା ତାଙ୍କ ସମ୍ମୁଖରେ ସ୍ଥାପନ କଲା ଓ ତାହା ସେବନ କଲେ ଏବଂ ପରେ ଆସି ମୋର ହାତଧରି ମହାପ୍ରସାଦ ଆଣିଥିବା ଯୋଗୁଁ କେତେ ଧନ୍ୟବାଦ ଦେଲେ । ଜଗନ୍ନାଥଙ୍କ ମହାପ୍ରସାଦ ସେବନରେ କେଉଁ ହିନ୍ଦୁ ଆତ୍ମପ୍ରସାଦ ଅନୁଭବ ନକରେ? ତତ୍ପରେ ଶ୍ୟାମାର ଚକ୍ଷୁ ପରୀକ୍ଷା କଲେ ଓ ପୂର୍ବାପେକ୍ଷା ଖୁବ୍ ଭଲ ଥିବା କହିଲେ; ପୁଣି କହିଲେ ଯେ ତାହାର ଟନ୍‌ସିଲ୍ ବୃଦ୍ଧି ହୋଇଛି ତାହା ଅପରେସନ୍ କରିଦେଲେ ଚକ୍ଷୁର ଅବସ୍ଥା ଆହୁରି ଭଲ ହେବ । ଘରେ ବ୍ୟବହାର ସକାଶେ ଆଉ ଔଷଧାଦିର ନୂତନ ବ୍ୟବସ୍ଥାପତ୍ର ଲେଖିଦେଲେ ।

ସୁଷମାକୁ ଚିନ୍ତାକୁଳ ହୃଦୟରେ ପାଟଣାରେ ଛାଡ଼ିଦେଲେ ଆସିଲି । ବ ର୍ତ୍ତମାନ ତାହାର ସ୍ୱାସ୍ଥ୍ୟ ମୋର ପ୍ରଧାନ ଚିନ୍ତାର ବିଷୟ ହୋଇଥିଲା । ଅତ୍ୟନ୍ତ ସାହସ ସହକାରେ ତ ସେ ରହିଲା । ଏହି ସ୍ୱାସ୍ଥ୍ୟ ନେଇ କଠିନ ଚିକିତ୍ସା ବିଷୟଗୁଡ଼ିକ ସେ କିପରି ଗଢ଼ିବ । ଏହା ଭାବି ମୋର ମନ ବଡ଼ ଅସ୍ଥିର ହେଉଥାଏ । ତାହାର କି ଅପୂର୍ବ ସ୍ୱାସ୍ଥ୍ୟ ଥିଲା । ପାଟଣାକୁ ଆସି ଏକାବେଳକେ ଭାଙ୍ଗି ଯାଇଅଛି । ଏହାର କାରଣ କଠିନ ଡାକ୍ତରି ପାଠ ଓ ତାହା ସଙ୍ଗେ ବ୍ୟାବହାରିକ ଶିକ୍ଷାରେ କଠିନ ଶାରୀରିକ ପରିଶ୍ରମ । ପୁଣି ଅନିୟମିତ ଆହାର । ଭାଗ୍ୟାଧୀନ ମନେକରି ନିଃସହାୟ ଅବସ୍ଥାରେ ସହିବାକୁ ହୋଇଚି ।

ପୁରୀକୁ ଫେରିଆସି ଆମ୍ଭେମାନେ ଆଉ ଚାରିଦିନ ରହି ସମ୍ବଲପୁରକୁ ଫେରିଆସିଲୁ । ମୋର ତିନିମାସ ବାରଦିନକୁ ଛୁଟି ୨୩.୧୦.୪୧ରେ ଶେଷହେଲା ଓ ୨୪.୧୦.୪୧ରେ ମୁଁ ସମ୍ବଲପୁରରେ ପୁଣି ମୋ କାର୍ଯ୍ୟରେ ଯୋଗଦେଲି ।

<u>ପୁଣି ସମ୍ବଲପୁରରେ ଅବସ୍ଥାନ</u>

ତା.୧୯.୪.୧୯୪୨ ମୋର ୫୫ବର୍ଷ ବୟସ ପୂର୍ଣ୍ଣ ହେଉଥିବା ଯୋଗୁଁ ସରକାରୀ ନିୟମାନୁସାରେ ମୁଁ ମୋର କାର୍ଯ୍ୟରୁ ଅବସର ନେବାକଥା । ଅବସର ନେବା ପୂର୍ବରୁ ମୁଁ ମୋର ସ ଞ୍ଚିତ ୩ ମାସ ୧୮ ଦିନର ଛୁଟି ସକାଶେ ତା ୧୮.୧୧.୧୯୪୧ରେ ଦରଖାସ୍ତ କରିଦେଲି । କିନ୍ତୁ ଏଇ ଛୁଟି ମୋତେ ମିଳିଲା ନାହିଁ । ଦ୍ୱିତୀୟ ମହାଯୁଦ୍ଧ ସେତେବେଳେ ଚାଲିଛି । ସରକାରଙ୍କ ଠାରୁ ହୁକୁମ ଆସିଲା ଯେ ଡେପୁଟି କଲେକ୍ଟରଙ୍କ ଅଭାବ ଯୋଗୁଁ ମୋର ଦରଖାସ୍ତ ଅନୁଯାୟୀ ଛୁଟି ଦିଆନଯାଇ ପରେ ତହିଁର ବିଚାର ହେବ ଓ ମୋତେ ଅବସର ସୁଦ୍ଧା ଦେଇ ଦିଆହେବ ନାହିଁ । ସୁତରାଂ ୫୫ବର୍ଷ ବୟସ ପରେ ସୁଦ୍ଧା ମୋତେ ତା ୨୭.୯.୧୯୪୨ ପର୍ଯ୍ୟନ୍ତ ଅର୍ଥାତ୍ ଆହୁରି ୬ ମାସ ରହିବାକୁ ହେଲା ।

ସନ ୧୯୩୯ ଏପ୍ରିଲ ୪ ତାରିଖରେ ମୁଁ କଟକରୁ ବଦଳି ହୋଇ ଆସି ସମ୍ବଲପୁରରେ ରହିଥିଲି । ମୋ ଝିଅ ଶ୍ୟାମାର ଚକ୍ଷୁରୋଗର ଚିକିତ୍ସା ସକାଶେ କେବଳ ଅଳ୍ପଦିନ ପାଇଁ ଛୁଟିରେ ରହିଥିଲି ଓ ଛୁଟି ପରେ ପୁଣି ସମ୍ବଲପୁରରେ ରହିଲି । ଏହି ପ୍ରାୟ ସାଢ଼େ ୩ ବର୍ଷର ସମ୍ବଲପୁରରେ ଅବସ୍ଥାନ କାଳ ମଧ୍ୟରେ ସୁଦ୍ଧା ଝିଅମାନଙ୍କ ଉଚ୍ଚଶିକ୍ଷା ପ୍ରତି ଯତ୍ନର ଅଭାବ ନଥାଏ । ମୋର ପଂଚମା କନ୍ୟା ସୁଷମା ୧୯୪୧ ମସିହାରେ ପାଟଣା ମେଡିକାଲ କଲେଜରେ ତୃତୀୟ ବାର୍ଷିକ ଶ୍ରେଣୀରେ । ୧୧ ଝିଅ ମଧ୍ୟରୁ ପ୍ରଥମ ତିନି ଝିଅ ମନୋରମା, ତିଳୋତମା ଓ ଅନୁପମାର ବିବାହ ସେମାନଙ୍କ ବାଲ୍ୟକାଳରେ ହୋଇଯାଇଥିଲା । ଚତୁର୍ଥ ଝିଅ ନିରୁପମାର ବିବାହ ୧୯୩୪ ମସିହାରେ ସାରଦା ଆଇନାନୁସାରେ ତାହାର ୧୪ ବର୍ଷ ବୟସରେ ସମ୍ପୂର୍ଣ୍ଣ ହେଲା । କିନ୍ତୁ ବିବାହ ଉ ।ରେ ସୁଦ୍ଧା ସେ ପଢ଼ିବାକୁ ଲାଗିଲା । ୧୯୩୯ ମସିହାରେ ସେ ବିଏ କ୍ଲାସରେ । ଷଷ୍ଠ ଝିଅ ସୁରମା ୧୯୪୦ ସାଲରେ ମେଟ୍ରିକୁଲେସନ ପାଶ୍ କଲା ଉ ।ରେ ତାହାର ବିବାହ ହେଲା ଓ ବର୍ଷେ କାଳ କଲେଜରେ ରହିଲା ପରେ ତାହା ତ୍ୟାଗ କରିବାକୁ ହେଲା । ସପ୍ତମ ଝିଅ ନିଳିମା ମଧ ୧୯୪୦ ସାଲରେ ମେଟ୍ରିକୁଲେସନ ପାସ କଲା ଉ ।ରେ ତାହାର ଭାବି ଶ୍ୱଶୁରଙ୍କ ବାରଣ ଯୋଗୁ ଏହିଠାରେ ତାହାର ଶିକ୍ଷା ସାଙ୍ଗ ହେଲା । କଟକରୁ ୧୯୩୯ ମସିହା ଏପ୍ରିଲ ମାସରେ ଚାଲିଆସିଲା ସମୟରେ ଅଷ୍ଟମ ଝିଅ ଉପାକୁ କଟକ ରେଭେନ୍ସା ବାଳିକା ସ୍କୁଲରେ ଛାଡ଼ି ଆସିଲି । ନବମ ଝିଅ ଶ୍ୟାମା ତ ଚକ୍ଷୁରୋଗରେ ବ୍ୟସ୍ତ । ତାହାର ପାଠପଢ଼ା ବନ୍ଦ ହୋଇଯାଇଅଛି । ଦଶମ ଝିଅ ପୂର୍ଣ୍ଣିମା ଓ ଏକାଦଶ ଝିଅ ସତ୍ୟଭାମା ଶିଶୁ । ଘରେ ରହିଅଛନ୍ତି । କଟକରେ ଥିବା ଝିଅମାନଙ୍କ ସଙ୍ଗେ ପୁରୀର ଝିଅ ସୂର୍ଯ୍ୟମଣି ମଧ୍ୟ ରହିଅଛି ।

ସୁଷମାକୁ ମେଡିକାଲ କଲେଜରେ ରଖି ଦେଇଥିଲେ ସୁଦ୍ଧା ତାହାର ବିବାହ ବିଷୟରେ ମୁଁ ଚିନ୍ତା କରୁଥାଏ । କିନ୍ତୁ ତାହାର ପିଲା ଦିନରୁ ସ୍ଥିର ହୋଇଥିବା ପାତ୍ର ସହିତ ସମ୍ପର୍କ ଭାଂଗିଗଲା ପରେ ତାହା ସକାଶେ ଆଉ ପାତ୍ର ଯୋଗାଡ଼ କରି ପାରିଲି ନାହିଁ । ଏହା ହେଉଛି ପ୍ରାୟ ୨୫ ବର୍ଷ ତଳର କଥା । ଏହି ୨୫ ବର୍ଷ ମଧ୍ୟରେ ସମ୍ବଲପୁର ବ୍ରାହ୍ମଣ ସମାଜର ଅବସ୍ଥା ଓ ବ୍ୟବସ୍ଥା ସମ୍ବନ୍ଧରେ ଅନେକ ପରିବ ର୍ତ୍ତନ ଘଟିଯାଇଅଛି । ସମ୍ବଲପୁରର ବ୍ରାହ୍ମଣ ସମାଜ ସେହି ସମୟରେ ଅତ୍ୟନ୍ତ ରକ୍ଷଣଶୀଳ ଥିଲେ । ଉତ୍କଳୀ ବା ଓଡ଼ିଆ ଓ ଆରଣ୍ୟକ ବା ଝାଡୁଆ ବ୍ରାହ୍ମଣଙ୍କ ମଧ୍ୟରେ ପରସ୍ପର ବୈବାହିକ ସମ୍ପର୍କ ନଥିଲା । ଆରଣ୍ୟକ ବ୍ରାହ୍ମଣ ମାନଙ୍କ ମଧ୍ୟରେ ଦେଖାଯାଉଥିବା ପାତ୍ରାଭାବ ଯୋଗୁଁ ନିକଟ ସମ୍ପର୍କୀୟ ପାତ୍ରପାତ୍ରୀ ମଧ୍ୟରେ ବିବାହ ହେଉଥିଲା ଓ ଏବେସୁଦ୍ଧା କେତେକ ସ୍ଥାନରେ ହେଉଅଛି । ଏମାନେ ଆନନ୍ଦରେ ଯେ ତାହା କରୁଅଛନ୍ତି ତାହା ନୁହେଁ, କରିବାକୁ ବାଧ ହେଉଛନ୍ତି, ଶାରଦା ବା ବାଲ୍ୟବିବାହ ନିରୋଧ ଆଇନ ହେଲାଦିନରୁ ସମ୍ବଲପୁରରେ ବିବାହ ପ୍ରସଙ୍ଗ ପୂର୍ବାପେକ୍ଷା ଆହୁରି ଜଟିଳ ହୋଇପଡ଼ିଅଛି । ଏହା କନ୍ୟାଦାୟଗ୍ରସ୍ତ ଲୋକଙ୍କୁ ବିବ୍ରତ କରୁଅଛି । ଏହି ଆଇନ ପ୍ରଣୟନ ଓ ପ୍ରଚଳନ ପୂର୍ବେ ଯେଉଁ ବାଲ୍ୟ ବିବାହ ସମାଜରେ ପ୍ରଚଳିତ ଥିଲା ତାହା ସର୍ବତ ଭାବେ ଅନୁମୋଦନୀୟ ହେଉନଥିଲେ ହେଁ ବ ର୍ତ୍ତମାନ ଏହି ଆଇନ ଯୋଗୁଁ ଯେଉଁ ବିଷମ ଅବସ୍ଥା ସୃଷ୍ଟି ହୋଇଅଛି ଏହା ତୁଳନାରେ ପୂର୍ବାବସ୍ଥା ଏତେ ଶୋଚନୀୟ ନଥିଲା । ସମାଜରେ କୌଣସି ଜଣଙ୍କୁ ପାତ୍ର ସ୍ଥିର କରି କନ୍ୟାର ଆଠ ବା ଦଶ ବର୍ଷ ବୟସରେ ବିବାହ କ୍ରିୟା ସମ୍ପନ୍ନ କରି ଲୋକେ କନ୍ୟାଦାୟରୁ ମୁକ୍ତ ହେଉଥିଲେ । ପାତ୍ର ନିର୍ବାଚନ ପିତାମାତାଙ୍କ ହସ୍ତରେ ନ୍ୟସ୍ତ ଥିଲା । କୂଳଶୀଳ ବିବେଚନା ପାତ୍ର ନିର୍ବାଚନର ପ୍ରଧାନ ଅଂଗୀଭୂତ ଥିଲା, ଅବଶ୍ୟ ଏହାର ପରିଣାମ ଅନ୍ଧକାରରେ ଲୋଷ୍ଟ୍ର ନିକ୍ଷେପତୁଲ୍ୟ ହେଉଥିଲା । ପାତ୍ରର ଭବିଷ୍ୟତ ବିଷୟରେ କିଛି ହେଲେ ନବୁଝି ଯାହା ତାହା ହାତରେ କନ୍ୟା ସମ୍ପ୍ରଦାନ କରାହେଉଥିଲା । କେତେକ ସ୍ଥଳରେ ପରିମାଣ ଶୁଭମୟ ଓ କେତେ ସ୍ଥଳରେ ବିଷୟମ ହେଉଥିଲା । ବ ର୍ତ୍ତମାନ ଅବସ୍ଥାରେ ସମ୍ପୂର୍ଣ୍ଣ ପରିବ ର୍ତ୍ତନ ଘଟିଅଛି । ବରକନ୍ୟା ବଡ଼ ହେଲେ ପିତାମାତାଙ୍କ ଆବଶ୍ୟକ ହେଉଥିଲେ ସୁଦ୍ଧା ବରର ମତ ଶ୍ରେଷ୍ଠସ୍ଥାନ ଅଧିକାର କରିଅଛି । ସମ୍ବଲପୁର ବ୍ରାହ୍ମଣସମାଜ ସାଧାରଣତଃ ସ୍ୱଚ୍ଛଳ ଅବସ୍ଥାପନ ନୁହେଁ । ଯେଉଁମାନେ ପାଠ ପଢ଼ିଲେ, ଚାକିରି ହେଲା ସେମାନଙ୍କ ପ୍ରଧାନ ଅବଲମ୍ବନ, ଯେଉଁମାନେ ପାଠ ନପଢ଼ିଲେ ପିତ୍ରାର୍ଜିତ ଭୂସମ୍ପତିରେ ସେମାନଙ୍କ ଜୀବନ ଅତିବାହିତ ହୁଏ । ବାଣିଜ୍ୟ ବ୍ୟବସାୟର ସ୍ଥାନ ଅତି ନିକୃଷ୍ଟ । ତେବେ ଦେଖାଯାଇଅଛି ଭୂସମ୍ପ ତ୍ତିବାନ ବର ଓ ଆଧୁନିକ ସ୍କୁଲ କଲେଜରେ ଶିକ୍ଷାପ୍ରାପ୍ତ ବର ମଧ୍ୟରେ ତାରତମ୍ୟ ଅନେକ । ଜଣେ ଶିକ୍ଷାପ୍ରାପ୍ତ ଯୁବକ ଚାକିରି ଖଣ୍ଡେ ପାଇ ଯେଉଁ ପ୍ରକାରେ ଜୀବନଯାତ୍ରା ନିର୍ବାହ କରେ ଅଶିକ୍ଷିତ ଧନବାନ ସେପରି କରିପାରେ ନାହିଁ । ସୁତରାଂ କନ୍ୟା କ ର୍ତ୍ତା ଧନବାନ ଅପେକ୍ଷା ଶିକ୍ଷାପ୍ରାପ୍ତ ଯୁବକ ପ୍ରତି ଦୃଷ୍ଟିନିକ୍ଷେପ କରନ୍ତି । କିନ୍ତୁ ଉଚ୍ଚଶିକ୍ଷା ଲାଭ କଲେ ସୁଦ୍ଧା ବ ର୍ତ୍ତମାନ ଖଣ୍ଡେ ଚାକିରି ପାଇବା ଯେପରି କଷ୍ଟକର ହେଇଅଛି ସେହି ବିଷୟ ଭାବନା କଲେ କନ୍ୟା କ ର୍ତ୍ତାଙ୍କୁ ଯେ କେତେ କଷ୍ଟ ସହ୍ୟ କରିବାକୁ ହେଉଅଛି ତାହା ସମାଜରେ ସୁସ୍ପଷ୍ଟ ଭାବେ ଦୃଷ୍ଟ ହେଉଅଛି । (କ୍ରମଶଃ)

## ଅନ୍ୱେଷଣ

# ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟସାହିତ୍ୟ

**ଭାରତର ଅନ୍ୟାନ୍ୟ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ପରି ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସମାଲୋଚନା ରୂପୀ ଝଡ଼ ତୋଫାନର ସମ୍ମୁଖୀନ ହେଉଛି ।**

■ ଜନ୍ମେଜୟ ବାବୁ

ସାହିତ୍ୟ ହେଉଛି, ଗୋଟିଏ ଦେଶର ପ୍ରାଣସ୍ପନ୍ଦନ । ଅର୍ଥାତ କୌଣସି ଦେଶର ସାହିତ୍ୟ ଅଧ୍ୟୟନ କଲେ, ଆମେ ସମ୍ପୃକ୍ତ ଦେଶର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ପ୍ରଗତି ରୂପକ ହୃତପିଣ୍ଡରୁ ଏକ ଛବିଳ ସ୍ପନ୍ଦନ ପାଇପାରିବା । ସେହି ଦୃଷ୍ଟିରୁ ବି ସାହିତ୍ୟ ଗୋଟିଏ ଦେଶର ମୁକୁର ସଦୃଶ କହିଲେ ସତ୍ୟର ଅପଳାପ ହେବନାହିଁ ।

ସାହିତ୍ୟର ଯେ ଏକ କ୍ରମବିକାଶ ଅଛି, ଏହା ସମସ୍ତେ ସ୍ୱୀକାର କରିବେ । ଯେ କୌଣସି ଦେଶର ସାହିତ୍ୟ ଆଲୋଚନା କରନ୍ତୁ, ଦେଖିବେ, ସେହି ଦେଶର ସାହିତ୍ୟର ପ୍ରାଥମିକ ରୂପ ହେଉଛି ପଦ୍ୟ । ସାଧାରଣତଃ ସାହିତ୍ୟର ଏହି ପଦ୍ୟ ରୂପରୁ କ୍ରମବିକାଶ ଜରିଆରେ ପୃଥିବୀର ସମସ୍ତ ଭାଷା ସାହିତ୍ୟ ଆସି ଅତ୍ୟାଧୁନିକ ସାହିତ୍ୟ ରୂପରେ ପହଂଚିଛି । ସୁତରାଂ ଓଡ଼ିଆ ଭାଷାର ସାହିତ୍ୟ ବା କାହିଁକି ସେହି କ୍ରମ ବିକାଶ ଧାରାରୁ ବିଚ୍ୟୁତ ହେବ? ସାଂପ୍ରତିକ ବିଶ୍ୱ ସାହିତ୍ୟର ମୁଖ୍ୟତଃ ଦିଓଟି ରୂପ ହେଲା, ଗଦ୍ୟ ଓ ଅନ୍ୟଟି ପଦ୍ୟ ସାହିତ୍ୟ । ସେ ଯାହାହେଉ, ଆମର ଆଲୋଚ୍ୟ ବିଷୟ ହେଲା, ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ-ସାହିତ୍ୟ ।

ଓଡ଼ିଆ ଭାଷାର ପଦ୍ୟସାହିତ୍ୟ, ସର୍ବଭାରତୀୟ ସ୍ତରର ଏକ ପ୍ରାଚୀନତମ ସାହିତ୍ୟ ରୂପେ ଖ୍ୟାତ । ଏପରିକି ଓଡ଼ିଆ ଭାଷାର ପ୍ରାଚୀନ ପଦ୍ୟ ସାହିତ୍ୟ ଅନ୍ୟାନ୍ୟ ଭାରତୀୟ ଭାଷାର ପ୍ରାଚୀନ ପଦ୍ୟ ସାହିତ୍ୟଠାରୁ ଅତ୍ୟଧିକ ସମୃଦ୍ଧ । କେଉଁ ପ୍ରାଚୀନ କାଳରୁ ଓଡ଼ିଆ ଭାଷାର ପଦ୍ୟସାହିତ୍ୟ ଅନ୍ୟାନ୍ୟ ଭାରତୀୟ ଭାଷାର ପଦ୍ୟସାହିତ୍ୟ ସହିତ ସମଭାବରେ ପାଦ ମିଳାଇ ଚାଲିଆସିଛି । ତଥାପି, ସାହିତ୍ୟିକ ପୃଷ୍ଠପୋଷକତାର କେତେକ ସମସ୍ୟା ଯୋଗୁଁ ଓଡ଼ିଆ ଭାଷାର ପଦ୍ୟସାହିତ୍ୟକୁ ସାମାନ୍ୟ ପଛୁଆ ବୋଲି କୁହାଯାଉଛି । ତେବେ ଗୁଣାତ୍ମକ ଦୃଷ୍ଟିରୁ ଏହା କଦାପି ପଛୁଆ ସାହିତ୍ୟ ନୁହେଁ ।

ସଂପ୍ରତି ଭାରତର ସବୁ ଭାଷାରେ ଅତ୍ୟାଧୁନିକତା ରୂପୀ ଏକ ନୂତନ ସ୍ରୋତର ପ୍ରବାହନ ସୃଷ୍ଟି ହୋଇଥିବା କାହାକୁ ଅଜଣା ନୁହେଁ । ଏହି ନୂତନ ସ୍ରୋତର ପ୍ରବାହନରେ ଓଡ଼ିଆ ଭାଷାର ପଦ୍ୟ ସାହିତ୍ୟ ମଧ୍ୟ ନିଜର ତରୀ ମେଲି ଆଗେଇ ଚାଲିଛି । ଭାରତର ଅନ୍ୟାନ୍ୟ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ପରି ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସମାଲୋଚନା ରୂପୀ ଝଡ଼ ତୋଫାନର ସମ୍ମୁଖୀନ ହେଉଛି । ସମାଲୋଚନା କରାଯାଉଛି ଯେ, ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ଦୁର୍ବୋଧ୍ୟ ଓ ଆତ୍ମକୈନ୍ଦ୍ରିକ । କିନ୍ତୁ ସୂକ୍ଷ୍ମ ରୂପରେ ବିଚାର କଲେ, ଜଣାଯିବ ଯେ ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ନା ଦୁର୍ବୋଧ୍ୟ ନା ଆତ୍ମକୈନ୍ଦ୍ରିକ, ଅନ୍ୟପକ୍ଷରେ ତାହା ସ୍ୱଚ୍ଛତାର ଆଲୋକରେ ପ୍ରତିଭାତ, ସାମଗ୍ରିକ ମାନବତାରେ ପରିପ୍ଲୁତ । ସଂପ୍ରତି ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସ୍ରଷ୍ଟାମାନେ ଯେଉଁ କୃତିରାଜି ସୃଷ୍ଟି କରୁଛନ୍ତି, ସେଥିରେ ନିଜକୁ ସାମିଲ କରି ବିଶ୍ୱରୂପର ପ୍ରତିଛବି ଅଙ୍କନ କରିଛନ୍ତି । ତେଣୁ, ଯେଉଁମାନେ ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟକୁ ସମାଲୋଚନା କରୁଛନ୍ତି, ସେମାନେ ଟିକିଏ ଗଭୀରତାକୁ ପ୍ରବେଶ କରନ୍ତୁ । ଆଶା କରାଯାଏ, ସେମାନେ ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟର ଦୁର୍ବୋଧ୍ୟ ଭିତରେ ସ୍ୱଚ୍ଛତା ଓ ଆତ୍ମକୈନ୍ଦ୍ରିକତା ଭିତରେ ସାର୍ବଜନୀନତାର ଅନନ୍ୟ ଆଲେଖ୍ୟ ପାଇପାରିବେ । ତେବେ ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ବୁଝିବାପାଇଁ ଏକ ମାନସିକ ସ୍ତର ଅଛି । ଆଉ ସେହି ମାନସିକ ସ୍ତରରେ ପହଂଚିବା ପାଇଁ ପ୍ରଚୁର ଧୈର୍ଯ୍ୟ, ଅଜସ୍ର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ଅଧ୍ୟୟନ ଓ ମନନର ଆବଶ୍ୟକତା ରହିଛି ।

ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ଆଉ ଗୋଟିଏ ବିଷୟ ଯୋଗୁଁ ସମାଲୋଚନାର ଶରବ୍ୟ ହୋଇଥାଏ ଯେ, ଏହା ଛନ୍ଦବଦ୍ଧ ନୁହେଁ । ତେଣୁ, ଏହା ଗଦ୍ୟରୂପ ନେଇ ପଦ୍ୟର ମସୃଣ ଆଙ୍ଗିକ ସ୍ୱରୂପ ହରାଇବସେ । ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ପ୍ରତି ଏଭଳି ସମାଲୋଚନା ସଂପୂର୍ଣ୍ଣ ରୂପେ ନିରର୍ଥକ, ଏହା ନିଶ୍ଚିତ । କାରଣ, ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟର ନିଜସ୍ୱ ଏକ ଅନନ୍ୟ ଆଙ୍ଗିକ ରୂପ ଅଛି, ଯାହା ଓଡ଼ିଆ ଭାଷାର ଛନ୍ଦବଦ୍ଧ ପଦ୍ୟ ସାହିତ୍ୟର ଆଙ୍ଗିକ ରୂପଠୁଁ କୌଣସିମତେ ନ୍ୟୂନ ନୁହେଁ । ଏହି ପ୍ରସଙ୍ଗରେ ଗୋଟିଏ ସାହିତ୍ୟ ସଭାରେ ଜନୈକ କବି ତଥା ସମାଲୋଚକ ସ୍ୱମତାମତ ଦେଇ କହିଥିଲେ ଯେ, ଛନ୍ଦବଦ୍ଧ ପଦ୍ୟ ରଚନା କଲାବେଳେ ଶବ୍ଦ ପ୍ରତି ନିର୍ମମ ଅତ୍ୟାଚାର କରାଯାଉଥିବାରୁ ପଦ୍ୟ ଭାବର ସ୍ୱଚ୍ଛତା ଓ ପ୍ରାଧାନ୍ୟ ହରାଇ ବସେ । ଅନ୍ୟପକ୍ଷରେ ମୁକ୍ତ ଛନ୍ଦ ପଦ୍ୟର ବାକ୍ୟଗଠନ ରୀତିରେ କୌଣସି କଟକଣା ନଥିବାରୁ ପଦ୍ୟରସ-ସିକ୍ତ, ସ୍ୱଚ୍ଛନ୍ଦ ଓ ଭାବ ପ୍ରଧାନ ହୋଇପାରିଥାଏ । ପୁନଶ୍ଚ, ସେ କହିଥିଲେ, ଅତ୍ୟାଧୁନିକ ମୁକ୍ତ ଛନ୍ଦ ପଦ୍ୟର ଛନ୍ଦବଦ୍ଧ ପଦ୍ୟ ପରି କୌଣସି ନିର୍ଦ୍ଦିଷ୍ଟ ଆଙ୍ଗିକ ଶୈଳୀ ନାହିଁ ବୋଲି ଯାହା ପ୍ରଚାର କରାଯାଇଥାଏ, ତାହା ସଂପୂର୍ଣ୍ଣ ରୂପେ ଅମୂଳକ । କାହିଁକିନା, ମୁକ୍ତ ଛନ୍ଦ ପଦ୍ୟର ବି ନିଜସ୍ୱ ଏକ ପ୍ରକାର ଭଙ୍ଗୀ ଅଛି, ଯାହାକୁ କେବଳ ଅଭ୍ୟାସ ଦ୍ୱାରା ଆୟତ୍ତ କରାଯାଇପାରିବ ।

ପୃଥିବୀରେ ପ୍ରତି ଯୁଗରେ କୌଣସି ନୂତନ ମତବାଦ ବା ଚିନ୍ତାଧାରା ପ୍ରଚାରିତ ହେଲେ, ସେଥିରେ ବିରୋଧ ପାଇଁ ଯେମିତି ଅସଂଖ୍ୟ ପ୍ରତିବନ୍ଧକ ସୃଷ୍ଟି କରାଯାଇଥାଏ, ସେମିତି ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସମ୍ମୁଖରେ ମଧ୍ୟ ସଂପ୍ରତି ଅସଂଖ୍ୟ ପ୍ରତିବନ୍ଧକ ସୃଷ୍ଟି କରାଯାଉଛି । ତେଣୁ, ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସ୍ରଷ୍ଟାମାନେ କୌଣସି ପ୍ରତିବନ୍ଧକ ପ୍ରତି ଭ୍ରୂକ୍ଷେପ ନ କରି ନିଜ ନିଜର ସୃଜନଶୀଳ ଅଧ୍ୟବସାୟରେ ସଂପୃକ୍ତ ରହନ୍ତୁ । ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟର ଏକ ଉଜ୍ଜ୍ୱଳ ଭବିଷ୍ୟତ ଅପେକ୍ଷମାଣ ।

❤ ପଟ୍ଟନାୟକ ପଡ଼ା, ସମ୍ବଲପୁର-୧
ମୋ: ୯୩୪୮୪୮୦୩୨୨

## ଆମ ସମୟର କବିତା.....



### ॥ ବିରହ ॥

**ଅକ୍ଷୟ ବେହେରା**

ବିରହ ବିଧୁରା ରାଗ ରାଗିଣୀରେ
କିଏ ଲେଖୁଥାଏ କବିତା
ଅନ୍ତରେ ଅନ୍ତର ମିଳେଇ--
ବସିଛ କି ମୋ ପରି ଆକାଶକୁ ଚାହିଁ..

କିଏ ଛିଡା ହୋଇଥାଏ ସତେ ବିରହୀଣି
ମଧୁମାଳତୀ ଲତାଟିଏ ପରି
ଚମ୍ପା ଗଛକୁ ଆଲିଙ୍ଗନ କରି

କିଏ ତୋଳି ଧରି
ନିଜକୁ ଅବିକଳ ପଠାଏ
କାହାକୁ ମୁଗ୍ଧ ଚାହାଁଣୀରେ..
ପ୍ରତିଦାନରେ ପାଇଛି

ଏକ କବିତାର ଉପହାର
ଲାବଣ୍ୟର ନିଖୁଣ କଳା କାରିଗରୀ..

ଭଞ୍ଜ ପ୍ରେୟସୀ ତୁମେ
ମାନସିଂଙ୍କ ସହକାର-ମାନସୀ
ରମାକାନ୍ତଙ୍କ ଶ୍ରୀରାଧା ତୁମେ
ବିଭୁଦତ୍ତଙ୍କ ଉର୍ବଶିର ଚିଠି
ତୁମେ ନୁହଁ କି ଏ ଅକିଞ୍ଚନର ସବୁ କିଛି ?

ଯିଏ ଲେଖେ
ଅଳ୍ପ ଅଳ୍ପ
ଯିଏ କହେ
ଅଳ୍ପ ଅଳ୍ପ
ସିଏ କଣ ପାଏ ନାହିଁ ବେଶୀ !

ସିଏ ନୁହଁ କି ପ୍ରେମିକା-କବି
ବସିଛି ପ୍ରେମର ଦୁଆର ଖୋଲି
ଆସନ୍ତିନି କେହି ଜଣେ ଇପ୍ସିତ

ଏତେ ପାଖରେ ଥାଇ..

ସେ ଜାଣିଛି ବିରହ ହିଁ
ମହା ମିଳନ
କିଛି ବାଧା ବନ୍ଧନ ନାହିଁ..

❤ ସଂପାଦକ :
କଥା କଥା କବିତା କବିତା
ଭୁବନେଶ୍ୱର-୭୫୧୦୧୬
(ମୋ) ୯୪୩୭୨୭୯୯୪୧

### ॥ ଦକ୍ଷିଣ ଦୁଆରୀ ଘର ॥

**ଜୟଶ୍ରୀ ଦାସ**

ଦକ୍ଷିଣ ଦୁଆରି ଘର ତ ମୋହର ଦକ୍ଷିଣ ଦୁଆରି ଘର
ସୁବର୍ଣ୍ଣରେଖା ଓ ସମୁଦ୍ର ଦି' ପାଖେ କାହାକୁ କରିବି ପର ?
ସାଗରକୁ ମୁଁ ତ ନାଗର ଭାବୁଚି
ନଈକୁ ଭାବୁଚି ସହୀ
କିଏ ମୋର ପର କିଏ ଆପଣାର
ମୋତେ କିନ୍ତୁ ଜଣାନାହିଁ

ଡଗର ହାତରେ ଡଗରା କହିଚି ଯିବାକୁ ତା' ପାଶେ ଧାଇଁ
ପୁରୁବା ପବନ ପାଟଶାଢ଼ୀଟିଏ
ସାଇତିଛି ମୋ ପାଇଁ
ନାଲିକଙ୍କଡାର ନାଲି ଅଳତାରେ
ରଙ୍ଗେଇ ଦେବ ମୋ ପାଦ

ବଦଳରେ ତାକୁ ଶୁଣେଇ ଦେବି ମୁଁ କବିତାରୁ ଦୁଇପଦ

ନୀଳତରଙ୍ଗର ନୀଳବସା ମୁଦି
ପିନ୍ଧେଇ ଦେବ ସେ ମୋତେ
କାନରେ କହିବ
'କିଶୋରୀ ପ୍ରିୟା ମୋ କେତେ ଭଲ ପାଏ ମୋତେ'
ଏ ପାଖରେ ମୋତେ ଚେତେଇ ଦେଉଚି ବାରମ୍ବାର ଗାଆଁ ନଈ
ବଡ଼ ଦଗାଦିଆ ସାଗର- ନାଗର
ତା' କଥା ମାନିବୁ ନାହିଁ ।

ଗାଈକି ମାରିଲେ ମଲି ସୁଧି ଜନେ
ଗାଈ ବି ମାରିଲେ ମଲି
ଦକ୍ଷିଣ ଦୁଆରି ଘରକରି ସତେ
କେଡେ ଭୁଲଟାଏ କଲି ।

❤ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ,
ଜଗାଇ, ବାଲିଆପାଳ, ବାଲେଶ୍ୱର
ମୋ: ୯୩୩୭୪୩୦୯୦୩

### ॥ କେତୋଟି ଚଉପଦୀ ॥

**ସଦାଶିବ ମିଶ୍ର**

॥ ଜୀବନଚକ୍ର ॥
ନଈ ବୁଲୁଥାଏ ଅଠର ବାଙ୍କରେ
ସୁଅରେ ନଥାଏ ଫାଙ୍କ
ବାଲି ପଡୁଥାଏ ଡହକ ନିଆଁରେ
କିଏ ସତ କିଏ ମିଛ ।

॥ ମରିଚୀକା ॥
ଶହେଟି ବରଷ ରଂଜିଲି ଗଂଜିଲି
ଚାରି ଋତୁ ଭୋଗକଲି
ପିଢ଼ା ପାଣି ଦେଇ ବସାଇ ନଦେଲେ
କାହୁଁ ଆସି କାହୁଁ ଗଲି ।

॥ ଖେଳଘର ॥
କଅଁଳିଆ ଚାରା ସରାଗେ ବଢ଼ିଲା
ଡାଳପତ୍ର ଦେଲା ମେଲି
ଜୀବନ ଭିତରେ ମରଣ ମଲାଂଗ
ଖେଳୁଥିଲା ଲୁଚକାଳୀ ।

॥ ମୋହମାୟା ॥
ପାଣି ସୁଅ ଦେହେ ସୁଖେ ଖେଳେ ମୀନ
ଭୁଲିଯାଇ ରାତିଦିନ
ଜାଲୁଆ ବାପୁଡ଼ା ତାକ ତରକରେ
ଛାଣେ, ଯେହ୍ନେ କାଳଯମ ।

॥ ଶବ୍ଦ ବସାଣ ॥
ପୋଷା ବିଲେଇର ମିଆଁଉଁ ମିଆଁଉଁ
ବୁଝି ହୁଏନାହିଁ ଭାଷା
ନିଜ ମଣିଷର ତୁଣ୍ଡ ଶବଦରେ
ଫଳଫୁଟେ ଯେତେ ତା'ଠାରୁ ଅଧିକ କ ॥

❤ ଆଡ଼ଭୋକେଟ୍,
ବଟେଶ୍ୱର, ସାଲେପୁର,
କଟକ, (ମୋ) ୮୨୮୦୧୩୩୭୧୨

### ॥ ସମୟ ॥

**ପୂର୍ଣ୍ଣଚନ୍ଦ୍ର ମହାରଣା**



ସମୟ ମତେ ଢେର ଖଟାଏ,
ହେଲେ ମୁଁ କୋଉ ଛାଡିବାଲୋକ,
ସମୟକୁ ଖର୍ଚ୍ଚ କରିଚାଲେ
ପେଟପୋଷିବା ନାଁରେ !!

କୋଉଠି ଚିତ୍ରକର
କୋଉଠି କଳାକାର
କୋଉଠି ଠିକାଦାର
କୋଉଠି ମାଷ୍ଟର
କୋଉଠି ବଣିଜ, ବେପାର
ଏମିତି କେତେକେତେ
ତରିକା ଆପଣେଇ !!

ପେଟ ସହ ପ୍ରେମ, ଧର୍ମ
ବାଦୀ, ପ୍ରତିବାଦୀ ସବୁଯୋଡି
ସମୟ ମୋଠୁ ପାଞ୍ଚ ପାହୁଣ୍ଡ
ଆଗରେ, ମୁନି, ଋଷି, ଯୋଗୀ, ତପସ୍ୱୀ
କଣ ହେଲେ ସମୟକୁ ଠକି
ଦେଇହବ ଭାବୁଛି !!

ଧେତ୍ କିଛି ବି ଚଳିବନି
ମୋ ଚଲାକି
ଯାଉଚି ପୁନିଅଁ, ଅମେଇସା, ଏକାଦଶୀ
ବ୍ରତଦିନ ଛେଳି ଟାଙ୍କ

ସୋଡୁଅ ସହ
କଡା ଦେଶୀ ମଦ ପିଇବି
ଭଜା କୁକୁଡ଼ା ମାଉଁସ
ଚାଖେଣା କରିବି !!

ମଲେ ପୋଡା ହେବି କି
ପୋତା ହେବି କିଏ ଦେଖୁଚି
ଫୁଉଲୁ ନିଶା ହେଇଗଲେ
ସମୟ ନା ତା ବୋପା
ବେହିପୋକୁ ଚଉଦ ଭୁବନ
ଦେଖେଇବି !!

❤ ବାଳକାଟି,
ଖୋର୍ଦ୍ଧା-୭୫୨୧୦୦
(ମୋ) ୯୯୩୭୭୭୭୬୫୨

# ଧ୍ୱନି ପ୍ରତିଧ୍ୱନି

**ବାଲେଶ୍ୱର, ରବିବାର, ୨୫ ଡିସେମ୍ବର, ୨୦୨୨**



## ପ୍ରେମରେ ପ୍ରେମରେ ଗୀତି ....(୭୪)



### ॥ ରାତିର ହୋଇବ ଦୁଃଖ ॥

ତୁମକୁ ପ୍ରିୟା ମୁଁ ଶେଫାଳି କହିବି
ନା କହିବି ବଣମଲ୍ଲୀ,
ସାରା ରାତି ତୁମ ବାସ୍ନାରେ ବିଭୋର
ପଥିକଟିଏ ମୁଁ ଥିଲି ।

ସଂଜ ଗଲେ ନଇଁ ଟିକେ ହସିଦେଇ
ଇସାରାରେ ମୋତେ ଡାକ,
ଆସ ହେ ପଥିକ ଚୁମିଯାଅ ମୋତେ
ମେ ।ଅ ତୁମର ଭୋକ,
ତୋଳିଥର ମୋତେ ଝରିବା ଆଗରୁ
ପଥପ୍ରାନ୍ତ ଯାଅ ଭୁଲି ।

ଝରା ଶେଫାଳି ମୁଁ କହିଲେ ତୁମକୁ
ରାତିର ହୋଇବ ଦୁଃଖ,
ବା ିତ ସାରିଛ ପଥିକକୁ ତୁମେ
ରାତିର ରାତିଏ ସୁଖ,
ଝରିଯାଅ ସିନା ଅଭିମାନେ ତୁମେ
ରାତି ସରିଗଲା ବୋଲି ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୩୩)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର
ସଂପାଦକ: ରଂଗମଞ୍ଚ, ସୁନହଟ
ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧

(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ 'ଅଧିକାର'ର ମଂଚନ ଓ ପ୍ରକାଶନ ॥

୧୯୮୯ ମସିହା ପାଇଁ ରାଉରକେଲା କଲ୍‌ଚରାଲ ଏକାଡେମୀ ଆୟୋଜିତ ଲୋକନାଟକ ମହୋତ୍ସବ ନିମନ୍ତେ ମନୋନୀତ ହେଲା, ଗୋଟିଏ ବର୍ଷ ଭିତରେ ଯୁଗଚରିତ ବୃ ।ନ୍ତ ପାଇଁ ସଂଗୀତ ନାଟକ ଏକାଡେମୀ ଓ ଅଧିକାର ପାଇଁ କଲ୍‌ଚରାଲ ଏକାଡେମୀ ଭଳି ଦୁଇ ଦୁଇଟା ସଂଭ୍ରାନ୍ତ ଅନୁଷ୍ଠାନ ଦ୍ୱାରା ମନୋନୀତ ହେବାର ଗୌରବ ଲାଭ କଲା ସ୍ରଷ୍ଟା । ସମସ୍ତେ ଉତ୍ସାହିତ ହେଲେ । ସେମିତି ସେହି ପରମାନନ୍ଦ ସାହୁଙ୍କ ନିର୍ଦ୍ଦେଶନାରେ ଆରମ୍ଭ ହେଲା ଅଭ୍ୟାସ ପ୍ରସ୍ତୁତି ପରେ ପ୍ରଥମେ ବାଲେଶ୍ୱର ଗାନ୍ଧୀସ୍ମୃତି ଭବନରେ ୧୯୮୯ ମସିହା ନଭେମ୍ବର ମାସରେ ମଂଚସ୍ଥ ହେଲା । ନାଟକର ଗତି ତଥା ବେଗ ଏତେ ତୀବ୍ର ଯେ ଦର୍ଶକ ଗୋଟେ କିଛି ଚିନ୍ତା କଲାବେଳକୁ ନାଟକର ମୋଡ଼ ଅନ୍ୟ ଏକ ଦିଗକୁ ଗଡ଼ି ଯାଉଥାଏ । ଦୁଇ ଘ । ଦଶମିନିଟର ନାଟକଟି କେତେବେଳେ ସରିଗଲା ଅଭିଭୂତ ଦର୍ଶକ ଜାଣି ପାରିଲେନି । ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜାତିପ୍ରଥା, ସାକ୍ଷରତା ଆଦି ଜାତୀୟ ସମସ୍ୟାକୁ ବେଶ୍ ସତର୍କତାର ସହିତ ଏକ ବଳିଷ୍ଠ କାହାଣୀ ମାଧ୍ୟମରେ ଲୋକଙ୍କ ଆଗରେ ପ୍ରଦର୍ଶନ କରାଇ ଲୋକଙ୍କୁ ସଚେତନ କରିବା ସହିତ ମନୋରଂଜନ କରାଇବାର ଭରପୂର ଉପାଦାନ ଥିବା 'ଅଧିକାର' ବେଶ୍ ସଫଳ ହୋଇଥିଲା । ତା' ପରେ ଆସିଲା ରାଉରକେଲା କଲଚରାଲ ଏକାଡେମୀ ଆୟୋଜିତ ଲୋକ ନାଟକ ମହୋତ୍ସବରେ 'ଅଧିକାର' ମଂଚସ୍ଥ ହେବାର ସମୟ । କଳାକାରମାନଙ୍କ ମଧ୍ୟରେ ଅନନ୍ତ ଦାସ ଗୌରୀଶଂକର ସାହାଣୀ, ମନୋରଂଜନ ଦାସ, ସଂଗ୍ରାମ କେଶରୀ ମହାନ୍ତି ନୀଳକଣ୍ଠ ସାହୁ, ପରମାନନ୍ଦ ସାହୁ, ପ୍ରଭାତ କୁମାର ତରେଇ, ସ୍ୱାଧୀନ କୁମାର ଦାଶ, ବିଧୁଭୂଷଣ ଓତା, ଅଜୟ କୁମାର ଆଚାର୍ଯ୍ୟ, ବ୍ରହ୍ମନାଥ ରଥ ଓ ସୁଭଦ୍ରା ପାଣିଗ୍ରାହୀ ବେଶ୍ ଉତ୍ସାହ ଉଦ୍ଦୀପନା ମଧ୍ୟରେ ମଂଚରେ ଅବତରଣ କରି ଯେମିତି ଅଭିନୟ ପ୍ରଦର୍ଶନ କଲେ ବାସ୍ତବରେ ଭାଷାରେ ବର୍ଣ୍ଣନା କରିବା ସହଜ ନୁହେଁ । ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇ ନାଟକକୁ ଆମୂଳଚୂଳ ଉପଭୋଗ କଲେ । ନାଟକ ସରିବା ପରେ ପ୍ରାୟ ଘ ।ଏ କାଳ ଦର୍ଶକମାନେ କଳାକାରଙ୍କୁ ଛାଡ଼ିଲେ ନାହିଁ । ସେତେବେଳେ ନାଟକ ବଟେ ଇବା ପାଇଁ ବିଭିନ୍ନ ପ୍ରକାର ଆନ୍ଦୋଳନ ଚାଲିଥାଏ । ଏ ନାଟକ ଦେଖି ଲୋକେ କହିଲେ ଏମିତି ନାଟକ କେବେ ମରିପାରିବ ? ଏମିତି ନାଟକ କଲେ ଦର୍ଶକ କଣ ହଲ ଛାଡ଼ି ଯାଇପାରିବେ ? ନାଟକ ତ ସରିଲା ପ୍ରତିଯୋଗିତା ଫଳ ମଧ୍ୟ ସେମିତି ଉତ୍ସାହ ଜନକ ଥିଲା । ଦ୍ୱିତୀୟ ଶ୍ରେଷ୍ଠ ପ୍ରଯୋଜନା, ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶନା, ଶ୍ରେଷ୍ଠ ମଞ୍ଚକଳା, ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶନା, ଶ୍ରେଷ୍ଠ ଅଭିନେତ୍ରୀ, ତୃତୀୟ ଶ୍ରେଷ୍ଠ ଅଭିନେତାର ପୁରସ୍କାର ପାଇ 'ସ୍ରଷ୍ଟା' ଗର୍ବରେ ଫାଟି ପଡ଼ିଲା । ସମସ୍ତେ କହିଲେ 'ଯୁଗଚରିତ ବୃ ।ନ୍ତକୁ' ତାଳ ନେଇ 'ଅଧିକାର' ଆଉ ଏକ ସଫଳ ପ୍ରଯୋଜନା ଭାବରେ ଉଭା ହେଲା । ବିଭିନ୍ନ ସଂବାଦପତ୍ରରେ 'ଅଧିକାର'ର ସାଫଲ୍ୟ ବେଶ୍ ସୁନ୍ଦର ଭାବରେ ପ୍ରକାଶ ପାଇଲା । ଏଥିରେ ଉଦ୍‌ବୁଦ୍ଧ ହୋଇ ବାଲେଶ୍ୱରର କେତେକ ଅନୁଷ୍ଠାନ 'ଅଧିକାର'କୁ ମଂଚସ୍ଥ କରିବା ପାଇଁ ମନ ବଳେଇଲେ । ସେଥି ମଧ୍ୟରୁ ମାନସିଂ ବଜାରର ମହାବୀର କ୍ଲବ୍, ଗୋପାଳଗାଁର ଯୁବଗୋଷ୍ଠୀ, ଫକୀର ମୋହନ କଲେଜର ଫକୀର ମୋହନ ନାଟ୍ୟ ପରିଷଦ ଆଦି ବହୁ ଅନୁଷ୍ଠାନ ଅତ୍ୟନ୍ତ ସଫଳତାର ସହ ଅଧିକାରକୁ ମଂଚସ୍ଥ କରି ବେଶ୍ ସଫଳତା ଅର୍ଜନ କଲେ । ଏମିତି 'ଅଧିକାର' ନାଟକ ଭିନ୍ନ ଭିନ୍ନ ଦିଗକୁ ନେଇ ଅନେକ ଆଲୋଚନା ଚାଲିଥାଏ । ଏମିତି କିଛିଦିନ ପରେ ଅନୁଗୋଳରେ 'ନାଟ୍ୟମ୍' ନାମକ ଅନୁଷ୍ଠାନ୍ ଏକ ନାଟକ ପ୍ରତିଯୋଗିତାର ଆୟୋଜନ କଲେ । ଆମେ 'ଅଧିକାର'କୁ ନେଇ ଆବେଦନ କଲୁ । ମନୋନୀତ ବି ହେଲା । ପୁଣି ପ୍ରସ୍ତୁତି । ୧୯୯୩ ମସିହାରେ ଅନୁଗୋଳ ଗଲୁ । ଏଠି ନାଟକ ରାଉରକେଲାର ପ୍ରଯୋଜନାକୁ ବଳିଗଲା । ପ୍ରବଳ ଦର୍ଶକଙ୍କ ମେଳରେ ସେମିତି ତୀବ୍ର ଗତିରେ 'ଅଧିକାର' ଆଗକୁ ବଢ଼ି ଚାଲିଲା । ନାଟକ ପରେ ଗଦା ଗଦା ପ୍ରଶଂସା ଅଜାଡ଼ି ପଡ଼ିଲା, ସେତେବେଳେ ଜଣେ ବିଚାରପତି ନାଟ୍ୟକାର କହିଲେ ହେମେନ୍ଦ୍ର ବାବୁ ଆପଣଙ୍କୁ ପ୍ରଣାମ, ଆପଣଙ୍କ ସଂଳାପ ପାଇଁ । ଏମିତି ସଂଳାପ ମୁଁ ଲେଖି ପାରି ନାହିଁ କି ଲେଖି ପାରିବି ନାହିଁ । ସତରେ ଅଧିକାରର ସଂଳାପ ମୋ ଜୀବନର ଅନ୍ୟତମ ଶ୍ରେଷ୍ଠ ସଂଳାପ । "ଅଧିକାର'ର କାହାଣୀ ଓ ସଂଳାପରେ ପ୍ରଭାବିତ ହୋଇ ଲୋକଶକ୍ତିର ନିର୍ଦ୍ଦେଶକ ରବି ରାୟ ଗୋଟିଏ ଟେଲିଫିଲ୍ମ କରାଇଲେ ଯାହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଖ୍ୟାତ ନିର୍ଦ୍ଦେଶକ କୁମାର ଆନନ୍ଦ । କାହାଣୀ ଓ ସଂଳାପ ଲେଖିଥିଲି ମୁଁ । ଅନୁଗୋଳରେ ଆମେ ଶ୍ରେଷ୍ଠ ପ୍ରଯୋଜନା, ଶ୍ରେଷ୍ଠ ରଚନା, ଶ୍ରେଷ୍ଠ ଅଭିନେତ୍ରୀ, ଶ୍ରେଷ୍ଠ ମଂଚ ସଜ୍ଜା ଏମିତି ଆଠ ଗୋଟି ପୁରସ୍କାର । ତା' ପରେ ବି 'ଅଧିକାର' ଘରେ ବସିଲାନି । ଅନେକ ନିର୍ଦ୍ଦେଶକ 'ଅଧିକାର' ଅନେକ ମଂଚରେ ମଂସ୍ଥ କରି ବେଶ୍ ଖ୍ୟାତି ଅର୍ଜନ କଲେ । ମୋତେ ସମସ୍ତେ କହିଲେ ଏହି ନାଟକଟି ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା କଥା, ମୋର କିନ୍ତୁ ମନଥାଏ ଯୁଗଚରିତ ବୃ ।ନ୍ତଠାରେ । ତେଣୁ ତାକୁ ଆଗ ଛାପିଲି । ଭାବିଥିଲି ତାହା ଯଦି ନ ପାଏ ତାହେଲେ 'ଅଧିକାର'କୁ ଛାପିବି । 'ଯୁଗଚରିତ ବୃ ।ନ୍ତ' ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଗଲା ପରେ 'ଅଧିକାର'କୁ ଅବଶ୍ୟ ଡେରିରେ ପ୍ରକାଶ କଲି । କିନ୍ତୁ ଏହା ମୋର ଅନ୍ୟଏକ ସଫଳ ନାଟକ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ

ପୁଷ୍ପାଞ୍ଜଳି ନାୟକ
♥ ଜେଲରୋଡ, ବାଲେଶ୍ୱର-୧
(ମୋ) ୯୨୩୭୯୫୯୯୭୩



ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

ଭାଗ-୧୯

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ମାଷ୍ଟରପୁଅ, ବଡ଼ ହେଲେ ଯେବେ ଏ ପିଲା ମତେ ପଚାରିବ, ମୁଁ ଖାଇବି କଅଣ, ରହିବି କେଉଁଠି, ମୁଁ କି ଉତ୍ତର ଦେବି ? କେଉଟ ଘରର ପୁଅ ଆମେ । ମେହନତ କରି ଜାଣିଛୁ, ଭିକମାଗି ତୁମେ ଚାହଁ, ମୋ ନାତି ଭିକମାଗି ପେଟ ପୋଷିବ ? ନାଇଁ, ଯା ନାମ ଲେଖ । ଯଦି ଛାଡ଼ିବାକୁ ହୁଏ, ତା ଆଗରୁ ସବୁ ମାଟିରେ ମିଶିଯିବା ।

ଆଗେଇ ଆସୁଛନ୍ତି ଆହୁରି କେତେ କେତେ ଶିଶୁ, ବାଳକ, ବାଳିକା, ଧାଡ଼ି ଲମ୍ବିଚାଲିଛି ।

ଫର୍ଦ୍ଦ ଫର୍ଦ୍ଦ କାଗଜ ସରିଗଲାଣି । ଅଦନାଦି ସାହୁଙ୍କର ହାତ ବିନ୍ଧିଲାଣି । ମରଣ ସେନାର ତାଲିକା ଲମ୍ବିଚାଲିଛି ।

ସପନୀ ବୁଢ଼ୀ ପୁଅ ବାୟା ଓ ବୋହୂ ଗୁରୁବାରୀଙ୍କୁ ନେଇ ସକାଳପହରୁ ସପେଟା ଗଛମୂଳରେ ବସିଛି । ତା ପାଳି ଆସିନାହିଁ ।

ଟିକେ ଦୂରରେ ବସିଛି ବାଲ୍ୟବିଧବା ଉମା। ତା ସେପଟକୁ ତା ଭଳି ଶହ ଶହ ଝିଅ, ଭୁଆସୁଣୀ ।

ଶୁକୁଟା ମାଝି, ରାଜ ମା ଓ ଭାରିଯା ନେତୀଙ୍କ ନେଇ ବି ଟିକେ ଦୂରରେ ବସିଛି । ନେତୀ ମୁଣ୍ଡରେ ହାତେ ଓଢ଼ଣା ।

ବାଲିଆପାଳର ଶହ ଶହ କେଉଟ, ଚାଷୀ, ପାନବରଜିଆ, ମୂଲିଆ ଶିକ୍ଷକ ଛାତ୍ର, ଝିଅ, ଭୁଆସୁଣୀ ପାଖରେ ରକ୍ତରେ ଆଜି ଲେଖାହେଉଛି, ମାଟିରକ୍ଷା କରିବାର ଆଗ୍ନେୟ ଶପଥ ।

ଘନଶ୍ୟାମ ଦାସଙ୍କର କୋଟରଗତ ଦୁଇ ଆଖି ଆବେଗରେ ଛଳ ଛଳ ହୋଇ ଆସୁଛି । ହୃଦସ୍ପନ୍ଦନ ବଢ଼ିଚାଲୁଛି । ବିସ୍ମୃତିର ପର୍ଦ୍ଦା ଅନ୍ତରାଳରୁ ଭାସିଉଠୁଛି ସ୍ୱାଧୀନତା ଆନ୍ଦୋଳନ ବେଳର ଅନେକ ଅନେକ ସ୍ମୃତିଚିତ୍ର ।

ମହତାବ ଏମିତି ସେଦିନ ଗାଆଁ ଗାଆଁ ବୁଲି ସ୍ୱାଧୀନତାର ବାଣୀ ଘରେ ଘରେ ପହଞ୍ଚାଇ ଦେଉଥାନ୍ତି । ଆଉ ତାଙ୍କର ତେଜସ୍ୱୀ ବାଣୀ ଶୁଣି ଆନ୍ଦୋଳନର ଅଗ୍ନିକୁଣ୍ଡ ଭିତରକୁ ଡେଇଁପଡୁଥାନ୍ତି ଏମିତି କେତେ କେତେ ଆବାଳବୃଦ୍ଧ ଜନତା । ଦେଶମୁକ୍ତି ଯଜ୍ଞରେ ଆପଣା ଜୀବନକୁ ପଣ ଲଗାଇ ଦେଇଥିବା ସେଇ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ କେହି କେହି ପ୍ରଶ୍ନ କରୁଥାନ୍ତି, ତମେ ସବୁ କଅଣ ସତରେ ଏତେଦିନର ଘାଟୀର ମୂଳକୁ ଦୋହଲାଇ ପାରିବ ? ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ ହୁଏ ନାହିଁ, କହନ୍ତି । କାହିଁକି ଏତେ ବଡ଼ ଗୋଟାଏ ଦୁରାଶା ନେଇ ମିଛଟାରେ ଜୀବନ ନେଇ ଖେଳୁଛ ?

ତେଣେ ରେଡିଓରେ ସୁଭାଷ ବୋଷଙ୍କର ଆହ୍ୱାନ, ମତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି !

ହଁ, ରକ୍ତ ଦେଇ ହଁ ସେଦିନ ଘନଶ୍ୟାମଙ୍କ ଭଳି ଅନେକ ସଂଗ୍ରାମୀ ସ୍ୱାଧୀନତା ଆଣିଥିଲେ । କେତେ ଜାଲିୱାନାବାଗ, ଇଞ୍ଚୁଡ଼ି, ଇରମର ମାଟି ସେମାନଙ୍କର ରକ୍ତରେ ଭିଜି ଲାଲ ହୋଇ ଯାଇଥିଲା । ବ୍ରିଟିଶ ସାମ୍ରାଜ୍ୟରେ ଘାଟୀ ଦୋହଲି ଯାଇଥିଲା । ସୃଷ୍ଟି ହେଉଥିଲା, ପୃଥିବୀର ମାନଚିତ୍ରରେ ଏକ ନୂତନ ସ୍ୱାଧୀନ ଦେଶ, ଭାରତବର୍ଷ ।

ଆଜି ପୁଣି ଥରେ ସଙ୍କଟର କାଳ ଆସିଛି । କେତେ ଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଦେଶରକ୍ଷା ନାମରେ ସୁବର୍ଣ୍ଣରେଖାର ସୁନା ଫଳାଉଥିବା ମାଟିକୁ ପଣ ଲଗାଇଦେଇଛନ୍ତି । ପ୍ରତିରକ୍ଷା ନାମରେ ଧ୍ୱଂସର ଚିତାଗ୍ନି ପ୍ରସ୍ତୁତ କରିଛନ୍ତି ।

ବାଲିଆପାଳକୁ ସେ ସର୍ବଗ୍ରାସୀ ଅଗ୍ନିର କବଳରୁ ରକ୍ଷା କରିବାର ଦାୟିତ୍ୱ ତ ସେମାନଙ୍କର ।

ରକ୍ତ ଦେଇ ଆଜି ସେମାନଙ୍କୁ ମାତୃଋଣ ସୁଝିବାକୁ ହେବ ।

ସୁଧାକର ଗିରି ସୁସ୍ଥ ଥିଲେ ଚିନ୍ତା ନଥିଲା । ସେ ତ ପ୍ରଥମକରି ବାଲିଆପାଳରେ ଭାଗ୍ୟହାତରେ ଅସହାୟଭାବରେ ନିଜକୁ ସମର୍ପି ଦେବାକୁ ବସିଥିବା ହଜାର ହଜାର ଅସହାୟ ଲୋକଙ୍କ ପ୍ରାଣରେ ନୂତନ ଆଶାର ବ ିକା ଲଗାଇ ଦେଇଥିଲା । ଅର୍ଦ୍ଧମୃତ ଅବସ୍ଥାରେ ଥିବା ହଜାର ପ୍ରାଣରେ ବିଦ୍ରୋହର ଅଗ୍ନି ଲଗାଇ ଦେଇଥିଲା । ବାଲିଆପାଳ ଡାକ୍ତରଖାନା ପଡ଼ିଆରେ ପ୍ରଥମକରି ଚିତ୍କାର କରିଥିଲା, ମାଟି ଦେବୁନାହିଁ । ଘାଟୀ ଲାଗି ମାଟି ଦେବୁ ନାହିଁ ।

ହଜାର ହଜାର ଲୋକଙ୍କୁ ବାଟ କଢ଼େଇ ନେଉଥିବା ସେଇ ନାଗୁଆ ଆଜି ନିଜେ କେଉଁ ଅଚିହ୍ନା ବ୍ୟାଧିର କବଳରୁ ମୁକ୍ତିର ବାଟ ଖୋଜୁଛି । ଦିଲ୍ଲୀର କେଉଁ ହାସପାତାଳରେ ମୃତ୍ୟୁ ସହିତ ଲଢ଼ୁଛି ।

ତା'ର ଆକସ୍ମିକ ଅସୁସ୍ଥତା ଲୋକଙ୍କୁ କିଂକ ବ୍ୟବିମୂଢ଼ କରିଦେଇଥିଲା । କିଏ ନେବ ଏ ଆନ୍ଦୋଳନର ନେତୃତ୍ୱ ?

ସମସ୍ତେ ଧରିଥିଲେ ବାଲିଆପାଳର ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ଦାସଙ୍କୁ ।

କୋଥଳି ଛାଡ଼ି, ରାମାୟଣ, ଗୀତା ଛାଡ଼ି ତାଙ୍କୁ ନେବାକୁ ପଡ଼ିଥିଲା ଆନ୍ଦୋଳନର ନେତୃତ୍ୱ ।

ମରଣ-ସେନାର ବିରାଟ ତାଲିକାରେ ଆଖି ବୁଲାଉ ବୁଲାଉ ଘନଶ୍ୟାମ ଦାସ ସମବେତ ଜନମଣ୍ଡଳୀଙ୍କୁ କହୁଥିଲେ, ଭାଇମାନେ, ଶୁଣାଯାଉଛି, ଘାଟୀ କରିବାକୁ କେନ୍ଦ୍ର ସରକାର ନଛୋଡ଼ବନ୍ଧା । ଆଣ୍ଡାମାନ, ନିକୋବରରେ ଘାଟୀ କରିବାର ପ୍ରସ୍ତାବକୁ ସେମାନେ ଥରକୁଥର ପ୍ରତ୍ୟାଖ୍ୟାନ କରୁଛନ୍ତି । ଶୁଣିବାକୁ ପାଉଛୁ । ଏ ଘାଟୀ ସମ୍ବନ୍ଧରେ ସବୁ ଭିତରି କାମ ଆଗେଇ ଚାଲିଛି । ପ୍ରଥମ ପର୍ଯ୍ୟାୟରେ ଏହାର ଅଟକଳ ୪୦୦୦ କୋଟି ଟଙ୍କା । ଏଥିରୁ ବୁଝ, କି ଭୟାନକ ଖେଳରେ ସରକାର ମାତିଛନ୍ତି । ଘାଟୀ ନାମରେ ଏଠି ରୁଷିଆ ସରକାରଙ୍କର ଗୋପନ ପ୍ରତିରକ୍ଷା ଶିବିର ଗଢ଼ିଉଠିବ । ପରୀକ୍ଷାଞ୍ଚଳ ନୁହେଁ, ଏହାହିଁ ହେବ ଭାରତର ପ୍ରତିରକ୍ଷା ଅଞ୍ଚଳ ।

ତୁମେସବୁ ଜାଣ, ବାଲିଆପାଳ ଅଞ୍ଚଳରେ ଏମିତି ଖୁବ କମ୍ ଘର ଅଛି, ଯେଉଁମାନଙ୍କର ଲୁଣ, କିରୋସିନି ଛଡ଼ା ଅଲଗା କିଛି କିଣା ହୁଏ। ଭାରତର ମାନଚିତ୍ରରେ ଏମିତି ଗୋଟାଏ ଜାଗା ଦେଖାଅ, ଯେଉଁଠି ଧାନ, ଗହମଠୁଁ ଆରମ୍ଭ କରି ସୋରିଷ, ଆଖୁ, ମୁଗ, ହରଡ଼, ବିରି, ଚିନାବାଦାମ, ଝୋଟ, ପାନ ସବୁ ଉତ୍ପାଦିତ ହୁଏ । ଏଇ ମାଟିକୁ କେମିତି ଆମେ ଗୋଳାବାରୁଦର କାରଖାନା ହେବାକୁ ଛାଡ଼ିଦେବୁ ? ହୀରାକୁଦ ବନ୍ଧ ତିଆରି ବେଳେ ତ ପୁଣି ରମ୍ଭେଲା ଓ ଅଡ଼ାଘର ଗାଆଁରେ ଦୁଇଟି ପୁରୁଣା ଜନସଂଖ୍ୟା ବହୁଳ ଗାଁ ଚାଷଜମି, କୋଠାବାଡ଼ି, ମନ୍ଦିର ସମେତ ସହିତ ବୁଡ଼ିଗଲା !

ହେଲେ ସେ ଅଲଗା କଥା । ବନ୍ଧ ହେବା ଫଳରେ ସେ ଅଞ୍ଚଳରେ ବନ୍ୟାର ବିଭୀଷିକାରୁ ରକ୍ଷା ପାଇଛି, କୃଷିର ଉନ୍ନତି ହୋଇଛି ଆଉ ତା ଛଡ଼ା ଘରେ ଘରେ ଆଲୁଅ ଜଳୁଛି, ହେଲେ ଏଠିକା ଭଳି ତ ମଶାଣିକୁ ହେବାକୁ ଯାଉନାହିଁ ।

ଭାଇମାନେ, ମାଟିକୁ ବଞ୍ଚାଇବାକୁ ହେଲେ ଆମକୁ ବି ଘାଟୀ ତିଆରି କରିବାକୁ ହେବ । ଆପଣା ଆପଣାକୁ ଲୁହାଠାରୁ ଶକ୍ତ କରି ଗଢ଼ିବାକୁ ହେବ ପ୍ରତିରକ୍ଷାର ବ୍ୟୁହ । ଆବଶ୍ୟକ ହେଲେ ଆପଣା ରକ୍ତରେ ପତିଆରି କରିବାକୁ ହେବ । ଆଜି ରକ୍ତରେ ଯେଉଁ ଶପଥ କଲ, ରକ୍ତରେ ସେ ଶପଥ ପାଳିବାକୁ ଯେମିତି ପଛେଇ ଯିବନାହିଁ ।

ତାଙ୍କ କଥା ସରିବା ଆଗରୁ ବଜ୍ର ନିର୍ଘୋଷରେ ସେଇ ସମ୍ମିଳିତ ଜନତା ଧ୍ୱନି ଦେଇଉଠିଲେ । ରକ୍ତ ଦେବୁ, ମାଟି ଦେବୁନାହିଁ । ସେ ଧ୍ୱନି ଶୁଣୁଶୁଣୁ ଅଶୀତିବର୍ଷର ସେଇ ଲୋଳିତଚର୍ମ ବୃଦ୍ଧଙ୍କୁ ଶିଥିଳ ବକ୍ଷ ଆବେଗରେ, ଉତ୍ତେଜନାରେ ଥରକୁଥର ସ୍ପନ୍ଦିତ ହୋଇଉଠୁଥିଲା ।

॥ ଏକୋଇଶ ॥

ବାଲିଆପାଳ !

ବାଲେଶ୍ୱର ଜିଲ୍ଲାର ଏଇ ଅଖ୍ୟାତ ସ୍ଥାନଟି ହଠାତ୍ ବିଖ୍ୟାତ ହୋଇଉଠୁଛି । କ୍ଷେପଣାସ୍ତ୍ର ଘାଟୀ ହେବାର ନିଷ୍ପି ପରଠାରୁ ସ୍ଥାନଟି ହଠାତ୍ ଜଣାଶୁଣା ହୋଇଯାଉଛି । ପ୍ରତିଦିନ ଖବରକାଗଜରେ ବାହାରୁଛି ବାଲିଆପାଳ ଖବର । କେବେ ସରକାରଙ୍କର ବିବୃି ଆଉ କେବେ କ୍ରମଶଃ ମାତିଉଠୁଥିବା ଆନ୍ଦୋଳନର ବିବରଣୀ ।

ସୁବର୍ଣ୍ଣରେଖା ଏ ସୁନାଫଳାଉଥିବା ମାଟି ।

ଯୁଆଡ଼େ ଚାହଁ, ଆଦିଗନ୍ତ ସୌନ୍ଦର୍ଯ୍ୟର ପସରା ମେଲିଯାଇଛି । ଚାରିଆଡ଼େ ଶାଗୁଆ ଛନ ଛନ କ୍ଷେତ । ହଳଦୀଗୁରୁଗୁରୁ ସୋରିଷ କିଆରୀ । ତାଳନଡ଼ିଆର ଘନ ନିକୁଞ୍ଜ । ଆଉ ଆଶ୍ରମର ପତ୍ରକୁଡ଼ିଆ ଭଳି ମାଇଲ ମାଇଲ ମାଇଲଳ ବ୍ୟାପି ପାନବରଜ ।

ସବୁଜ ବନାନୀ, ନଈପଠା, କାଶବଣ ଆଉ ଶ୍ୟାମଳ ପ୍ରାନ୍ତରରେ ପ୍ରକୃତି ଏଠି ବଡ଼ ଶ୍ରୀମୟୀ।

ସେଇ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ମାଟିକୁ ବନ୍ଧ୍ୟା କରିବାର ଷଡ଼ଯନ୍ତ୍ର, କ୍ଷେପଣାସ୍ତ୍ର ଘାଟୀ ।

ଖବରଟା ବାଲିଆପାଳବାସୀ ପ୍ରଥମେ ପାଇଥିଲେ ସମ୍ବାଦପତ୍ରପୃଷ୍ଠାରୁ । କର୍ଣ୍ଣାଟକର ବିଦୁର ସହରରୁ, ଆଣ୍ଡାମାନ ନିକୋବରରୁ ହଠାତ୍ କେମିତି ଏ କ୍ଷେପଣାସ୍ତ୍ର ଘାଟୀ ଓଡ଼ିଆ ଉପାନ୍ତର ଏଇ ଜନୀକୀର୍ଣ୍ଣ, ସମୃଦ୍ଧ ସ୍ଥାନକୁ ଉଠିଆସିଲା, ତାର ପ୍ରଚ୍ଛଦପଟ ରାଜନୀତିର ଇତିହାସ ବଡ଼ କରୁଣ ।

ସେ ଇତିହାସ ମଣିଷର, ନିର୍ଲ୍ଲଜତାର ଇତିହାସ।

କ୍ଷମତାର ସେଇ ପଶାଖେଳରେ ବାଲିଆପାଳକୁ ପଣ ରଖି ସେମାନେ ପ୍ରଚାର କଲେ, ଓଡ଼ିଶାର ସୌଭାଗ୍ୟ ଖୋଲିଗଲା । ୪୦୦୦ କୋଟି ଟଙ୍କାର ଏକ ପ୍ରକଳ୍ପକୁ ଆମେ ଓଡ଼ିଶାକୁ ନେଇ ଆସିଲୁ ।

ପ୍ରକଳ୍ପର ଅର୍ଥ କଅଣ ?

ବାଲିଆପାଳବାସୀ ସେ ଶବ୍ଦର ଅର୍ଥ ବୁଝିଲାବେଳକୁ ସୁବର୍ଣ୍ଣରେଖାରେ ଅନେକ ଜଳ ଗଡ଼ିଗଲାଣି । କ୍ଷେପଣାସ୍ତ୍ର ଘାଟୀ ନାମରେ ଧ୍ୱଂସଲୀଳାର ଚରମ ପତ୍ର ସେମାନଙ୍କୁ ଦିଆସରିଲାଣି । ଅଥଚ ଏତେ ବଡ଼ ପ୍ରତାରଣା ଏଡ଼େ ବଡ଼ ବଡ଼ ବୁଦ୍ଧିଜୀବୀ, ରାଜନୈତିକ ନେତା ବୁଝିପାରିଲେ ନାହିଁ ।

ସେମାନେ ଭାବିଲେ ହୁଏତ ଗଢ଼ାହେବ ଡ୍ୟାମ ଅଥବା କାରଖାନା ଅଥବା ସେଇ ଜାତୀୟ କିଛି ଶିଳ୍ପ । ବାଲିଆପାଳର ସମୃଦ୍ଧି ଅଞ୍ଚଳ ଆହୁରି ସମୃଦ୍ଧ ହେବ ।

ପ୍ରକଳ୍ପର ଏଡ଼େ ସୁଦୂରପ୍ରସାରୀ ବ୍ୟାପକ ଅର୍ଥ ବୁଝିଲାପରେ ପ୍ରଥମକରି ତାକୁ ବିରୋଧ କଲେ କିଛି ବିରୋଧୀ ନେତା ।

କ୍ଷେପଣାସ୍ତ୍ର ଘାଟୀ ନିଆଁରା ହୁଲା ।

ତାକୁ ଅଣ୍ଟିରେ ରଖିବା ପାଇଁ କେଉଁ ରାଜ୍ୟ ପଣତ ବଢ଼ାଇ ନଥଲେ । ଗୋଟାଏ ପରେ ଗୋଟାଏ ରାଜ୍ୟ ଏ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ସ୍ଥିର ହୋଇଥିଲା । ଆଣ୍ଡାମାନ ନିକୋବରରେ ଏ ଘାଟୀ ପ୍ରତିଷ୍ଠା ହେବ । ହେଲେ ସେଠି ସାରା ବର୍ଷ ଆକାଶ ମେଘାଚ୍ଛନ୍ନ ରହେ ଓ ଘାଟୀ ବ୍ୟୟସାପେକ୍ଷ କହି ଭାରତ ସରକାର ଏ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲେ ।

ତାପରେ ଗୁଜୁରାଟର ଶ୍ରୀହରିକୋଟ୍ଟା !

ସେ ତ ପାକିସ୍ତାନର ନିକଟ ! ସାତଭାୟା ? ସେଠାରେ ଅଧିକ କୁମ୍ଭୀର ଓ କଚ୍ଛପ ଅଛନ୍ତି ।

କର୍ଣ୍ଣାଟକର ବିଦୁର ସହର ? ସେଠାରେ ଗଢ଼ିଉଠିଲା ପ୍ରବଳ ଜନଜାଗରଣ । ରାଜ୍ୟସରକାର ମଧ୍ୟ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ ।

ସରକାର ପୁଣିଥରେ ପ୍ରଲୋଭନର ଜାଲ ବିଛାଇଲେ କ୍ଷମତାର ପ୍ରଲୋଭନ, ଶାସନ-ଗାଦୀର ପ୍ରଲୋଭନ ।

ସେ ଫାଶରେ ମୁଣ୍ଡ ଗଳାଇବା ଲାଗି କିଛି ନିର୍ଲ୍ଲଜ୍ଜ ଲୋକଙ୍କର ଅଭାବ ହେଲାନାହିଁ । (କ୍ରମଶଃ)

## ସଚ୍ଚା ମଣିଷ



ସନ୍ଥ ଗପ

ନଗେନ୍ଦ୍ର ନାଥ ପଟ୍ଟନାୟକ

ଇରାକର ଏକ ପ୍ରଦେଶର ଶାସକ ଥିଲେ ଶିବଲୀ । ସମୟକ୍ରମେ ସେ ସେବାରୁ ଅବସର ଗ୍ରହଣ କଲେ । ଏମିତି କିଛିଦିନ ସୁରୁଖୁରରେ ବିତିଗଲା । ସେ ଥରେ ସୁଫି ସନ୍ଥ ଜୁନୈଦଙ୍କ ଆଶ୍ରମକୁ ପ୍ରସ୍ଥାନ କଲେ । ସନ୍ଥଙ୍କ ନିକଟରେ ପହଁଚି ଆକୁଳ ନିବେଦନ କଲେ-ବାବା ! ଆପଣ ତ କୃପାଳୁ ମହାରାଜ, ଦୟାପୂର୍ବକ ମତେ ଖୁଦାଙ୍କ ଭକ୍ତ ବନାଇ ଦିଅନ୍ତୁ । ସତପଥ ଅନୁସରଣର ପନ୍ଥା ବତେଇ ଦେଲେ ନିଜକୁ ମୁଁ ଧନ୍ୟ ମଣିବି । ଆପଣଙ୍କ ଶିଷ୍ୟତ୍ୱ ସାଦରେ ଗ୍ରହଣ କରିବାକୁ ପ୍ରସ୍ତୁତ ।

ସିଦ୍ଧସନ୍ଥ ଜୁନୈଦ କହିଲେ- ସତ୍‌ପଥର ଅନୁଗାମୀ ତଥା ସତ୍ୟନିଷ୍ଠ ହେବା ନିମନ୍ତେ ମାନ-ସମ୍ମାନ ଓ ସଂଭ୍ରମର ଭାବନାକୁ ମନରୁ ସଂପୂର୍ଣ୍ଣ ଭାବେ ପୋଛି ଦେବାକୁ ପଡିବ ।

ଶିବଲୀ କହିଲେ -ବାବା ! ଆପଣ ଯାହା କହିବେ ମୁଁ ସେଇଆ କରିବି । ଆପଣଙ୍କ ଆଦେଶ ଅକ୍ଷରେ ଅକ୍ଷରେ



ପାଳନ କରିବି । ଆପଣଙ୍କ ଉପଦେଶ ତ ଶିରୋଧାର୍ଯ୍ୟ । କଥା ଦେଉଛି ଏଥିରେ ତିଳେମାତ୍ର ବ୍ୟତିକ୍ରମ ହେବନି ।

ସନ୍ଥ କହିଲେ -ତା'ହେଲେ ତୁମେ ଫକୀର ହୋଇଯାଅ, ଭିକ୍ଷୁ ବନିଯାଅ । ବାଗଦାଦ୍ ଯାଇ ଅବସ୍ଥାନ କର । ସେଠାରେ ପୂରା ବର୍ଷକ ପର୍ଯ୍ୟନ୍ତ ଘରକୁ ଘର ବୁଲି ଭିକ୍ଷା ମାଗିଚାଲ ।

ସନ୍ଥ ଜୁନୈଦ ଯାହାସବୁ ଆଦେଶ ଦେଲେ ଶିବଲୀ ସେସବୁ କଡାକଡି ଭାବେ ପାଳନ କଲେ । ବର୍ଷସାରା ଭିକ ମାଗି ନିଜର ଗୁଜୁରାଣ ମେଂଟାଇବାକୁ ଲାଗିଲେ । ଚାହୁଁଚାହୁଁ ବର୍ଷଟିଏ ଅତିକ୍ରାନ୍ତ ହୋଇଗଲା । ବର୍ଷକ ପରେ ଶିବଲୀ ବାହୁଡି ଆସନ୍ତେ ସନ୍ଥ ଜୁନୈଦ ତାଙ୍କ ଉଦ୍ଦେଶ୍ୟରେ କହିଲେ- ଯୋଉ ଲୋକଙ୍କର ମନ୍ଦକାମ କରି ଅନିଷ୍ଟ ସାଧନ କରିଛ ତୁରନ୍ତ ସେମାନଙ୍କ ପାଖକୁ ଯାଇ କ୍ଷମା ଯାଚନ କର । ଶିବଲୀ ଘର ଘର ବୁଲି ମାଫି ମାଗିଲେ । ଏମିତି ବର୍ଷଟିଏ ବିତିଗଲା । ତା'ପରେ ସେ ଲେଉଟି ଆସିଲେ ସନ୍ଥଙ୍କ ନିକଟକୁ । ସନ୍ଥ କହିଲେ -ଏବେ ତୁମେ ବର୍ଷକଯାଏ ଗରିବଗୁରୁବା, ଦୀନହୀନ, ଅସହାୟଙ୍କର ସେବା ଯତ୍ନକର । ଶିବଲୀ ସେଇଆ କଲେ ଯାହା ସନ୍ଥ କହିଥିଲେ । ଶିବଲୀ ଏ ଜାଗାରୁ ସେ ଜାଗା ଯାଆନ୍ତି । ରୋଗୀ ଓ ଆଶ୍ରାହୀନ ଲୋକଙ୍କୁ ନିଜ ହାତରେ ସେବାଯତ୍ନ, ଦେଖାରେଖା କରନ୍ତି । କାହାକୁ ଶୋକ ବିଳାପ କରୁଥିବା ଦେଖିଲେ ତାଙ୍କ ହୃଦୟ ବିଗଳିତ ହେଇଯାଏ । କାନ୍ଦ ବୋବାଳି ଛାଡୁଥିବା ବ୍ୟକ୍ତିର ଦୁଃଖ ବେଦନା ଓ କଷ୍ଟ ଯନ୍ତ୍ରଣା ଅଚିରେ ନିବାରଣ କରନ୍ତି । ଦୁଃଖୀଲୋକ ଖୁସିରେ ଗଦଗଦ ହୋଇ ତାଙ୍କ ଉପରେ ଆଶୀର୍ବାଦ ଅଜାଡି ପକାନ୍ତି । ଏମିତି ସେ ସହରସାରା ଲୋକପ୍ରିୟ ହୋଇଗଲେ । ବର୍ଷକ ପରେ ସେ ପୁଣି ଫେରିଆସିଲେ ସନ୍ଥ ଜୁନୈଦଙ୍କ ପାଖକୁ । ସନ୍ଥ ପଚାରିଲେ -ଏବେ ତୁମେ ନିଜ ବାବଦରେ କ'ଣ ଭାବୁଛ ?

ଶିବାଲୀ କହିଲେ - ଖୁଦାଙ୍କ ସେବକଙ୍କ ଭିତରୁ ମୁଁ ନିଜକୁ ସବୁଠାରୁ ଛୋଟ ବୋଲି ଭାବୁଛି । ସନ୍ଥ କହିଲେ- ଏଥର ତୁମେ ସଚ୍ଚା ମଣିଷ ହୋଇଯାଇଛ । ଏବେ ତୁମେ ଖୁଦାଙ୍କ ଅତିପ୍ରିୟ ହୋଇଗଲଣି ।

♥ ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯
ଲକ୍ଷ୍ମୀସାଗର
କେନାଲ ରୋଡ, ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

# ଇତିହାସର ଆଇନାରେ ଡିସେମ୍ବର ପଚିଶି



ଶ୍ରୀବତ୍ସ ନାୟକ

ଅତୀତର ଘଟଣା ଗୁଡ଼ିକର କ୍ରମ ବିବରଣୀ କୁ ଇତିହାସ କୁହାଯାଏ । ସମୟ ସ୍ରୋତରେ ଆଜିର ଘଟଣା ଗୁଡ଼ିକ ଆସନ୍ତାକାଲି ପାଇଁ ଇତିହାସ ପଲଟିଯାଏ । କିଛି ଘଟଣା ଭୁଲି ହୁଏ ତ କିଛି ଭୁଲି ହୁଏ ନାହିଁ । କିଛି ହଜିଯାଏ ତ କିଛି ସ୍ମୃତି ହୋଇ ରହିଯାଏ ଚିରକାଳ କୁ । ଭୁଲିବାକୁ ଇଛା କଲେ ବି ଭୁଲି ହୁଏ ନାହିଁ, ଏହା ବୋଧେ ଭାଗ୍ୟର ବିଡମ୍ବନା । ଅତୀତର କିଛି ଘଟଣା ସହ ଆମେ ପ୍ରତ୍ୟେକ୍ଷ ଭାବେ ଜଡ଼ିତ ତ ଆଉ କେତେକ ଘଟଣାସହ ଆମେ ପ୍ରେତ୍ୟେକ୍ଷ ଭାବେ ଯୋଡ଼ିତ ନୋହୁଁ କିନ୍ତୁ ଇତିହାସର ଆଇନା କୁ ଚାହିଁଲେ ଅତୀତ ର ଘଟଣାବଳୀକୁ ସ୍ମୃତି କରି ବଂଚିବାକୁ ହୁଏ । ଇତିହାସ ର ଆଇନାରେ ଦୃଶ୍ୟମାନ ଘଟଣାବଳୀ କୁ ପାଥେୟ କରି ଭବିଷ୍ୟତ ପାଇଁ ଯୋଜନା କରିବାକୁ ପଡେ । ଇତିହାସକୁ ଛାଡ଼ି ଆମେ କେବେ ରହିପାରିବା ନାହିଁ । ଏହା ହୀରା ମୋତି ଠାରୁ ବି ମୂଲ୍ୟବାନ । ଏହା ଯେତେ ବାସି ହେଉଥାଏ ସେତେ ସେତେ ବାସୁଥାଏ । ଏହା ଆମ ଅତୀତର କଥା କୁହେ । ଏଥିରେ ଆମ ଜାତିର କେତେକେତେ ଅଭୁଲାସ୍ମୃତି ଚିରକାଳ ସାଇତା ହୋଇ ରହିଅଛି । ଇତିହାସର ଆଇନାରେ ନିଜର ପ୍ରତିଛବି ଦେଖିଲାବେଳେ ମନେହୁଏ କି ନିଜକୁ ଇତିହାସରେ ସାମିଲ କରିବା ପାଇଁ।

ଇତିହାସର ଆଇନାରେ ଡିସେମ୍ବର ୨୫ ତାରିଖଟି ଅନେକ ସ୍ୱତନ୍ତ୍ରତା ବହନ କରେ । ଖ୍ରୀଷ୍ଟ ଧର୍ମାବଲମ୍ବୀ ଙ୍କ ମତରେ ଡିସେମ୍ବର ୨୫ ତାରିଖକୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ଭାବରେ ପାଳନ କରାଯାଏ । ଏହି ଦିନ ଧରାବତରଣ କରନ୍ତି ପ୍ରଭୁ ଯୀଶୁ । ବିଶ୍ୱାସ ଅନୁସାରେ ଠିକ୍ ମଧ୍ୟରାତ୍ରିରେରେ ଗୁହାଳ ଭିତରେ ମଦର ମେରୀଙ୍କ ଗର୍ଭରୁ ଜନ୍ମ ନେଇଛନ୍ତି ପ୍ରଭୁ ଯୀଶୁ। ତାଙ୍କର ଜନ୍ମର ଶୁଭଲଗ୍ନ ରେ ଅଧିକାଂଶ ପୃଥିବୀ ଉତ୍ସବ ମୁଖର । ସବୁଆଡେ ବିବିଧ ପ୍ରକାରର ସାଜସଜ୍ଜା ଓ ସୁଦୃଶ୍ୟ ଆଲୋକମାଳା । ଏହି ଦିନ, ଲୋକମାନେ ସେମାନଙ୍କର ଖ୍ରୀଷ୍ଟମାସ ଗଛ ସ୍ଥାପନ ଏବଂ ସଜାନ୍ତି ଏବଂ ନିଜ ଘରର ସଜାନ୍ତି, ଅନେକ ଲୋକଙ୍କର ପରିବାର ସମାବେଶ ହୋଇଥାଏ ଏବଂ ଅନେକ ଲୋକ ନିଜ ପ୍ରିୟ ଲୋକଙ୍କ ପାଇଁ ଉପହାର ଆଣିଥାନ୍ତି । ଲୋକମାନେ ଖ୍ରୀଷ୍ଟମାସ ଦିନର ସପ୍ତାହରେ ନିଜର ଖ୍ରୀଷ୍ଟମାସ ପ୍ରସ୍ତୁତି ଆରମ୍ଭ କରନ୍ତି । ଯେଉଁମାନେ ଉତ୍ସବ ପାଳନ କରନ୍ତି, ସେମାନଙ୍କ ପରିବାର କିମ୍ବା ସାଙ୍ଗମାନଙ୍କ ସହିତ ସ୍ୱତନ୍ତ୍ର ରାତ୍ରୀ ଭୋଜନ ମଧ ଆୟୋଜନ କରନ୍ତି ଏବଂ ବିଭିନ୍ନ ଉତ୍ସବର ସାମଗ୍ରୀ ପ୍ରସ୍ତୁତ କରନ୍ତି । ଶିଶୁ ଏବଂ ଅନ୍ୟାନ୍ୟ ଲୋକ ସା ।କ୍ଲଜରେ ବିଶ୍ୱାସ କରନ୍ତି, ଯାହା ପିତା ଖ୍ରୀଷ୍ଟମାସ ଭାବରେ ମଧ ଜଣାଶୁଣା, ଯିଏ ପିଲାମାନଙ୍କର ତାଲିକା ପ୍ରସ୍ତୁତ କରନ୍ତି ଏବଂ ସେମାନଙ୍କ ଆଚରଣ ଅନୁଯାୟୀ ସେମାନଙ୍କୁ ଭଲ କିମ୍ବା ଦୁଷ୍ଟ ଶ୍ରେଣୀଭୁକ୍ତ କରନ୍ତି ଏବଂ ଭଲ ଆଚରଣ କରୁଥିବା ପିଲାମାନଙ୍କ ପାଇଁ ଉପହାର ଆଣିବାକୁ କୁହାଯାଏ । ଖ୍ରୀଷ୍ଟମାସ ସାଧାରଣତଃ ବିଶ୍ୱବ୍ୟାପୀ ଏକ ଜାତୀୟ ଛୁଟି ଭାବରେ ପାଳନ କରାଯାଏ ଏବଂ ସମସ୍ତଙ୍କ ଦ୍ୱାରା ବର୍ଷର ସର୍ବୋ ମ ସମୟ ଭାବରେ ବିବେଚନା କରାଯାଏ । ଖ୍ରୀଷ୍ଟ ଧର୍ମାବଲମ୍ବୀ ନହେଲେ ବି ପୃଥିବୀର ଅଗଣିତ ନରନାରୀଙ୍କ ଯୀଶୁଙ୍କ ମହନୀୟ ବ୍ୟକ୍ତିତ୍ୱର ଜଣେ ଜଣେ ବିମୁଗ୍ଧ ସ୍ତାବକ । ଆଜି ଅଗଣିତ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇ ଓ ଭଉଣୀମାନେ ପବିତ୍ର କ୍ରୁଶ୍ଚ ହୃଦୟରେ ଲଗାଇରଖି ବଂଚିବାର ପ୍ରେରଣା ଓ ସାମର୍ଥ୍ୟ ପାଉଥିବାର ଦେଖିଲେ ମାନବଜାତିର ଉଦ୍ଧାର ପାଇଁ କ୍ରୁଶ୍ ଉପରେ ଯୀଶୁଙ୍କର ଆତ୍ମୋତ୍ସର୍ଗର ଦୃଶ୍ୟ ମାନସପଟ୍ଟରେ ଭାସିଉଠେ । ଯୀଶୁଙ୍କର ମାନବ ଜାତିକୁ ଦିଗ୍ ଦର୍ଶନ ଓ ଆଶାର ନୂଆ ଆଲୋକ ପ୍ରଣିଧାନଯୋଗ୍ୟ । ଏହି 'ବୃହ ର ମାନବ'ଙ୍କର ଜନ୍ମ ଦିବସକୁ ଯଥାର୍ଥ ରେ 'ବଡଦିନ' ବୋଲି ନାମିତ କରାଯାଇଛି ।

୧୯୨୪ ମସିହା ଠିକ୍ ଆଜିର ଦିନରେ (ଡିସେମ୍ବର ୨୫) ଭାରତର ଅନ୍ୟତମ ଲୋକପ୍ରିୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜନ୍ମ ଗ୍ରହଣ କରିଥିଲେ । ଜଣେ ଧୂରୀଣ ସାଂସଦ ଭାବେ ଶ୍ରୀ ବାଜପେୟୀଙ୍କ ରାଜନୈତିକ ଜୀବନ ଚାରି ଦଶନ୍ଧିରୁ ଅଧିକ କାଳ ବ୍ୟାପ୍ତ । ସେ ଲୋକସଭାକୁ ୯ ଥର ନିର୍ବାଚିତ ହୋଇଥିବା ବେଳେ, ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ, ଯାହାକି ଏକ ରେକର୍ଡ । ସ୍ୱାଧୀନ ଭାରତର ଦଶମ ପ୍ରଧାନମନ୍ତ୍ରୀ ଭାବେ ମୋଟ ସେ ତିନିଥର (୧୯୯୬ରେ ୧୩ ଦିନ, ୧୯୯୮ରୁ୧୯୯୯ ମଧ୍ୟରେ ୧୩ ମାସ,୧୯୯୯ରୁ୨୦୦୪ ପୁରା ୫ ବର୍ଷ) କାର୍ଯ୍ୟଭାର ସମ୍ଭାଳି ଥିଲେ । ବାଜପେୟୀ ଅବିବାହିତ ଥିଲେ । ବାଜପେୟୀଙ୍କୁ ଜଣେ ଉଦାରବାଦୀ ନେତା ଭାବେ ବିବେଚିତ କରାଯାଇଥାଏ । ଦେଶପ୍ରତି ତାଙ୍କର ନିଃସ୍ୱାର୍ଥପର ନିଷ୍ଠା ଓ ଶ୍ରଦ୍ଧା ଓ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ସମାଜ ଓ ରାଷ୍ଟ୍ର ପତି ତାଙ୍କର ସେବାକୁ ସ୍ୱୀକୃତି ପ୍ରଦାନ ପୂର୍ବକ ତାଙ୍କୁ ୧୯୯୨ ମସିହାରେ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମବିଭୂଷଣ' ଉପାଧିରେ ଭୂଷିତ କରାଗଲା। ୧୯୯୪ ମସିହାରେ ଶ୍ରେଷ୍ଠ ସଂସଦୀୟ ପୁରସ୍କାର ଓ ୨୦୧୪ ରେ ଭାରତର ସର୍ବୋଚ୍ଚ ସମ୍ମାନ 'ଭାରତରତ୍ନ' ଉପାଧି ତାଙ୍କୁ ପ୍ରଦାନ କରାଗଲା । ମହିଳା ସଶକ୍ତିକରଣ ଓ ସାମାଜିକ ସମାନତାର ଜଣେ ଦୃଢ଼ ପ୍ରବକ୍ତା ଭାବେ ଶ୍ରୀ ବାଜପେୟୀ ସଦାବେଳେ ଭାରତର ପ୍ରଗତି ଓ ବିକାଶରେ ବିଶ୍ୱାସୀ । ଭାରତ କିଭଳି ଦୃଢ଼ ସମୃଦ୍ଧ ଭାବେ ବିଶ୍ୱ ସମୁଦାୟ ଓ ବୈଶ୍ୱିକ ସଂଗଠନ ମାନଙ୍କରେ ତାର ଉପଯୁକ୍ତ ସ୍ଥାନ ପାଇପାରିବ ଏହି ଚିନ୍ତାଧାରାରେ ସେ ଜଣେ ପ୍ରମୁଖ ପ୍ରବକ୍ତା । ୨୦୧୮ ମସିହା ଅଗଷ୍ଟ ୧୬ ତାରିଖରେ ନିରବି ଯାଇଥିଲେ ବାଜପେୟୀ। ୯୩ବର୍ଷ ବୟସରେ ସେହି ମହାନ ପୁରୁଷଙ୍କର ଦେହାନ୍ତ ହେଲା। ମାତ୍ର ଜଣେ ମହାନ ବକ୍ତା, ଜଣେ ଅଜାତଶତ୍ରୁ , ଲୋକତନ୍ତ୍ରିକ ମୂଲ୍ୟର ବାହକ, ରାଷ୍ଟ୍ରବାଦୀ କବି, କୁଶଳ ପ୍ରଶାସକ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଏ ଦେଶ ଚିରଦିନ ପାଇଁ ମନେ ରଖିବ।

ମଦନ ମୋହନ ମାଳବ୍ୟ ୧୮୬୧ ମସିହା ଠିକ୍ ଆଜିର ଦିନରେ (ଡିସେମ୍ବର ୨୫) ଜନ୍ମ ଗ୍ରହଣ କରିଥିଲେ । ସେ ଏକାଧାରରେ ଜଣେ ମହାନରାଷ୍ଟ୍ର ଭକ୍ତ, ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାମାଜିକ ସଂସ୍କାରକ, ଅନେକ ସମ୍ବାଦପତ୍ରର ସମ୍ପାଦକ, ଆଇନଜିବୀ ଏବଂ ଓଜସ୍ୱୀ ବକ୍ତା ଥିଲେ । ସେ ଏକ ନୂତନ ଭାରତର କଳ୍ପନା କରିଥିଲେ ଏବଂ ନୂଆ ରାଜନୈତିକ ନେତୃତ୍ୱ ଦେବା ପାଇଁ ସେ ବଦ୍ଧପରିକର ହେବାସହ ଶିକ୍ଷାକ୍ଷେତ୍ରରେ ଅବିସ୍ମରଣୀୟ ଭୂମିକା ନିର୍ବାହ କରିଥିଲେ । ସେ ସର୍ବଦା ଶିକ୍ଷାର ରୂପ ବିସ୍ତାର ଉପରେ ଗୁରୁତ୍ୱ ଦେଉଥିଲେ । ୧୯୧୬ ମସିହାରେ ବାରାଣସୀ ଠାରେ ଏସିଆ ମହାଦେଶର ସର୍ବବୃହତ ଆବାସିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ନିଜର ଶିକ୍ଷା ପ୍ରତି ଥିବା ଅହେତୁକ ଭଲ ପାଇବାକୁ ଦେଶବାସୀ ଙ୍କୁ ଭେଟି ଦେଇଥିଲେ । ୧୯୧୯ ମସିହାରେ ରେ ସେ ଏହି ବିଶ୍ୱବିଦ୍ୟାଳୟର କୁଳପତି ରୂପେ ଦାୟିତ୍ୱ ଭାର ଗ୍ରହଣ କରିଥିଲେ । ୧୮୮୦ରେ ସେ ପ୍ରତିଷ୍ଠା କରିଥିଲେ ହିନ୍ଦୁ ସମାଜ । ସନାତନ ଧର୍ମର ମହାନତାର ପ୍ରସାର ସହ ସାମାଜିକ ସଂସ୍କାର କାର୍ଯ୍ୟରେ ନିୟୋଜିତ ମାଲବ୍ୟ ବିଭିନ୍ନ ସଂଗଠନ ପ୍ରତିଷ୍ଠା କରିଥିଲେ ଏବଂ ଅନେକ ପତ୍ରିକାର ସମ୍ପାଦନା କରିଥିଲେ । ଆଇନଜୀବୀ ହିସାବରେ ମଧ ମାଲଭିୟାଙ୍କ ଅବଦାନ ଅବର୍ଣ୍ଣନୀୟ । ଚୌରି ଚୌରା କାଣ୍ଡରେ ୧୭୭ ଜଣ ଭାରତୀୟଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡାଦେଶ ଦିଆ ଯାଇଥିଲେ ମଧ ନିଜର ଉପସ୍ଥିତ ବୃଦ୍ଧି ଯୋଗୁଁ ଶତାଧିକ ଭାରତୀୟଙ୍କ ଙ୍କ ଅମୂଲ୍ୟ ଜୀବନ ବ ।ଇ ଦେଇଥିଲେ ।

ସମ୍ମାନରେ ତାଙ୍କୁ ପଣ୍ଡିତ ମଦନ ମୋହନ ମାଲବ୍ୟ ଓ ମହାମନା ବୋଲି ସମ୍ବୋଧନ କରାଯାଉଥିଲା । ମହାତ୍ମା ଗାନ୍ଧୀ ତାଙ୍କୁ ସବୁବେଳେ ଜ୍ଞାନର ର ମହାସାଗର ତଥା ନିଜର ଆଧାତ୍ମିକ ଗୁରୁ ରୂପେ ସମ୍ବୋଧନ କରୁଥିଲେ । ୨୪ ଡିସେମ୍ବର ୨୦୧୪ ମସିହାରେ ତତ୍କାଳୀନ ଭାରତର ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ମାଲଭିୟାଙ୍କୁ ମରଣ ର ଭାବେ ଭାରତରତ୍ନ ପ୍ରଦାନ କରିଥିଲେ । ୧୨ ନଭେମ୍ବର ୧୯୪୬ ମସିହାରେ ତାଙ୍କର ମହାପ୍ରୟାଣ ଘଟିବା ସହ ଶିକ୍ଷା ଜଗତରୁ ଅପସରି ଗଲେ ଜଣେ ଉଜ୍ଜ୍ୱଳ ଜ୍ୟୋତି।

ଇତିହାସ ର ଆଇନାରେ ଡିସେମ୍ବର ୨୫ର ସ୍ୱତନ୍ତ୍ରତା ଏଇଆ ଯେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ କୁ ସାରା ବିଶ୍ୱ ଆନନ୍ଦ ଉଲ୍ଲାସ ରେ ପାଳନ କରୁଥିବା ବେଳେ ଭାରତରେ ଜନ୍ମ ନେଇଥିଲେ ଦୁଇ ଭାରତ ରତ୍ନ । ଏହା ଏକ ବିରଳ ସଂଯୋଗ ଯେ ଦୁଇ ଭାରତରତ୍ନ ଙ୍କ ଜନ୍ମ ଗୋଟିଏ ଦିନରେ ହିଁ ହୋଇଥିଲା।

♥ ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟ, କଟକ

# ଗାଁ ଗୀତ

(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୩୮

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ତଲ୍ଲୀନ ତବ ପ୍ରଣୟ ଆବେଗ
ଚିରନ୍ତନ ସୁଏ ଭାସି
ଜନ୍ମଜନ୍ମାନ୍ତର ପିପାସା ମେ ିବ
ତୁମରି ସାନ୍ନିଧେ ଆସି । ୩୯୯ ।

ଏତେ କଥା ପରେ କହୁନ କାହିଁକି
ତମ ମାଟିର କି ମାୟା ?
କି' କାଉଁରୀ ମନ୍ତ୍ର ଲୁଚାଇ ରଖିଛ
ଆମ ଗାଆଁ କିଆଁ ବାୟା ? ୪୦୦ ।

ଅନାବିଳ ଏଇ ପ୍ରେମ ଆକର୍ଷଣ
ଦେବା ନେବା କିଛି ନାଇଁ
ପ୍ରାଣବନ୍ତ ହୁଏ ଆମ ଗାଆଁ ଆତ୍ମା
ତମ ଗାଁ ପୀୟୁଷ ପିଇ । ୪୦୧ ।

ଏଇ ଆମରି ଗାଁ
ଗାଁ ନୁହେଁ ସେ ମାଆ
ଯେଉଁଠି ପଡ଼େ ସକାଳୁ ଖରା
ସଂଜ ହେଲେ ଉଠଇ ତରା
ଜାଣିଛ କି ତା' ନାଆଁ
ଏଇ ଆମରି ଗାଁ । ୪୦୨ ।

ଗହଳ ଛାଇ ବଉଳ କୋଳି
ପିଲାଏ ସେଠି କରନ୍ତି ମେଳି
ବର ଓହଳ ଆମ ଝୁଲଣା
ଡାଳରେ ଝୁଲେ ମହୁର ଫେଣା
ବହେ ଶୀତଳ ବାଆ
ଏଇ ଆମରି ଗାଁ । ୪୦୩ ।

ତୋଟାରୁ ଶୁଭେ କୋଇଲି କୁହୁ
ରସାଳ ଡାଳେ ମଧୁର ମହୁ
ବଣ ଫୁଲର ବାସ ଚହଟେ
ଗାଈଆଳର ସଂଗୀତ ଛୁଟେ
ଯେତେ ଶୁଣିଲେ ନୂଆ
ଏଇ ଆମରି ଗାଆଁ । ୪୦୪ ।

ଅଁଳା ବର ପଣସ ତାଳ
ଆତ ପିଜୁଳି କେତେ ଯେ ଫଳ
ପୋଖରୀ ହୁଡ଼ା ଖୋଲା ପବନ
ଉଡ଼ିଯିବାକୁ ହୁଏରେ ମନ
କେଡ଼େ ସୁନ୍ଦର ଆହା
ଏଇ ଆମରି ଗାଁ । ୪୦୫ ।

ବିଲ ଓ ବାଡ଼ି ଫସଲ ଭରା
ଗାଁ ହସିଲେ ହସଇ ଧରା
ଗୋରୁ ଓ ଗାଈ ଗାଆଁର ମଣି
ଭରା ଅମାର ଧାନର ଖଣି
ଗାଆଁକୁ ସାହା ମାଆ
ଏଇ ଆମରି ଗାଁ ।୪୦୬ ।

(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ଡୁଲ୍ ବୁଖାରା



୫୨

ଦୀପକ ରଂଜନ ମିଶ୍ର

## ॥ ଜତୀନ୍ ଦାସ ॥

ଲାହୋରର ବୋଷ୍ଟଲ ଜେଲ୍‌ରେ ରାଜବନ୍ଦୀମାନଙ୍କର ଚାଲିଥାଏ ଆମରଣ ଅନଶନ । ଅନ୍ୟମାନଙ୍କୁ ବଳାତ୍‌ପାନ ଯୋଗେ ବ ।ଇ ରଖିବାକୁ ଚେଷ୍ଟା କରାଯାଉଥିବା ବେଳେ ବଙ୍ଗଳାର ବୀର ସନ୍ତାନ ଜତୀନ୍ ଦାସଙ୍କୁ କିନ୍ତୁ କାବୁ କରିବା ହୋଇପଡ଼େ ଅସମ୍ଭବ । ଏକା ଜିଦ୍, ସରକାର ତାଙ୍କ ଦାବି ମାନିଲେ ଯାଇ ସେ ଖାଦ୍ୟ ଗ୍ରହଣ କରିବେ ନହେଲେ ଶୁଖି ଶୁଖି ସେଇ କାରାଗାର ଭିତରେ ହିଁ କରିବେ ପ୍ରାଣତ୍ୟାଗ । ତାଙ୍କ ପାଇଁ ସାରା ଦେଶବାସୀ ଖୁବ୍ ଚିନ୍ତିତ ହୋଇ ପଡ଼ିଥାନ୍ତି । ଅନଶନ ପ୍ରତ୍ୟାହାର କରିବାକୁ କେତେ ଲୋକ ଆସି ବୁଝାଇଲେ ବି ସେ କାହା କଥା ଶୁଣିବାକୁ ନାରାଜ । ଶେଷକୁ ସାଥୀ ଭଗତ ସିଂହ ଆସନ୍ତି ମନେଇବାକୁ । କିଛି ନଖାଇଲେ ନାହିଁ, ଔଷଧ ଗ୍ରହଣ କରିବାରେ କ'ଣ ଅସୁବିଧା ଅଛି ଯେ । କିନ୍ତୁ କାଉଁରିଆ କାଠି ଭାଙ୍ଗିଯିବ ପଛେ ମୁଣ୍ଡ ନୁଆଁଇବା ତା ଜାତକରେ ନାହିଁ ପରା । ସାଥୀର ମାନ ରକ୍ଷା କରିବାକୁ ସେ କେବଳ ଏନିମିଆଁ ନେବାକୁ ରାଜି ହୋଇଯାଆନ୍ତି । ଆସ୍ତେ ଆସ୍ତେ ତାଙ୍କର ଗୋଟିଏ ଗୋଟିଏ କରି ଅଙ୍ଗ କାମ କରିବା ବନ୍ଦ କରିଦେବାରୁ ମୃତ୍ୟୁ ସୁନିଶ୍ଚିତ ବୋଲି ସମସ୍ତେ ଜାଣିଯାଆନ୍ତି । ଶହୀଦ୍‌ଙ୍କ ମୃତଦେହକୁ ସସମ୍ମାନେ ଟ୍ରେନ୍ ଯୋଗେ ବଙ୍ଗଳାକୁ ଅଣାଯିବାର ବ୍ୟବସ୍ଥା କରିବା ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପଇସା ପଠାନ୍ତି ଲାହୋରରେ ଥିବା ଜତୀନ୍‌ଙ୍କ ସାନଭାଇ କିରଣ ଦାସଙ୍କ ପାଖକୁ । ଏଇ ଖବର ଲାହୋରରେ ପ୍ରଚାରିତ ହୋଇଯିବାରୁ ସେଠିକାର ଲୋକେ ପ୍ରତିବାଦ କରିବା ଆରମ୍ଭ କରିଦିଅନ୍ତି । ଜତୀନ୍ କ'ଣ କେବଳ ବଙ୍ଗଳାର ବୀରପୁତ୍ର ? ପଞ୍ଜାବର କେହି ନୁହେଁ ? ତାଙ୍କ ମୃତଦେହ ନେବାପାଇଁ ବଙ୍ଗଳାରୁ କାହିଁକି ପଇସା ଆସିବ ଯେ ? ବୀରସନ୍ତାନର କଫିନ୍‌କୁ ଲାହୋରରୁ କଲିକତା ପଠାଇବା ଦାୟିତ୍ୱ ପଞ୍ଜାବର । ସେମାନଙ୍କ ଆବେଗକୁ ସମ୍ମାନ ଜଣାଇ କିରଣ ଦାସ ସୁଭାଷ ବୋଷଙ୍କୁ ତାଙ୍କ ପଇସା ଫେରାଇ ଦିଅନ୍ତି । ଦୀର୍ଘ ୬୩ ଦିନର ମୃତ୍ୟୁ ପଥରେ ମୃଦୁପଦପାତର ଯାତ୍ରା କରି ୧୯୨୯ ମସିହା ସେପ୍ଟେମ୍ବର ୧୩ ତାରିଖ ଦିନ ଶହୀଦ୍ ହୋଇଯାଆନ୍ତି ଜତୀନ୍ ଦାସ । ମାତ୍ର ୨୫ ବର୍ଷ ବୟସର ଜଣେ ଯୁବକ ଭିତରେ ଏତେ ଆତ୍ମବଳ ଥିବା ଦେଖି ଚକିତ ହୋଇଯାଏ ଇଂରେଜ ସରକାର ।

ବାପା ବଙ୍କିମ ବିହାରୀ ଓ ମାତା ସୁହାସିନୀ ଦେବୀଙ୍କ ଔରସରୁ ୧୯୦୪ ମସିହା ଅକ୍ଟୋବର ମାସ ୨୭ ତାରିଖରେ, କଲିକତାଠାରେ ଜତୀନ୍ ଜନ୍ମଗ୍ରହଣ କରିଥିଲେ । ମାତ୍ର ୯ ବର୍ଷ ବୟସରେ ମାତାଙ୍କ ବିୟୋଗ ତାଙ୍କ ମନଉପରେ ଗଭୀର ପ୍ରଭାବ ପକାଇଥିଲା । ବାପାଙ୍କ ପ୍ରତ୍ୟକ୍ଷ ତ ୍ୱାବଧାନରେ ସେ ସ୍ଥାନୀୟ ବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରି ୧୯୨୦ ମସିହାରେ ମେଟ୍ରିକ୍ ପାଶ କରନ୍ତି । ସେତେବେଳେ ସାରା ଦେଶରେ ଅସହଯୋଗ ଆନ୍ଦୋଳନର ବିଗୁଲ ବାଜୁଥାଏ । ସରକାରୀ ଚାକିରିଆମାନେ ଆପଣା ଚାକିରି ତଥା ପିଲାମାନେ କଲେଜ୍ ତଥା ସ୍କୁଲ ବର୍ଜନ କରି ଆନ୍ଦୋଳନରେ ଯୋଗ ଦେଉଥାନ୍ତି । ଜତୀନ୍ ବି ଆପଣା ସାଥୀଙ୍କ ସହ ସ୍ଥାନୀୟ କଂଗ୍ରେସ କମିଟିରେ ଯୋଗ ଦେଇ ବିଦେଶୀ କପଡ଼ା ଦୋକାନ ଆଗରେ ପିକେଟିଂ କରିବାକୁ ଲାଗନ୍ତି । ସେଇ ପିକେଟିଂ କଲାବେଳେ ପୋଲିସ୍ ଆସି ତାଙ୍କୁ ଗିରଫ୍ କରି ଜେଲ୍‌ରେ ପୂରାଇ ଦିଏ । ଦେଶଭକ୍ତି ପାଇଁ ଏଇ ପ୍ରଥମ ପୁରସ୍କାର ପାଇ ସେ ଖୁବ୍ ଉଲ୍ଲସିତ ହୁଅନ୍ତି । ହେଲେ କିଛିଦିନ କାରାଗାର ଭିତରେ ରହିବା ପରେ ସେଠିକାର ଅସ୍ୱାସ୍ଥ୍ୟକର ପରିବେଶ ତଥା ନିମ୍ନ ମାନର ଖାଦ୍ୟ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟରେ ଦେଖାଦିଏ ଅବନତି । ସେ ଦିନକୁ ଦିନ ଖୁବ୍ ଦୁର୍ବଳ ହୋଇ ପଡ଼ନ୍ତି । ଅସହଯୋଗ ଆନ୍ଦୋଳନ ସମଗ୍ର ଦେଶରେ ଖୁବ୍ ଜୋରସୋରରେ ଚାଲିଥିବା ବେଳେ ଚୌରିଚୌରା ଠାରେ ହୋଇଥିବା ହିଂସାକାଣ୍ଡ ଯୋଗୁଁ ଗାନ୍ଧିଜୀ ଆନ୍ଦୋଳନ ସ୍ଥଗିତ କରିବାର ଘୋଷଣା କରନ୍ତି । ବର୍ଷେକାଳ ଆନ୍ଦୋଳନ ଜାରି ରଖିଲେ ଦେଶ ସ୍ୱାଧୀନ ହୋଇଯିବ ବୋଲି କଳ୍ପନା କରୁଥିବା ସଂଗ୍ରାମୀମାନେ ବାପୁଙ୍କ ଏଇ ନିଷ୍ପ ି ଯୋଗୁଁ ଖୁବ୍ ନିରାଶ ହୋଇଯିବା ସ୍ୱାଭାବିକ । ଆନ୍ଦୋଳନ ସ୍ଥଗିତ ହୋଇଯିବାରୁ ସମସ୍ତ ବନ୍ଦୀଙ୍କୁ ସରକାର ମୁକ୍ତ କରିଦିଅନ୍ତି । ଜତୀନ୍ ଜେଲ୍‌ରୁ ମୁକ୍ତି ପାଇ ବି ଖୁସି ନଥାନ୍ତି । ଏତେବଡ଼ ଦେଶରେ କୋଉଠି କ'ଣ ଟିକିଏ ହୋଇଗଲା ଯେ ସେଥିପାଇଁ ଅଭିମାନ କରି ଆନ୍ଦୋଳନ ବନ୍ଦ କରିଦେବା କ'ଣ ଉଚିତ୍ ? ଏଇ ପ୍ରଶ୍ନ ତାଙ୍କୁ ବାରମ୍ବାର ବିଚଳିତ କରିବାକୁ ଲାଗିଥାଏ । ଜତୀନ୍ ମନ ଦୁଃଖରେ ଆନ୍ଦୋଳନରୁ ଓହରି ଆସି ପୁଣି ନିୟମିତ କଲେଜ୍ ଯିବା ଆରମ୍ଭ କରିଦିଅନ୍ତି । କିନ୍ତୁ ତାଙ୍କ ଭିତରେ ଜାଗ୍ରତ ହୋଇ ସାରିଥିବା ବିଦ୍ରୋହୀ ଚେତନା ତାଙ୍କୁ ପଢ଼ାପଢ଼ିରେ ଏକାଗ୍ର ରହିବାକୁ ଦିଏନାହିଁ । ସେ ପୁଣି କଂଗ୍ରେସର ରଚନାତ୍ମକ କାର୍ଯ୍ୟରେ ଯୋଗଦେବାକୁ ଲାଗନ୍ତି । ମହନ୍ତଙ୍କ ଦ୍ୱାରା କରାଯାଇଥିବା ଭ୍ରଷ୍ଟାଚାର ବିରୁଦ୍ଧରେ ଦେଶବନ୍ଧୁ ଚି ରଞ୍ଜନ ଦାସ ଆରମ୍ଭ କରିଥିବା ତାରକେଶ୍ୱର ସତ୍ୟାଗ୍ରହରେ ମଧ୍ୟ ସେ ଭାଗ ନିଅନ୍ତି । ୧୯୨୩ ମସିହାରେ ବଙ୍ଗଳାରେ ଆସିଥିବା ବନ୍ୟା ଯୋଗୁଁ ହୋଇଥାଏ ନାହିଁ ନଥିବା କ୍ଷୟକ୍ଷତି । ବନ୍ୟା ପୀଡ଼ିତଙ୍କ ସହାୟତା ପାଇଁ ଉଦ୍ଧାରକାରୀ ଦଳ ସହ ଗାଁ ଗାଁ ବୁଲି ଆବଶ୍ୟକୀୟ ଜିନିଷପତ୍ର ଯୋଗାଇ ଦିଅନ୍ତି ଜତୀନ୍ । ଏଇ ଉଦ୍ଧାରକାର୍ଯ୍ୟ ବେଳେ ତାଙ୍କର ଘନିଷ୍ଠ ସମ୍ପର୍କ ସ୍ଥାପିତ ହୁଏ ନେତାଜୀ ସୁଭାଷଙ୍କ ସହିତ । ତା' ପରବର୍ଷ ପଞ୍ଜାବର ହିନ୍ଦୁ ମୁସଲମାନ ଦଙ୍ଗାର ପ୍ରଭାବ ବଙ୍ଗଳାରେ ମଧ ଦେଖାଦେବାରୁ କଲିକତାର ନିରୀହ ଜନସାଧାରଣଙ୍କୁ ସାମ୍ପ୍ରଦାୟିକତାର ନିଆଁରୁ ବ ।ଇବା ପାଇଁ ଜତୀନ୍ ଖୁବ୍ କଠିନ ପରିଶ୍ରମ କରନ୍ତି ।




ଏଇ ସମୟରେ ପ୍ରସିଦ୍ଧ କ୍ରାନ୍ତିକାରୀ ଶଚୀନ୍ଦ୍ରନାଥ ସାନ୍ୟାଲଙ୍କ ସହିତ ତାଙ୍କର ଭେଟ ହୁଏ । ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଜତୀନ୍ କ୍ରାନ୍ତି ମାର୍ଗରେ ପାଦ ବଢ଼ାଇବା ଆରମ୍ଭ କରନ୍ତି । ସେତେବେଳେ କଲିକତାରେ ଅନେକଗୁଡ଼ିଏ କ୍ରାନ୍ତିକାରୀ ସଂଗଠନ ଗଢ଼ି ଉଠିଥାଏ । ସଫଳ ନେତୃତ୍ୱର ଅଭାବରେ ସେମାନେ ପରସ୍ପର ଭିତରେ କଳି କଜିଆ କରିବାରେ ଥାଆନ୍ତି ବ୍ୟସ୍ତ । ସାନ୍ୟାଲ ସମସ୍ତଙ୍କୁ ସଂଗଠିତ କରିବା ଉଦ୍ଦେଶ୍ୟରେ ଦକ୍ଷିଣ କଲିକତାର ନ୍ୟାସନାଲ୍ ସ୍କୁଲ ଭବନରେ ସମସ୍ତଙ୍କୁ ଏକତ୍ରିତ କରି ସଭାର ଆୟୋଜନ କରନ୍ତି । ପରସ୍ପର ଭିତରେ ଥିବା ଭେଦଭାବ ଦୂରେଇ 'ହିନ୍ଦୁସ୍ଥାନ ପ୍ରଜାତନ୍ତ୍ର ସଂଘ' ନାମରେ ଏକ ସର୍ବଭାରତୀୟ ସ୍ତରର କ୍ରାନ୍ତିକାରୀ ସଂଗଠନ ଗଢ଼ା ହୁଏ । ସାନ୍ୟାଲଙ୍କ ଏହି ପ୍ରୟାସ ଭାରତର ସ୍ୱାଧୀନତା ସଂଗ୍ରାମକୁ ଏକ ଭିନ୍ନ ମୋଡ଼ରେ ପରିଚାଳିତ କରେ । ସଂଗଠନର ସମସ୍ତ ନୀତିନିୟମ ଓ ଉଦ୍ଦେଶ୍ୟ ଲେଖା ହୋଇ ଲିଫଲେଟ୍ ଆକାରରେ ସର୍ବସାଧାରଣରେ ତାହା ବିତରଣର ବ୍ୟବସ୍ଥା କରାହୁଏ ଯାହା 'ୟେଲୋ ପେପର' ନାଁରେ ବିଖ୍ୟାତ । କଲିକତାରେ ଉକ୍ତ ସଂଗଠନର ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଜତୀନ୍ ଖୁବ୍ କମ୍ ବୟସରୁ ପ୍ରସିଦ୍ଧି ଲାଭ କରିବାରେ ସଫଳ ହୁଅନ୍ତି । ତାଙ୍କ ବିଷୟରେ ଆଲୋଚନା ବେଳେ ସାନ୍ୟାଲ ପ୍ରାୟ କହୁଥିଲେ, "ଉପଯୁକ୍ତ ସମୟ ଆସିଲେ ଜତୀନ୍ ଦେଖାଇ ଦେବ ସେ କୋଉ ମାଟିରେ ଗଢ଼ା ହୋଇଛି ।" ଦଳକୁ ଆର୍ଥିକ ସଙ୍କଟରୁ ମୁକ୍ତ କରିବା ପାଇଁ କର୍ମୀମାନେ ଛୋଟମୋଟ ଡକାୟତି କରି କାମ ଚଳାନ୍ତି । ଜତୀନ୍ କିଛି ୟୁରୋପୀୟ ଫାର୍ମ ଲୁଟି ଧନ ଏକତ୍ର କରି ସେଥିରେ ୬ ଟି ମାଉଜର ପିସ୍ତଲ କିଣନ୍ତି । ତହିଁରୁ ଦୁଇଟି ବନାରସ କେନ୍ଦ୍ରକୁ ଓ ଚାରୋଟି ଉ ର ଭାରତର ସଂଗଠନକ ୍। ପଣ୍ଡିତ ରାମପ୍ରସାଦ ବିସ୍ମିଲଙ୍କ ପାଖକୁ ପଠାଇ ଦିଆହୁଏ । କଲିକତାର କମ୍ୟୁନିଷ୍ଟ କର୍ମକ ୍ଙ୍କ ସହିତ ମଧ ଜତୀନଙ୍କର ଖୁବ୍ ଭଲ ସମ୍ପର୍କ ଥାଏ । ସେମାନେ ଆବଶ୍ୟକତା ସ୍ଥଳେ ତାଙ୍କୁ ଖୁବ୍ ସାହାଯ୍ୟ କରୁଥାନ୍ତି । ଜାହାଜ କର୍ମଚାରୀଙ୍କ ମଧ୍ୟସ୍ଥତାରେ ବିଦେଶରୁ ଅସ୍ତ୍ରଶସ୍ତ୍ର ମଗାଇବାର ବ୍ୟବସ୍ଥା କରାଯାଏ । ଏସବୁ ଥିଲା ଏକ ବଡ଼ କ୍ରାନ୍ତିକାରୀ ସଂଗ୍ରାମର ପ୍ରସ୍ତୁତି । ଯା'ଦ୍ୱାରା ବିଦେଶୀ ଶାସନରୁ ଦେଶକୁ ଖୁବ୍ ଶୀଘ୍ର ମୁକ୍ତ କରାଯାଇ ପାରିବ ।

ବିଦେଶରୁ ମଗାଇଥିବା ଅସ୍ତ୍ର କିଣିବା ପାଇଁ ଅର୍ଥ ମୁଖ୍ୟ ବାଧକ ହୋଇ ଛିଡ଼ା ହୁଏ କ୍ରାନ୍ତିକାରୀଙ୍କ ଆଗରେ । ସେମାନେ କୋଉଠୁ ଏତେ ପଇସା ପାଇବେ ବୋଲି ଚିନ୍ତା କରିବାକୁ ଲାଗନ୍ତି । ସାଥୀ ଫଣୀନ୍ଦ୍ର ଏକ ପେଟ୍ରୋଲ ପମ୍ପରେ କାମ କରୁଥାନ୍ତି । ତାଙ୍କଠାରୁ ଖବର ମିଳେ ଶୁକ୍ରବାର, ଶନିବାର ଓ ରବିବାରର ପ୍ରେଟ୍ରୋଲ ବିକ୍ରିର ପଇସା ପ୍ରତି ସୋମବାର ଦିନ ଏଗାରଟା ବେଳକୁ ଜଣେ କର୍ମଚାରୀ ବ୍ୟାଙ୍କରେ ଜମା କରିବାକୁ ନେଉଥିବା କଥା । ସେଇଦିନ ବାଟରେ ଛକି ତା'ଠାରୁ ଯଦି ପଇସା ଥଳି ଛଡ଼େଇ ନିଆଯାଏ ତେବେ ଅସ୍ତ୍ର ପାଇଁ ଅର୍ଥାଭାବ ଆଉ ରହିବ ନାହିଁ । ଇଣ୍ଡୋ-ବର୍ମା ପେଟ୍ରୋଲିୟମ କମ୍ପାନୀର ଏଇ ପେଟ୍ରୋଲ ପମ୍ପଟି କାକୋଡ଼ାତଲ୍ଲାର ଟାଲିଗଞ୍ଜ ରୋଡ଼ ନିକଟରେ ଅବସ୍ଥିତ ଥାଏ । ସେଠୁ ବ୍ୟାଙ୍କ୍ ଯିବା ରାସ୍ତାଟିରେ ସବୁବେଳେ ଲୋକ ଗହଳି । ସେଇ ରାସ୍ତାରେ ପୁଣି କେମିତି ଲୁଟ୍ କରିହେବ ତାହାର ଯୋଜନାରେ ଲାଗିପଡ଼ନ୍ତି ସମସ୍ତେ । ସୋମବାର ଦିନ ଠିକ୍ ଏଗାରଟା ବେଳକୁ ପେଟ୍ରୋଲ ପମ୍ପର ଜଣେ କର୍ମଚାରୀ ଟଙ୍କାଥଳି ନେଇ ବାହାରେ । ସାଙ୍ଗରେ ଜଣେ ଜଗୁଆଳି ବାଉଁଶ ଠେଙ୍ଗାଟିଏ ହାତରେ ଧରି ଚାଲିଥାଏ । ରାସ୍ତାରେ ଜତୀନ୍ ଓ ତାଙ୍କ ସାଥୀ ସାଇକେଲ ଧରି ଠିଆ ହୋଇ ପରସ୍ପର ଭିତରେ କଥା ହେଉଥାନ୍ତି । ଏମାନେ ପାଖକୁ ଆସିବାରୁ ହଠାତ୍ ତାଙ୍କ ଆଖିରେ ଲଙ୍କାଗୁଣ୍ଡ ଛାଟିଦେଇ ଟଙ୍କାଥଳି ଛଡ଼ାଇ ନିଅନ୍ତି ଜତୀନ୍ । ସାଇକେଲ ନେଇ ସେଠାରୁ ପଳାଇ ଯିବାକୁ ବାହାରିବା ବେଳେ କିଛିଲୋକ ଘେରିଯିବାରୁ ଜତୀନ୍‌ଙ୍କ ସାଥୀ ଫାଙ୍କା ଗୁଳି ଚଳାଇ ଲୋକଙ୍କୁ ପାଖକୁ ଆସିବାକୁ ବାରଣ କରେ । ଲୋକେ ଭୟଭୀତ ହୋଇଯିବାର ଦେଖି ସେମାନେ ଦୁହେଁ ସାଇକେଲ୍ ଚଳାଇ ଉଭାନ୍ ହୋଇଯାଆନ୍ତି । ଅନେକ ବାଟ ଚାଲିଆସିଲା ପରେ ଗୋଟିଏ ଜାଗାରେ ସେମାନେ ଅଟକି ନିଜ ଜାମାପଟା ବଦଳାଇ, କଲେଜ୍ ଷ୍ଟ୍ରୀଟ୍ ପାଖ ଗୋଟେ ପରିଚିତ ଦୋକାନରେ ଟଙ୍କାଥଳିଟି ରଖିଦେଇ ସୁନାପିଲାଙ୍କ ଭଳି କ୍ଲାସରୁମ୍‌ରେ ଯାଇ ବସିପଡ଼ନ୍ତି । ଜତୀନ୍ କେତେ ସାହସୀ ଥିଲେ ତାହା ତାଙ୍କର ଏଇ ଟଙ୍କା ଲୁଟ୍ ଘଟଣାରୁ ଜାଣିବାକୁ ମିଳେ । ସେ ଖୀରିଦ୍‌ପୁର ଜାହାଜ ଘାଟ ପାଖରେ ଗୋଟିଏ ପାନବିଡ଼ି ଦୋକାନ ବି ଖୋଲିଥିଲେ ବିଦେଶରୁ ଜାହାଜରେ ଆସୁଥିବା ଗୁଳି ବନ୍ଧୁକକୁ ସେମାନଙ୍କ ପାଖରୁ ସଂଗ୍ରହ କରି ବିଭିନ୍ନ କ୍ରାନ୍ତିକାରୀ ସଂଗଠନ ପାଖକୁ ପଠାଇବାକୁ ସୁବିଧା ହେବ ବୋଲି ।

କାକୋରୀ ଟ୍ରେନ୍ ଲୁଟ୍‌ର ଅଭିଯୁକ୍ତ ମାନଙ୍କୁ ଗିରଫ୍ କଲାବେଳେ ସେମାନଙ୍କ ସହିତ ବଙ୍ଗଳାର କିଛି କ୍ରାନ୍ତିକାରୀଙ୍କ ସଂପୃକ୍ତି ବିଷୟରେ ଅବଗତ ହୋଇ ଜତୀନ୍‌ଙ୍କୁ ମଧ ନେଇ ଜେଲ୍‌ରେ ରଖାଯାଏ । କିନ୍ତୁ ସେଇ କେଶ୍‌ରେ ରାଜସାକ୍ଷୀ ବନିଥିବା ବନାରସୀଦାସ ଓ ଇନ୍ଦୁଭୂଷଣ ତାଙ୍କୁ ଚିହ୍ନି ନପାରିବାରୁ ତାଙ୍କ ବିରୁଦ୍ଧରେ କେଶ୍‌ଟି ହୋଇଯାଏ ଦୁର୍ବଳ । ବଙ୍ଗଳା ଅଧ୍ୟାଦେଶ ଅଧୀନରେ ତଥାପି ତାଙ୍କୁ ଜେଲ୍‌ରେ ରଖେ ଇଂରେଜ ସରକାର । ମେଦିନୀପୁର ଜେଲ୍‌ରେ ଥିବାବେଳେ ବେମାର ପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ଅଲିପୁର ସେ ୍ରାଲ ଜେଲ୍‌କୁ ଅଣାଯାଏ । ପୁଣି ସେଠାରୁ ତାଙ୍କୁ ସ୍ଥାନନ୍ତରିତ କରିଦିଆଯାଏ ପୂର୍ବବଙ୍ଗର ମୈମନସିଂ କାରାଗାରକୁ । ସେଠାରେ ଥିବାବେଳେ ଜତୀନ୍ ଓ ତାଙ୍କ ସାଥୀ ପନ୍ନାଲାଲ ମୁଖର୍ଜୀଙ୍କୁ ଜେଲର୍ ଅକାରଣରେ ଖୁବ୍ ହଇରାଣ କରିବାକୁ ଲାଗନ୍ତି । ଦିନକୁ ଦିନ ବ୍ୟବହାର ଅସହ୍ୟ ହେବାରୁ ଦୁଇ ସାଥୀ ତାହାର ଘୋର ପ୍ରତିବାଦ କରନ୍ତି। ଏଇ ଘଟଣାକୁ ନେଇ ଜେଲ୍ କର୍ମଚାରୀ ଓ ରାଜବନ୍ଦୀଙ୍କ ଭିତରେ ଖୁବ୍ ଝଗଡ଼ା ହେବାରୁ ଦୁହିଁଙ୍କୁ ଜେଲ୍ ଭିତରେ ନିର୍ଦ୍ଧୂମ ମାଡ଼ ଦିଆଯାଏ । ମାମଲା କୋର୍ଟକୁ ଯାଏ । ଅଧିକାରୀଙ୍କ ମନମୁଖୀ ଶାସନକୁ ବିରୋଧ କରି ଜତୀନ୍ ଓ ପନ୍ନାବାବୁ ୨୧ ଦିନ ଯାଏଁ ଆମରଣ ଅନଶନ କରନ୍ତି । ସେଇ ଅନଶନର କଥା ଖବରକାଗଜରେ ପ୍ରକାଶିତ ହେବାରୁ ବହୁସଂଖ୍ୟାରେ ଲୋକ ପ୍ରତିବାଦ କରିବାକୁ ରାଜରାସ୍ତାକୁ ଓହ୍ଲାଇ ଆସନ୍ତି । ଶେଷରେ ଜେଲ୍ ଅଧୀକ୍ଷକ କ୍ଷମା ପ୍ରାର୍ଥନା କରିବାରୁ ଯାଇ ଅନଶନ ପ୍ରତ୍ୟାହୃତ ହୁଏ । ମାମଲା ଥଣ୍ଡା ପଡ଼ିଯାଏ ସିନା କିନ୍ତୁ ଜତୀନ୍‌ଙ୍କ ଉପରେ ରାଗ ରଖି ତାଙ୍କୁ ପଞ୍ଜାବର ସବୁଠାରୁ ବଦନାମ କାରାଗାର, ମିଆଁବାଲୀ ଜେଲ୍‌କୁ ସ୍ଥାନାନ୍ତରଣ କରିଦିଆଯାଏ । ସେଠାରେ ଅତ୍ୟଧିକ ଗରମ ସାଙ୍ଗକୁ ମାତ୍ରାଧିକ ନିର୍ଯ୍ୟାତନା । ବଡ଼ କଷ୍ଟରେ ଦିନ କଟେ ଜତୀନ୍‌ଙ୍କର। ସେ ଆସ୍ତେ ଆସ୍ତେ ଖୁବ୍ ଦୁର୍ବଳ ହୋଇ ପଡ଼ନ୍ତି । ଆଖିରେ ସଂକ୍ରମଣ ଯୋଗୁଁ ଦୃଷ୍ଟିଶକ୍ତି ବି ହ୍ରାସ ପାଇବାକୁ ଲାଗେ । ଇଂରେଜ ସରକାର ଶତଚେଷ୍ଟା କରି ବି କୌଣସି ପ୍ରମାଣ ତାଙ୍କ ବିରୁଦ୍ଧରେ ଯୋଗାଡ଼ କରି ନପାରିବାରୁ ଶେଷରେ ତାଙ୍କୁ ଜେଲ୍‌ରୁ ମୁକ୍ତ କରିବାକୁ ବାଧ ହୁଏ । କଲିକତା ଫେରିବା ପରେ ପଢ଼ାପଢ଼ି ଜାରି ରଖିବା ପାଇଁ ବଙ୍ଗବାସୀ କଲେଜ୍‌ରେ ଜତୀନ୍ ନାମ ଲେଖାନ୍ତି । ସେଠାରେ ପଢ଼ିଲାବେଳେ ପୁଣି ତାଙ୍କର କ୍ରାନ୍ତିକାରୀ ଗତିବିଧି ବୃଦ୍ଧି ପାଇବାକୁ ଲାଗେ । ସେ ନିଜ ସହପାଠୀଙ୍କୁ କ୍ରାନ୍ତିକର୍ମରେ ଯୋଗଦେବା ପାଇଁ ଉତ୍ସାହିତ କରିବା ଆରମ୍ଭ କରିଦିଅନ୍ତି । ପୁଣି ଗୋଟିଏ କ୍ରାନ୍ତିକାରୀ ଦଳ ତାଙ୍କ ନେତୃତ୍ୱରେ ମୁଣ୍ଡ ଟେକେ । ସେ ବଙ୍ଗଳାରେ ଭୂମିଗତ ଆନ୍ଦୋଳନର ପ୍ରାଣ ଓ କେନ୍ଦ୍ରବିନ୍ଦୁ ବନିଯାଆନ୍ତି । ତାଙ୍କ ପ୍ରଭାବ ଓ ଏକନିଷ୍ଠ ପ୍ରଚେଷ୍ଟା ବଳରେ କଲିକତାରେ କ୍ରାନ୍ତିକାରୀଙ୍କ ଆନ୍ଦୋଳନ ଖୁବ୍ ସଶକ୍ତ ହୋଇଯାଏ ।

ପୋଲିସ୍‌ର ଲାଠିମାଡ଼ରେ ଆହତ ହୋଇ କିଛିଦିନ ପରେ ଲାଲା ଲାଜପତ ରାୟଙ୍କ ଦେହାନ୍ତ ଖବର କ୍ରାନ୍ତିକାରୀଙ୍କ ମଧ୍ୟରେ ନବଉନ୍ମାଦନା ଆଣିବାରେ ସଫଳ ହୋଇଥିଲା । ସେଦିନ ଲାଠିଚାର୍ଜ ଆଦେଶ ଦେଇଥିବା ଇଂରେଜ୍ ପୋଲିସ୍ କମିଶନର ସ୍କଟ୍‌ଙ୍କୁ ହତ୍ୟା କରିବାକୁ ନିଷ୍ପ ି ନିଅନ୍ତି ଚନ୍ଦ୍ରଶେଖର ଆଜାଦ୍, ଭଗତସିଂହ ଓ ତାଙ୍କ ସାଥୀମାନେ । ସେଇ ଉଦ୍ୟମରେ ସ୍ପଷ୍ଟ ଦିବାଲୋକରେ, ଥାନା ସାମ୍ନାରେ ପୋଲିସ୍ ଅଫିସର ସାଣ୍ଡାର୍ସଙ୍କ ହତ୍ୟା କରାଯାଏ । ଏଇ ହତ୍ୟାକାଣ୍ଡ ଯୋଗୁଁ ସମଗ୍ର ଦେଶରେ ଚହଳ ପଡ଼ିଯାଏ । ହତ୍ୟାକାରୀଙ୍କୁ କାବୁ କରିବା ପାଇଁ ଲାହୋର ପୋଲିସ୍ ଖୁବ୍ ସକ୍ରିୟ ହୋଇଉଠେ । ହେଲେ ଆଜାଦ୍, ଭଗତସିଂହ ଓ ରାଜଗୁରୁ ଛଦ୍ମବେଶରେ ଫେରାର ହୋଇଯାଆନ୍ତି। ଭଗତସିଂହ ତାଙ୍କ ନିଶଦାଢ଼ି ଓ ଲମ୍ବାବାଳକୁ କାଟି, ସାହେବୀ ଠାଣିର ପୋଷାକ ପିନ୍ଧି ଦୁର୍ଗାଭାବୀ ଓ ତାଙ୍କ ତିନିବର୍ଷର ପୁଅ ସଚୀନ୍ ସହିତ ଲାହୋରରୁ କଲିକତା ପଳାଇ ଆସନ୍ତି । ପୋଲିସ୍ ତଥା ଗୁପ୍ତଚର ବିଭାଗର କର୍ମଚାରୀମାନେ ଟ୍ରେନ୍‌ରେ ତନ୍ନ ତନ୍ନ କରି ଖୋଜି ମଧ ବିନ୍ଦୁ ବିସର୍ଗ କିଛି ଜାଣି ପାରନ୍ତି ନାହିଁ । ଭଗତସିଂହ କଲିକତାରେ କିଛିଦିନ ସୁଶିଲାଦିଦିଙ୍କ ପାଖରେ ଆତ୍ମଗୋପନ କରି ରହିବା ପରେ ପୁଣି ଆପଣା କ୍ରାନ୍ତିକର୍ମରେ ସକ୍ରିୟ ହୋଇଉଠନ୍ତି । ବୋମା ପ୍ରସ୍ତୁତ କରିବା କୌଶଳ ଜାଣିଥିବା ଜଣକୁ ସେ ଖୋଜୁଥାନ୍ତି ତାଙ୍କର ଆଗାମୀ ଅଭିଯାନ ପାଇଁ । ଏଇ କ୍ରମରେ ତାଙ୍କର ଭେଟ ହୁଏ ଜତୀନ୍‌ଙ୍କ ସହିତ । ଏଇ କଳାରେ ସେ ଥାନ୍ତି ସିଦ୍ଧହସ୍ତ । ଭଗତସିଂହଙ୍କ ସହ କଥାବା ୍। ପରେ ସେ ତାଙ୍କସହ କାମ କରିବାକୁ ରାଜି ହୋଇ ଯାଆନ୍ତି । ଆଗ୍ରାର ହୀରାମଣ୍ଡିରେ ଗୋଟେ ଭଡ଼ାଘର ନେଇ ସେଠାରେ ବୋମା ତିଆରି କାରଖାନା ଖୋଲିବାକୁ ଯୋଜନା କରିଥାନ୍ତି ଚନ୍ଦ୍ରଶେଖର ଆଜାଦ୍। ଜତୀନ୍ ସେଠାକୁ ଯାଇ ଆଜାଦ୍ ଓ ତାଙ୍କ ସାଥୀମାନଙ୍କୁ ବୋମା ତିଆରି ଶିଖାଇବା ଆରମ୍ଭ କରନ୍ତି......

(କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୫ ଡିସେମ୍ବର, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ରାଜନୀତିରେ ଯଦି ନୈତିକତା ରହନ୍ତା

## କାଳିକିଙ୍କର



ଆଜି ଭାରତର ଲୋକତନ୍ତ୍ର ଉପରେ ଅନେକ ପ୍ରଶ୍ନଚିହ୍ନ । ସ୍ୱାଧୀନତା ପୂର୍ବ ଭାରତବର୍ଷରେ କିଛି ଦଳ ରାଜନୀତି କରିବାପାଇଁ ପଦାର୍ପଣ କରିଥିଲେ । ତେବେ ତାହା ସୀମିତ ରାଜନୈତିକ ଦଳ ଥିଲା ଏବଂ ସେତେବେଳେ ସେମାନେ କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ଶାସନ ବିରୁଦ୍ଧରେ ଲଢେଇ ଲଢୁଥିଲେ । ଉଦାହରଣ ସ୍ୱରୂପ ଭାରତୀୟ ଜାତୀୟ କଂଗ୍ରେସ ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏ ଦେଶକୁ ସ୍ୱାଧୀନ କରିବା । ଇଂରେଜ ସରକାରଙ୍କ ବିଦେଶୀ ଶାସନରୁ ମୁକ୍ତ କରିବା ।

ସେତିକିବେଳେ ମୁସଲମାନମାନେ ମଧ୍ୟ ଐକ୍ୟବଦ୍ଧ ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ସ୍ୱାଧୀନତାପାଇଁ ଲଢ଼ିବାକୁ ବାହାରିଲେ । ସେମାନଙ୍କର ଦଳ ଭିନ୍ନ ହେଲେ ମଧ୍ୟ ମହାତ୍ମାଗାନ୍ଧୀଙ୍କ ଅପ୍ରତିଦ୍ୱନ୍ଦ୍ୱୀ ନେତୃତ୍ୱରେ ଏକ ହୋଇ ଲଢେଇ ଲଢ଼ିଲେ । ତେବେ ଏହି ଭାରତର ଭାଗ୍ୟ ବିବିଧ ପରିସ୍ଥିତି ମଧ୍ୟ ଦେଇ ଗତିକରିଛି । ଧନଧାନ୍ୟରେ ପରିପୂର୍ଣ୍ଣ ଥିଲା ଏହି ଭାରତ ଭୂମିର ଅତୀତ । ଏହି ଧନଧାନ୍ୟ ପ୍ରତି ଆକୃଷ୍ଟ ହୋଇ ବିଦେଶରୁ ଧାଇଁ ଆସିଛନ୍ତି ଅନେକ ଦେଶର ଶାସକ ଓ ବଣିକ । ସେତେବେଳେ ଏ ବିଶାଳ ଭାରତ ଭୂଖଣ୍ଡରେ ସେମିତି କେହି ଶାସକ ନ ଥିଲେ ଯେ ସାରା ଭୂଖଣ୍ଡରେ ଦୃଢ଼ ଶାସନ ବ୍ୟବସ୍ଥା ସ୍ଥାପନ କରିଥିଲେ ।ଖଣ୍ଡ ଖଣ୍ଡ ବିଭକ୍ତ ଥିଲା ଏ ଦେଶର ଶାସନ । ଏମାନଙ୍କ ମଧ୍ୟରେ ନ ଥିଲା ଏକତା । ଏହାର ସୁଯୋଗ ନେଇ ବାରମ୍ବାର ଏ ଦେଶ ଉପରେ ଆକ୍ରମଣ ହେଲା ।

ଏ ଦେଶରେ ମୁସଲମାନମାନେ ଦୀର୍ଘ ସମୟ ଧରି ଶାସନ କଲେ । ତାପରେ ସେମାନଙ୍କୁ ପରାଜିତ କରି ଇଂରେଜ ଆସି ଦୀର୍ଘ ସମୟ ଶାସନ କଲେ । ଏହି ଶାସକମାନେ ଯେତେବେଳେ ଶାସନ କଲେ ସେମାନେ ଏ ଦେଶର ଦୁର୍ବଳ ଜନମାନସକୁ ପ୍ରଭାବିତ କରି ଅନେକଙ୍କୁ ତାଙ୍କ ଧର୍ମରେ ଧର୍ମାନ୍ତରିତ କଲେ । ମୁସଲମାନ ଶାସକମାନେ ଲୋକଙ୍କୁ ଇସଲାମ କଲେ ତ ଇଂରେଜ କଲେ ଖ୍ରୀଷ୍ଟିଆନ । ଏବେ ଯେଉଁମାନେ ଏଦେଶର ବାସିନ୍ଦା ସେମାନେ ବିଶେଷଭାବରେ ଏହି ଧର୍ମର । ତେବେ ଏ ଦେଶର ଅଧିକାଂଶ ନିବାସୀ ହେଲେ ହିନ୍ଦୁ ।

ଆଜିର ଯେଉଁ ରାଜନୀତି କଥା ଆମେ ଆଲୋଚନା କରୁଛୁ ତାହା ଭୋଟପାଇବା ଓ କ୍ଷମତା ଦଖଲ କରିବା ରାଜନୀତି ହୋଇଯାଇଛି । ଯିଏ କ୍ଷମତା ଦଖଲ କରି ସିଂହାସନରେ ବସିଲା ସେ ସୁଖସୁବିଧା ଉପଭୋଗ କଲା । ନିଜର ବଂଶ ଅଂଶ ସମସ୍ତଙ୍କ ସୁଖସୁବିଧା ଚିନ୍ତାକଲା । ଏମିତିରେ ତାଙ୍କୁ ଯିଏ କ୍ଷମତା ପ୍ରଦାନ କଲା ସେମାନଙ୍କ କଥା ବିଶେଷ ଚିନ୍ତା କଲାନାହିଁ । ରାଜନୀତିରେ ସ୍ୱାର୍ଥପରତା ଓ ସୁବିଧାବାଦ ପ୍ରବେଶ କରିଗଲା । ଏହି ସ୍ୱାର୍ଥପରତା ଓ ସୁବିଧାବାଦହିଁ ଅନୈତିକ ରାଜନୀତିର ଖିଆଲ ।

କଳେବଳେ କେମିତି କ୍ଷମତା ଦଖଲ କରିହେବ ସେଥିପାଇଁ ଜାତି, ଧର୍ମ ଆଦିର ବିଦ୍ୱେଷ ସୃଷ୍ଟି ହେଉଛି । ଲୋକଙ୍କ ମତ ବା ଭୋଟକୁ ଭୟ ଓ ଭିକ ମାଧ୍ୟମରେ ଆୟତ୍ତ କରାଯାଉଛି । ମୁସଲମାନମାନେ ହିନ୍ଦୁମାନଙ୍କର ଶତ୍ରୁ ଓ ହିନ୍ଦୁମାନେ ମୁସଲମାନମାନଙ୍କର ଶତ୍ରୁବୋଲି ପ୍ରଚାର କରି ସେମାନଙ୍କ ମଧ୍ୟରେ ସମାଜି ବୈମନସ୍ୟ ଭାବ ଗଢି ଦିଆଯାଉଛି । ଏ ଦେଶର ଲୋକଙ୍କୁ ଏହି ଦେଶର ଲୋକଙ୍କ ବିରୁଦ୍ଧରେ ଛିଡା କରାଇ ଦିଆଯାଉଛି । ଏହାହିଁ ଆଜିର ଭାରତୀୟ ଗଣତନ୍ତ୍ରର ବାସ୍ତବସ୍ଥିତି ।

ଗାନ୍ଧୀ, ନେହେରୁ, ପଟେଲ ଇତ୍ୟାଦି ନେତାମାନେ ଏ ଦେଶକୁ ସ୍ୱାଧୀନତା ଆଣିବାପାଇଁ ଯେଉଁ ବ୍ରତ କରିଥିଲେ ସେ ବ୍ରତରେ ଥିଲା ସ୍ୱାର୍ଥର ଆହୁତି ଦେଇ ଦେଶଦଶର ସେବାକରିବା । ଦେଶସେବାକୁ ସେମାନେ ପରମ ବ୍ରତ ଭାବରେ ଗ୍ରହଣ କରିଥିଲେ । ସେଥିପାଇଁ ତ ସେମାନେ ହସି ହସି ଜେଲ ଯାଉଥିଲେ- ଫାଶୀଖୁଣ୍ଟରେ ଝୁଲି ଯାଉଥିଲେ । ଏହାଥିଲା ଦେଶକୁ ଓ ଦେଶବାସୀଙ୍କୁ ଭଲପାଇବା । ଏକ ପରିପୂର୍ଣ୍ଣ ନୈତିକ ନୀତି ସେମାନଙ୍କ ଭିତରେ ତିଷ୍ଠି ରହିଥିଲା । ଲୋକଙ୍କ ଭିତରେ ଛଳନା, ପ୍ରତାରଣା,ମିଛ, ଭଣ୍ଡାମି, ସ୍ୱାର୍ଥପରତା ଓ ସୁବିଧାବାଦ ନ ଥିଲା । ସେଥିପାଇଁ ଗାନ୍ଧୀ ରାମରାଜ୍ୟର କଳ୍ପନା କରିଥିଲେ ।

ଡ଼ଃ ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ନୈତିକତାର ଖସଡ଼ା ପ୍ରସ୍ତୁତ ହେଲା ଯାହାକୁ ସମ୍ବିଧାନ ବୋଲି କୁହାଗଲା । କୁହାଗଲା ଯେ ସେହି ସମ୍ବିଧାନ ଅନୁସାରେ ଦେଶ ଚାଲିବ । ଦେଶର ଆଇନ କାନୁନର ରାକ୍ଷଣାହେବ ।ସୁନ୍ଦର ଓ ସ୍ୱଚ୍ଛ ଶାସନ ଚାଲିବ । ବିଭିନ୍ନ ସାମ୍ବିଧାନିକ ସଂସ୍ଥା ଗଢ଼ାହେବ- ସେମାନେ ସ୍ୱାଧୀନ ଭାବରେ କାମ କରିବେ । ସରକାରକୁ ସ୍ୱେଚ୍ଛାଚାରୀ ହେବାକୁ ଦେବେ ନାହିଁ ।

ସେମାନେ କିନ୍ତୁ କେବେ ଭାବି ନ ଥିବେ ଯେ ଦିନେ ଏମିତି ସମୟ ଆସି ପହଂଚିବ ଏ ଦେଶର ସମ୍ବିଧାନ ନିଷ୍ପ୍ରାଣ ଲାଗିବ, ସାମ୍ବିଧାନିକ ଅନୁଷ୍ଠାନ ଗୁଡିକ ସରକାରୀ ତନ୍ତ୍ରର ସଖୀ କଣ୍ଢେଇ ହୋଇ ଦେଖାଦେବ । ଯେଉଁ ଲୋକପ୍ରତିନିଧି ସ୍ୱଚ୍ଛ ନିର୍ମଳ ଭାବନେଇ ଦେଶସେବା କରିବେ ବୋଲି ସେମାନେ ଭାବିଥିବେ ତାହା ମିଛ ହେବ- ସୁବିଧାବାଦ ଓ ସ୍ୱାର୍ଥପରତା ଏ ଦେଶକୁ ଦୁର୍ବଳ କରିବାରେ ଲାଗିବ । ନୈତିକତା ବା ନୀତି ଆଦର୍ଶ ଧୂଳିସାତ ହୋଇଯିବ । ନେତାମାନେ ଭୋଟ କିଣିବେ ବା ଦାଖଲ କରିବେ । ଲୋକେ ମଧ୍ୟ ବିକ୍ରିହେବେ ଓ ଭୟରେ ଜିଇଁବେ । ଆଖିଥାଇ ଅନ୍ଧ ହେବେ । ବିବେକ ଥାଇ ଅବିବେକୀ ହେବେ ।

ତେବେ କଥାଟି ହେଲା ଯଦି ଏମିତି ନ ହୋଇ ସେମିତି ହୁଅନ୍ତା ତେବେ ? ଯଦି ରାଜନୀତିରେ କେବଳ ନୈତିକତା ରହନ୍ତା । ଲୋକେ ନୀତି ଓ ଆଦର୍ଶରେ ଦେଶ ସେବା କରନ୍ତେ । ତେବେ ପରମ ଆନନ୍ଦରେ ନିଶ୍ଚୟ ରାମରାଜ୍ୟ ଆସିଛି ବୋଲି କହିପାରନ୍ତେ ।

+ ସୌଭାଗିନୀ ନିବାସ, ରଟିଲୋ,
ରେଞ୍ଚ, ପୁରୀ-୭୫୨୧୧୪, ମୋ-୮୨୪୯୨୧୬୦୬୭ ।

## ପାଇଛୁ...ପଢିଛୁ...




**ନବକାକଳି**
**ସଂପାଦକ : ସୁରେନ୍ଦ୍ର ନାଥ ତ୍ରିପାଠୀ**
**ବାଣୀନିଳୟକନ୍ତାର, ସିଦ୍ଧଳ,**
**କାଦୁଅପଡା,ଜଗତସିଂହପୁର**
**(ମୋ) ୯୪୩୭୪୭୫୩୫୮**

ଆମେ ଆଜିକାଲି ସମସ୍ତେ ପ୍ରାୟ ସ୍ୱାର୍ଥପର ଓ ଆତ୍ମକୈନ୍ଦ୍ରିକ ହୋଇପଡିଛେ । ଦେଶ ସମ୍ବନ୍ଧରେ ଚିନ୍ତା କରିବାକୁ ଚାହୁଁନାହେଁ । ଫଳରେ ସାରା ବିଶ୍ୱକୁ ଜ୍ଞାନାଲୋକରେ ଉଦ୍ଭାସିତ କରିଥିବା ଏ ଦେଶ ଅତ୍ୟନ୍ତ ଶୋଚନୀୟ ଅବସ୍ଥାକୁ ପ୍ରାପ୍ତ ହେବା ବିଚିତ୍ର ନୁହେଁ ।ଏବେ ବି ସମୟ ଅଛି, ଆସନ୍ତୁ ସମସ୍ତେ ଆଜିର ପାର୍ବଣ ମଣ୍ଡପରେ ମାଆ ଦୁର୍ଗାଙ୍କ ନିକଟରେ ନତଜାନୁ ହୋଇ ତାଙ୍କୁ ପ୍ରାର୍ଥନା କରିବା- ଆମକୁ ଶକ୍ତି ଦିଅନ୍ତୁ, ସାହାସ ଦିଅନ୍ତୁ, ଦେଶ ମାତୃକାର ଉଜ୍ଜ୍ୱଳ ସହିତ ଆମ ସନାତନ ହିନ୍ଦୁଧର୍ମକୁ ରକ୍ଷା କରିବାକୁ ମନୋଭାବ ଦିଅନ୍ତୁ । ଆସନ୍ତୁ ସମସ୍ତେ ଏକ ସ୍ୱରରେ କହିବା - ଦୁର୍ଗା ଦେବ୍ୟୈଃ ନମୋ ନମଃ । ମାତୃକୃପା ହେଲେ ତାଙ୍କ ହୃଦୟରେ ଆମ ପାଇଁ କରୁଣା ଜାତ ହେଲେଏ ପ୍ରାଚୀ ଭୂଖଣ୍ଡ ତାର ଐତିହ୍ୟ, ଗରିମା, ବିଶେଷ କରି ଧର୍ମକୁ ରକ୍ଷା କରି ପାରିବ । ସେଥିପାଇଁ ଆମେ ସମସ୍ତେ ହୀନ ରାଜନୀତି, ସ୍ୱାର୍ଥପରତା, ପରସ୍ପରକୁ ହିଂସା, ଈର୍ଷା କରିବା ଛାଡିଦେଇ ଦେଶପ୍ରେମରେ ଉଦ୍ବୁଦ୍ଧ ହୋଇ ପ୍ରକୃତ ଦେଶକାମ କରିବା ଦରକାର । ନହେଲେ ଆମେ ଯେ କି ପରିଣାମ ଭୋଗିବା, ତାହା ଭାଷାରେ କୁହାଯାଇ ନପାରେ ।’- ଏତକ ‘ନବକାକଳି’ର ସମ୍ପାଦକ କବି ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୂଜା ସଂଖ୍ୟାର ସମ୍ପାଦକୀୟର ଚିନ୍ତାଶୀଳ ଅଭିବ୍ୟକ୍ତି ।

୧୧୨ପୃଷ୍ଠାର ଏହି ପତ୍ରିକାରେ ରହିଛି ବରିଷ୍ଠ ଓ ବନିଷ୍ଠ ଲେଖକଙ୍କ କବିତା, ଗଳ୍ପ, ପ୍ରବନ୍ଧ, ଶିଶୁ ବିଭାଗ ବଣମଲ୍ଲୀ, ଲଘୁକଥାର ସମାହାର । ମା’ଙ୍କର ଅଭିନବ ଚିତ୍ରରେ ପ୍ରସ୍ତୁତ ସୁନ୍ଦର ପ୍ରଚ୍ଛଦ, ପରିଷ୍କାର ମୁଦ୍ରଣ, ସୁସମ୍ପାଦନା ଏହାର ପୂର୍ବ ମର୍ଯ୍ୟାଦାକୁ ବଜାୟ ରଖିବାରେ ସହାୟକ ହୋଇଛି ।

ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ଫିଚର୍ସ

# ସ୍ମୃତି ଶତଦଳ ୨୭୧

## ମୋର ପରମ ପୂଜ୍ୟ ଗୁରୁ -୫

### ଡା. ସରୋଜିନୀ ଷଡଙ୍ଗୀ

♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୀବନର ମାନଚିତ୍ରରେ ଭାଗ୍ୟର ରୂପରେଖ ନେଇ ଅଙ୍କିତ ଚିତ୍ରଟି ବଡ ଚମତ୍କାର । ମୁଁ ଫିଜିକ୍ସ ଅନର୍ସରେ ସିଟ ପାଇ ମଧ୍ୟ ରେଭେନ୍ସା କଲେଜକୁ ଯାଇ ଆଡମିଶନ ନେବାର ଠିକ୍ ପୂର୍ବରୁ ମାତ୍ର ପଦିଏ କଥା ମୋର ଭାଗ୍ୟରେଖାକୁ ବଦଳାଇ ଦେଇଥିଲା । ଦେଖ ନା ! ଈଶ୍ୱର ଓ ସମୟ ଦୁହିଁଙ୍କର କି ଅଦ୍ଭୁତ ବୁଝାମଣା ! ! ଆମ ଜୀବନରେ ଯାହା କିଛି ଘଟିଛି ଓ ଘଟିବ ଏହା ଅବଶ୍ୟମ୍ଭାବୀ । ଏସବୁ ହିସାବ ନିକାଶ ଆମ ହାତରେ ନାହିଁ , ଅଛି ସେଇ ଅପୂର୍ବ, ଅକ୍ଷୟ, ଅନନ୍ତ ଅବିନଶ୍ୱର ଭାଗ୍ୟନିୟନ୍ତାଙ୍କ ପାଖରେ । ଆମେ କ’ଣ କରିଛୁ , କାହିଁ କି କରିଛୁ, ପୁଣି କେତେବେଳେ କରିବୁ ଏବଂ ଏହାର ଭାଗ୍ୟଫଳ କ’ଣ ହେବ ଓ ଭାଗଶେଷ କେତେ ରହିବ ସେକଥା ସେଇ ଅନାଥର ନାଥ ଜଗନ୍ନାଥ ହିଁ ଜାଣନ୍ତି । ଆମେ କେବଳ ନିମିତ୍ତ ମାତ୍ର । ନା’ ବୀଜଗଣିତ, ନା ପାଟୀଗଣିତ, ନା’ ଜ୍ୟାମିତି, ନା’ ମାନସାଙ୍କ, ନା ଶୁଭଙ୍କରୀ, ନା’ ସାଙ୍କେତିକ, ନା ସରଳ, ନା ଜଟିଳ ଜୀବନରେ କୌଣସି ପ୍ରକାର ଅଙ୍କ କଷାକଷି ସାଧାରଣ ମଣିଷଟିଏ କରିପାରେ ନାହିଁ । ଏ ଅଙ୍କ ସବୁକୁ କେବଳ ସମାଧାନ କରିପାରନ୍ତି ପ୍ରଭୁ ନୀଳାଂଜନ । ଏସବୁର ସରଳ ଉତ୍ତରଟିଏ କେବଳ ସେ ହିଁ ଦେଇପାରନ୍ତି ।

ତେଣୁ ମୁଁ ଫିଜିକ୍ସ ନ ନେଇ ମେଡିକାଲ ପଢିବାକୁ ଜିଦ୍ ଧରିବାରୁ ନନାଙ୍କ କଣ୍ଠରେ ବିଜେ ହେଲେ ମା’ ସରସ୍ୱତୀ ଏବଂ ସଙ୍ଗେ ସଙ୍ଗେ ପ୍ରଭୁ ଆସି ନାଁ ଲେଖାଇ ଦେଲେ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜରେ ଯେଉଁଠି ହିପ୍ରୋକ୍ରାଟିକ୍ ଶପଥ ଗ୍ରହଣ ଉତ୍ସବ ପରେ ଆରମ୍ଭ ହୋଇଥିଲା କ୍ଲାସ । ଆମର ଆନାଟୋମି କ୍ଲାସ ଆରମ୍ଭ ଥିଲା ସବୁଠାରୁ କଷ୍ଟମୟ ସମୟ । ସେଠି ଥିଓରି ତ ଯାହା ପଢାହୁଏ କିନ୍ତୁ ସବୁଠାରୁ ବେଶୀ କଷ୍ଟ ଡେଡ ବଡି କାଟିବା ଯାହାକୁ ଆମେ କହୁଥିଲୁଁ ‘କାଡାଭର’, କାହାର ମୁଣ୍ଡ ଓ ବେକ, କାହାର ପେଟ, କାହାର ହାତ ଓ କାହାର ଗୋଡ, କିନ୍ତୁ ସେଠି ଯେତିକି ଡର ଲାଗୁଥିଲା, ସେତିକି କାଡାଭର କାଟିଲାବେଳେ ହାତ ଗନ୍ଧଉଥିଲା । ଆନାଟୋମି କ୍ଲାସ ପରେ ଆଉ ନନଭେଜ ଫୁଡ ଖାଇ ହେଉନଥିଲା । ଆନାଟୋମିରେ ଥିଲେ ପ୍ରଫେସର ଜ୍ୟୋତିମିଶ୍ର, ଡଃ କାଞ୍ଚନ ବୋଷ୍ ଆଦି । କିନ୍ତୁ ଯିଏ ଆମକୁ ଆମ ଦେହର ପ୍ରତ୍ୟେକଟି ଶିରା, ଧମନୀ ମାଂସପେଶୀ ଓ ହାଡ ସହ ପରିଚିତ କରାଇଥିଲେ ସେଥିଲେ ଆମର ଶ୍ୟାମ ସାର ଡଃ ଶ୍ୟାମ ସୁନ୍ଦର ଦାସ । ତାଙ୍କର କାଡାଭରକୁ କାଟି ବା’ ଡିସେକ୍ଟ କରି ପ୍ରତ୍ୟେକଟି ମାଂସପେଶୀ ଓ ବୋନ୍ ପଢାଇବା ପ୍ରଣାଳୀ ଏତେ ସୁନ୍ଦର ଥିଲା ଯେ, ପ୍ରଥମ କ୍ଲାସରୁ ହିଁ ପ୍ରାୟ ଆମେ ସବୁ ମନେ ରଖି ଦେଉଥିଲୁଁ । ସେ ଥିଓରି କ୍ଲାସରେ ମଧ୍ୟ ପଢାଇଲେ ଶରୀରର ସବୁ ଆଟାଚମେଣ୍ଟ ଏମିତିକି ଶିରା, ଧମନୀ ଓ ସ୍ନାୟୁ ସବୁ ମନେ ରହିଯାଉଥିଲା । ଆମେ ପ୍ରାୟ ଖଟ ଉପରେ ତକିଆ ପାଖରେ ହାଡ, ଖପୁରି ହାଡ ଓ ଗୋଡର ହାଡ ରଖି ପଢୁଥିଲୁ ଏବଂ ଶୋଉଥିଲୁଁ । କିଏ କିଏ ଆମକୁ ଥଟ୍ଟା କରି କହୁଥିଲା ସରୋଜିନୀ ତକିଆ ପାଖରେ ଖପୁରି ହାଡ ରଖି ବାରମଜା ଖାଉଛି ।

ଶ୍ୟାମ ସାରଙ୍କର ପଢାଇବା ପ୍ରଣାଳୀରେ ଆମେ ସମସ୍ତେ ଆନାଟୋମିରେ ଖୁବ୍ ଭଲ ମାର୍କ ରଖିଥିଲୁ । ମତେ ସବୁବେଳେ ‘ଏ’ ପ୍ଲସ ଆସାଇନମେଣ୍ଟ ମିଳୁଥିଲା ଏବଂ ଫାଇନାଲ ପରୀକ୍ଷାରେ ମତେ ଅନର୍ସ ପାଇଁ ସୁପାରିଶ କରାଯାଇଥିଲା । କିନ୍ତୁ ବାୟୋକେମିଷ୍ଟ୍ରିର ଆସିଷ୍ଟାଣ୍ଟ ପ୍ରଫେସର ଡଃ ବାସୁଦେବ କରଙ୍କର ପଢାଇବାର ଶୈଳୀ ଏତେ ଅନନ୍ୟ ଥିଲା ଯେ, ଆମେ ଜୀବ ରସାୟନ ବିଭାଗ ଭଳି ଡ୍ରାଏ ବିଭାଗରେ ମଧ୍ୟ ସବୁପାଠ ଖୁବ୍ ଆଗ୍ରହର ସହ ପଢୁଥିଲୁ । ମେଡିକାଲ କଲେଜରେ ମଧ୍ୟ ଯତ୍ନର ସହ ଆମର ସବୁ ସନ୍ଦେହ ସେ ଦୂର କରି ଦେଉଥିଲେ ।

ଥରେ ସେମିଷ୍ଟାର ପରୀକ୍ଷା ପରେ ପରୀକ୍ଷାର ପ୍ରଶ୍ନପତ୍ର ଉପରେ କଥାବାର୍ତ୍ତା ହେଉ ହେଉ କହିଲେ ‘ଆରେ ସରୋଜିନୀ ତୁ କେମିତି ଏତେ ମାର୍କ ରଖିଲୁ କିରେ ? କ’ଣ କପି ଫପି କଲୁ କି ?’ ମୁଁ ସାରଙ୍କୁ ବିନମ୍ରତାର ସହ କହିଲି ‘ସାର୍ ସେଇଟା କେବେ କରିନି କି କରିବିନି ।’ ବାସୁ ସାର ମେଡିକାଲ ପାଠରେ ଯେତିକି ଧୁରନ୍ଧର ଥିଲେ ଶୁଦ୍ଧ ସଂସ୍କୃତ ଉଚ୍ଚାରଣ ଓ ଶ୍ଳୋକ ଆବୃତ୍ତି ସହ ବେଦ ବେଦାନ୍ତ ରେ ମଧ୍ୟ ସେତିକି ଧୂରୀଣ ଥିଲେ । ବାସୁଦେବ ସାରଙ୍କର ପତ୍ନୀ ହେମ ମ୍ୟାଡାମ ଆମ ଗାଇନିକର ପ୍ରଫେସର ଥିଲେ ଏବଂ ବାସୁସାର୍ ଏସ.ସି.ବି ମେଡିକାଲ କଲେଜର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇଥିଲେ । କିନ୍ତୁ ଆମ ଦୁହିଁଙ୍କ (ମତେ ଓ ରମାରମଣଙ୍କୁ) ପାଇଁ ତାଙ୍କର ସ୍ନେହ ଅତୁଟ ଥିଲା ।

ବେଳେବେଳେ ଜଣେ ଜଣେ ଅଧ୍ୟାପକ ଓ ଅଧ୍ୟପିକା ଏତେ ନିଖୁଣ ଭାବରେ ପାଠ ପଢାନ୍ତି ଏବଂ ନୈତିକତା ଶିକ୍ଷା ଦିଅନ୍ତି ଯେ, ତାକୁ ଛାତ୍ର ଛାତ୍ରୀମାନେ ଜୀବନ ସାରା ଆଦୌ ଭୁଲିପାରନ୍ତି ନାହିଁ । ଏବେବି ଜୀବ ରସାୟନ ବିଭାଗର ଜୀବାଶ୍ମରେ ବାସୁଦେବ କର ରହିଛନ୍ତି ଚିର ଜୀବିତ । (କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୫)

## ମାଆ



**ମୂଳ ମରାଠୀ :**
**ଉତ୍ତମ କାମ୍ବଳେ**



**ଅନୁସୃଜନ:**
**ନନ୍ଦିତା ମହାନ୍ତି**




(ପୂର୍ବ ପ୍ରକାଶିତ ଉତ୍ତାରୁ)

**ଭାଗ -୩**

ଭେକ୍ୟୁମ୍ କ୍ଲିନର, ୱାଶିଂମେସିନ, ପ୍ରେସରକୁକର, ମିକ୍ସଚର, ଟୋଷ୍ଟ ମେକର ଆଦି ଉପକରଣକୁ ମାଆ ବ୍ୟବହାର କରିପାରୁନଥିଲା। ପିଆଜ ଆଉ ପରିବା ପତ୍ର କାଟିବା ପାଇଁ ସିଏ ଗାଁରୁ ଗୋଟେ ଦାଆ ନେଇ ଆସିଥିଲା। ଏଇ ଗୋଟିଏ ଜିନିଷ ପାଇଁ ଆମ ଘର ହଠାତ୍ ଗୋଟେ ପୁରୁଣାକାଳିଆ ଘର ବୋଲି ପ୍ରମାଣିତ ହୋଇ ଯାଇଥିଲା। ସେଇ ଦାଆକୁ ମୁଁ ବଗିଚା କାମରେ ବ୍ୟବହାର ପାଇଁ ରଖି ଦେଇଥିଲି।

ବଗିଚାର ଗଛ-ବୃକ୍ଷ ସବୁକୁ ବିଭିନ୍ନ ଆକାର ଦେବା ପାଇଁ ମୁଁ ତାର ଶାଖା, ଡାଳ ଆଦିକୁ ବାରମ୍ବାର କାଟୁଥିଲି। ଯେହେତୁ ମୁଁ ସେଇ ଗଛଗୁଡ଼ିକୁ କିଣି ଆଣି ଲଗେଇଥିଲି ସେଥିପାଇଁ ଛୋଟ ଗଛ ଓ ବୃକ୍ଷମାନଙ୍କୁ ଇଚ୍ଛା ମୁତାବକ ବିଭିନ୍ନ ଆକାର ଦେଉଥିଲୁ ଆମେ । ମୋର ଭାବନା ସେଇପରି ଥିଲା। ମାଆ କିନ୍ତୁ ବାରମ୍ବାର କହୁଥିଲା, ପ୍ରାକୃତିକ ଭାବରେ ବଢୁଥିବା ଓ ଶାଖା-ପ୍ରଶାଖା ମେଲଉଥିବା ଗଛର ଡାଳ ଓ ଶାଖାମାନଙ୍କୁ ଏମିତି ମନଇଚ୍ଛା କାଟିକୁଟି ପକାଅନା। ସେମାନଙ୍କୁ ସେମାନଙ୍କର ଇଚ୍ଛାରେ ବଢିବାକୁ ଦେବା ଉଚିତ୍।

ବାଥ୍‌ରୁମ୍, ଟଏଲେଟ୍, କିଚେନ୍ ଆଉ ହଲ୍ ଇତ୍ୟାଦି ସବୁ ଜାଗା ପାଇଁ ମୋ ପାଖରେ ଅଲଗା ଅଲଗା ସ୍ଲିପର ଥିଲା। କିନ୍ତୁ ମାଆ ଘର ଭିତରେ ସ୍ଲିପର ପିନ୍ଧୁନଥିଲା। ଆଉ ଯଦି କେବେ ମନ ହେଉଥିଲା ତେବେ ଗୋଟିଏ ଜୋଡା ସ୍ଲିପର ପିନ୍ଧି ସିଏ ଚାରିଆଡ଼େ ଘୁରି ବୁଲୁଥିଲା। ବାଥ୍‌ରୁମ୍‌ର ସ୍ଲିପର କିଚେନ୍‌ରେ କେମିତି ପଶିବ ? ଆଉ କିଚେନ୍‌ର ସ୍ଲିପର ପୁଣି ବାହାରେ କେମିତି ଚଳିବ ? ଏଇ ପରିସ୍ଥିତିରେ ନୂଆ ନିୟମ ଲାଗୁ ହେଉଥିଲା ଆଉ ମାଆକୁ ଲଜ୍ଜାକର ସ୍ଥିତିର ସାମ୍ନା କରିବାକୁ ପଡୁଥିଲା। କେବେ କେବେ ମାଆ ଏକୁଟିଆ ଗେଟ୍ ପାଖରେ ବସି ଯିବା ଆସିବା କରୁଥିବା ଲୋକଙ୍କୁ ଡାକୁଥିଲା ପାଖକୁ। ଆଉ ସେମାନଙ୍କର ଖବରା-ଖବର ବୁଝୁଥିଲା। ପାଖ ପଡ଼ୋଶୀଙ୍କ ସହିତ କଥା କହିବାର ମଉକା ଆମକୁ ବର୍ଷରେ ଥରେ ଦୁଇଥର ହିଁ ମିଳୁଥିଲା। ଆଉ ମାଆ ! ଗେଟ୍ ପାଖରେ ବସି ଲୋକମାନଙ୍କ ସହିତ କଥାବା ର୍ତ୍ତା କରୁଥିଲା। ଆଉ ତାହା ବି ଅଜଣା ଲୋକମାନଙ୍କ ସାଙ୍ଗେ। ମୁଁ ଥରେ ମାଆକୁ କହିଥିଲି “ମାଆ ! ତୁ ଏମିତି ନଅଗଜ ଲମ୍ବା ଶାଢୀ ନପିନ୍ଧି ଛ’ଗଜ ଶାଢୀ ପିନ୍ଧ୍। ଗାଉନ୍ ପିନ୍ଧିବା ବି ଶିଖ୍। ଏତିକି ଶୁଣିଲା ପରେ ମାଆର ପାରା ଏମିତି ଚଢିଲା ଯେ ଆଉ କେବେ ଲୁଗା ବିଷୟରେ କିଛି କହିବାର ସାହାସ ମୁଁ କରିନଥିଲି। ମୋର ମନେ ଅଛି ଥରେ ମୁଁ ମାଆ ପାଇଁ ଗୋଟିଏ ଦାମିକା ଶାଢୀ କିଣି ଆଣିଥିଲି। ଶାଢୀ ଦେଖି ମାଆ ମୁଣ୍ଡରେ ହାତ ବାଡେଇଲା, କହିଲା “ଯାହାର ସ୍ୱାମୀର ମୃତ୍ୟୁ ହୋଇ ସାରିଛି ସିଏ ଏମିତି ଚକମକିଆ ଶାଢୀ ପିନ୍ଧି ପାରିବନି। ଏ କଥା ତୁ ବୁଝି ପାରୁନୁ କାହିଁକି ? ଯା, ଏ ଶାଢୀ ଫେରେଇ ଦେଇ ଆ...।”

ବେଳେବେଳେ ମୁଁ ଭାବେ ମାଆ ବୋଧେ ପରିବର୍ତ୍ତନର ସାମ୍ନା କରିବାକୁ ଡରୁଛି। ସିଏ ପରମ୍ପରାବାଦୀ ମଣିଷ। ତାର ପରିବର୍ତ୍ତନ ଦରକାର ନାହିଁ। ନିଜେ ନିଜର ଖୋଳପା ଭିତରେ ହିଁ ସିଏ ପଶି ରହିଛି, ହେଲେ ମୁଁ ବି ଥିଲି ଜିଦ୍‌ଖୋର୍ ପ୍ରକୃତିର। ସତେ ଯେମିତି ମାଆକୁ ବୁଝେଇ ଶିଖେଇ ସମୟୋପଯୋଗୀ କରିବାର ବୋଝ ମୁଁ ଉଠେଇ ନେଇଥିଲି ନିଜ ମୁଣ୍ଡକୁ। ମାଆକୁ କିଛି କହିଲେ ସିଏ ଏପରି ଉପାୟ କାଢୁଥିଲା ବା ଏପରି ତର୍କ ରଖୁଥିଲା, ଯାହା ଆମକୁ ଆଧୁନିକ ଜ୍ଞାନର ବାର୍ତ୍ତା ପରି ଲାଗୁଥିଲା। ଆଉ ଏବେ ଆମକୁ ଯାହା ଆଧୁନିକ ସଂସ୍କୃତିପରି ଲାଗୁଥିଲା ତାର ପୂରାପୂରି ‘ଟାଏଁ ଟାଏଁ ଫିସ୍’ ହୋଇ ଯାଉଥିଲା। ମୁଁ କହୁଥିଲି “ମାଆ କାଲିଠାରୁ ତୋତେ ମୁଁ ଲେଖିବା, ପଢେଇବା ଶିଖେଇବି। ମୁଁ ଯେବେ ବାହାରକୁ ପ୍ରୌଢଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେବାକୁ ଯାଉଛି, ସେତେବେଳେ ମୋର ମାଆ ଯେ ନିରକ୍ଷର ଏକଥା ଅନୁଭବ କରି ମୋତେ ଭାରି ଖରାପ ଲାଗୁଛି। ଲେଖିବା, ପଢିବା ଖୁବ୍ ସରଳ କାମ, ମାଆ।

ମାଆ ସବୁ ଶୁଣି ଖୁବ୍ ମାର୍ଜିତ ଭାବରେ କହେ। “ଏବେ ତୁ କାହିଁକି ମୋତେ ଶିଖଉଛୁ- ପଢଉଛୁ କହିଲୁ ? କିଏ ଜାଣେ ଏ ଆଖି କେତେବେଳେ ବନ୍ଦ ହୋଇଯିବ। ମୋ ବଦଳରେ ନିଜ ଛୁଆଙ୍କୁ ଭଲ ଭାବରେ ପାଠ ପଢା । କିଛି ମଣିଷ ପରିବର୍ତ୍ତନଶୀଳ ହୋଇଥାନ୍ତି ଆଉ କିଛି ଅପରିବର୍ତ୍ତିତ ରହନ୍ତି। ମନୋବିଜ୍ଞାନ ବା ସମାଜଶାସ୍ତ୍ରରେ କେଉଁଠି ଗୋଟେ ପଢିଥିବା ଏଇ ସିଦ୍ଧାନ୍ତ କଥା ମୋର ମନେ ପଡିଯାଏ। ମୁଁ କିଛି ମାତ୍ରାରେ ହତାଶ ହୋଇପଡ଼େ। ହେଲେ ଚେଷ୍ଟା କରିବାରୁ ବିରତ ହୁଏନା ।କେବେ କେବେ ମୁଁ ବି ଦ୍ୱିଧାରେ ପଡ଼ିଯାଏ। ମୁଁ ଯାହା କରୁଛି ତାହା ଉଚିତ ନା ଅନୁଚିତ, ସେ କଥା ବି ବୁଝି ହୁଏନା। ସବୁବେଳେ ମୁଁ ମନେ ମନେ ସଂକଳ୍ପ କରୁଥିଲି ଯେ ମାଆ କହୁଥିବା ଭାଷାକୁ ବଦଳେଇବି। ତାର ଆଚାର ଓ ବ୍ୟବହାରରେ ଆଧୁନିକତା ଆଣିବି। ଖାଇବା-ପିଇବାକୁ ନେଇ ତାର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବି। ମାଆକୁ ଆଧୁନିକ ଜୀବନଶୈଳୀରେ ସାମିଲ ହେବା ଉଚିତ୍। ତାକୁ ସହରୀ ସଂସ୍କୃତି ସହିତ ଏକାତ୍ମ ହେବାକୁ ପଡ଼ିବ। ଆଉ ଏଇ କଥା ତାକୁ ଯେମିତି ହେଲେ ବୁଝେଇବାକୁ ପଡ଼ିବ। ମୋତେ ଏମିତି ଲାଗୁଥିଲା ଯେମିକି ମାଆକୁ କୌଣସି କଥା ବୁଝେଇବାରେ କେହି କେବେ ସଫଳ ହୋଇନହାନ୍ତି। ମାଆ ଯେତେବେଳେ ଟ୍ରେ’ରେ ଗ୍ଲାସ୍ ରଖି ପାଣି ଆଣିବାକୁ ଲାଗିଲା। ସେତେବେଳେ ମୋତେ ଲାଗିଲା ମୁଁ ଯେମିତି ଗୋଟେ ମହାଯୁଦ୍ଧ ଜିତିଗଲି। ହେଲେ ଏମିତି ସବୁ ସଫଳତା କେବେ ହେଲେ ଦୀର୍ଘଜୀବୀ ହୋଇ ନଥିଲା। ଯେବେ ମାଆ ଗାଁକୁ ଯାଇ ପୁଣି ଫେରୁଥିଲା ସିଏ ପୁଣି ତାର ଚିରାଚରିତ ମୂଳ ରୂପକୁ ଫେରି ଯାଉଥିଲା। ସହରୀ ମାଆର ନାମମାତ୍ର ସଂସ୍କୃତି ବି ତା ପାଖରେ ଦେଖା ଯାଉନଥିଲା। କେବେ କେବେ ତ ମୁଁ ଅତ୍ୟନ୍ତ ଗମ୍ଭୀରତାର ସହିତ ନିଜକୁ ନିଜେ ପଚାରୁଥିଲି। ପ୍ରକୃତ ପକ୍ଷେ ତୋତେ, ତୋ ମାଆ ଭିତରେ ଏଇସବୁ ପରିବର୍ତ୍ତନ କାହିଁକି ଲୋଡ଼ା ! ଆଧୁନିକ ସଂସ୍କୃତିର ମୁଖା ପିନ୍ଧେଇ ତୁ ମାଆର ମୂଳ ସ୍ୱରୂପରେ ପରିବର୍ତ୍ତନ କରିବାକୁ ଯାଉନୁ ତ ? ଏଇ ଆଧୁନିକତାର ବୋଝକୁ ସିଏ ସମ୍ଭାଳି ପାରିବ କି ନାହିଁ ସେ ବିଷୟରେ କେବେ ଚିନ୍ତା କରିଛୁ ? ତୁ କ’ଣ ‘ନୂଆ ମାଆ’ ନାମକ ଏକ ରୂପାନ୍ତରିତ ଚରିତ୍ରର ସର୍ଜନା କରିବା କଥା ଚିନ୍ତା କରୁଛୁ ?

‘ଛୋଟ ପିଲାଙ୍କ ଉପରେ ଆଧୁନିକତା, ସ୍ୱେଚ୍ଛାଚାରିତା ଓ ସ୍ୱଚ୍ଛନ୍ଦତାବାଦର ପରିଣାମ’- ସମ୍ପର୍କିତ ବିଷୟ ଉପରେ ‘ସକାଳ’ ସମ୍ବାଦପତ୍ର ତରଫରୁ ଏକ ସର୍ବେକ୍ଷଣ କରାଯାଇଥିଲା। ପ୍ରଶ୍ନ ଥିଲା ମାଆ କିପରି ହେବା ଉଚିତ୍ ? ଅଧିକାଂଶ ପିଲା ଉତ୍ତର ଦେଇଥିଲେ “ଟିଭି ପରଦାରେ ଦେଖା ଯାଉଥିବା ମାଆ ପରି ଆମର ମାଆ ହେବା ଉଚିତ୍।” ଏହି ସର୍ବେକ୍ଷଣ ଉପରେ, ସେ ସମୟରେ ଟାଇମ୍‌ସ ଅଫ୍ ଇଣ୍ଡିଆ ମଧ୍ୟ ଏକ ଛୋଟ ସମ୍ପାଦକୀୟ ଲେଖିଥିଲା।

ସ୍ୱପ୍ନର ବାଦଲ ଅପସରିଗଲା ପରେ ମୁଁ ସେଇ କୁହୁଡ଼ି ଭିତରୁ ବାହାରକୁ ଆସିଲି। ଚା’ ମଧ୍ୟ ଥଣ୍ଡା ହୋଇ ସାରିଥିଲା। ମୋତେ ଭାରି ଦୁଃଖ ଲାଗୁଥିଲା କାରଣ ମାଆ ଫୋନ୍‌ରେ ମୋତେ ‘ସାହେବ’ ବୋଲି ସମ୍ବୋଧନ କରିଥିଲା। ମନ ଅସ୍ଥିରତାରେ ଭରି ଯାଇଥିଲା। “ଇଏ କିପରି କଥା ! ମଁ ମୋ ମାଆର ପୁଅ। ସାହେବ ନୁହେଁ, ସିଏ ମୋତେ ‘ସାହେବ’ ବୋଲି କାହିଁକି ସମ୍ବୋଧନ କଲା। ମୋ ଭିତରେ ପୁଅ ବଦଳରେ ସାହେବ ପରି ଚାକଚକ୍ୟ ଭରା ବ୍ୟକ୍ତିତ୍ୱଟେ ଲୁଚି ରହିଛି କି ? ତାପରେ ପୁଣି ସେଇ ସନ୍ତାନଟିର କ’ଣ ହେଲା ? ମୋ ଭିତରର ସନ୍ତାନକୁ ସାହେବର ଭୂତ କେବେ ଗିଳି ପକେଇ। ? ଆଉ ଏସବୁ ହେଲା କେମିତି ? ମାଆର ମୋତେ ‘ସାହେବ’ ବୋଲି ସମ୍ବୋଧନ କରିବା, ‘ଆସନ୍ତୁ’‘ଯାଆନ୍ତୁ’ ବୋଲି କହିବା କେତେ ଯେ ଅସହନୀୟ... ! ପ୍ରକୃତ ପକ୍ଷେ ମାଆ ପେଟରୁ ସନ୍ତାନ ହିଁ ଜନ୍ମନିଏ ନା ! ମୁଁ ମୋ ମାଆର ସନ୍ତାନ ହୋଇ ରହିବାକୁ ଚାହେଁ। ‘ସାହେବ’ ଷାଠିଏ ବର୍ଷ ବୟସରେ ଚାକିରିରୁ ଅବସର ନିଏ... କିନ୍ତୁ ପୁଅ କେବେ ଅବସର ନିଏ ନାହିଁ। ଆଉ ମାଆ ବି କେବେ ହେଲେ ଚାକିରିରୁ ଅବସର ନିଏନା। ତାହେଲେ ମାଆ ମୋତେ ‘ସାହେବ’ ବୋଲି କାହିଁକି ସମ୍ବୋଧନ କରିଥିବ ?

ମୁଁ ଶାନ୍ତ ଅଥଚ ଗମ୍ଭୀର ସ୍ୱରରେ ମାଆକୁ କହିଲି “ମାଆ ! ତୁ ମୋତେ ଆଉ କେବେ ମୋ ସାମ୍ନାରେ ବା ମୋ ପଛରେ ବି ମୋତେ ‘ସାହେବ’ ବୋଲି ସମ୍ବୋଧନ କରିବୁ ନାହିଁ।”

ମାଆ: କାହିଁକି ଭଲା ! ତୁ କଣ ସାହେବ ନୁହଁ କି ?

ପୁଅ: ମୁଁ ସାହେବ, ହେଲେ ତୋ ପାଇଁ ମୁଁ କେବଳ ତୋର ପୁଅ, ସାହେବ ନୁହେଁ ।

ମାଆ: ଓଃ ଏମିତି କଥା କି ! ହଉ ପୁଣି ଆଉ କେବେ କହିବିନି, ହେଲେ ତୁ ତ ମୋତେ ସହରରେ ଚଳୁଥିବା ଆଦବକାଇଦା ଶିଖଉଥିଲୁ।

ପୁଅ: ହଁ, ଶିଖଉଥିଲି... ହେଲେ ଏମିତି ଆଦବକାଇଦା ଶିଖ୍‌ନା ମାଆ, ଯାହା ଦ୍ୱାରା ମୋ ଭିତରେ ଥିବା ପୁଅର ହିଁ ମୃତ୍ୟୁ ହୋଇଯିବ। ମୁଁ ତୋ ପାଇଁ ସାହେବ ନୁହେଁ.... ମୁଁ ତୋର ପୁଅ ମାଆ ।

ମାଆ: ଆଉ କିଛି କହିଲାନି। ଚୁପ୍‌ଚାପ୍ ଉଠି ଚାଲିଗଲା ରୋଷେଇଘରକୁ। ଗୋଟେ କୋଣରେ ଯାଇ ବସି ପଡ଼ିଲା ସିଏ। ମାଆ ଶାଢୀ କାନିରେ ନିଜର ଆଖି ପୋଛିଲା। ହେଲେ ମୁହଁରେ ଭାଷା ନଥିଲା। ମୁଁ ବି ରୋଷେଇ ଘରକୁ ଗଲି ଆଉ କହିଲି “ମାଆ ତୁ କାନ୍ଦୁଛୁ ?”

ମାଆ: ନା ମୁଁ କାନ୍ଦୁନି ପୁଅ। ହେଲେ ମୋର ହିଁ ଭୁଲ୍।

ପୁଅ: ମାଆ ! ତୋର କିଛି ଦୋଷ ନାହିଁ... ସତ କହିବାକୁ ଗଲେ ଆମ ଦ୍ୱାରା ହିଁ କିଛି ଭୁଲ୍ ହୋଇଯାଉଛି। କେତେବେଳେ ତୋତେ କଣ କହିବା ଉଚିତ୍ ଓ କଣ କହିବା ଉଚିତ ନୁହେଁ- ଆମର ବୁଦ୍ଧି ବିବେକ ବି କେଜାଣି କେଉଁଠି ହଜି ଯାଉଛି ? ମାଆ, ଏବେଠୁ ତୁ ହିଁ ଆମକୁ ସବୁକଥା ଶିଖେଇବୁ ! (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

## ବ୍ୟକ୍ତି ଓ ବକ୍ତବ୍ୟ ହଜିଯାଏ, ଚିର ଅମର ରହେ କର୍ତ୍ତବ୍ୟ




ଜଳେଶ୍ୱର, ୨୪/୧୨ (ନି.ପ୍ର): ଉଚ୍ଚ ମାନସିକତା, ମାନବିକତା ଓ କର୍ତ୍ତବ୍ୟ ଅମର କିନ୍ତୁ ବ୍ୟକ୍ତି ଓ ତାର କଥା କାଳକ୍ରମେ ହଜିଯାଏ ବୋଲି ଆଜି ଜଳେଶ୍ୱରର ଯୁବ ସମାଜସେବୀ ଅବଦୁଲ ରିଆଜ୍ ଖାଁ (ବର)ଙ୍କ ଶୋକ ସଭାରେ ମତ ପ୍ରକାଶ ପାଇଛି । ଆଜି ସଂଧ୍ୟାରେ ଜଳେଶ୍ୱର ଷ୍ଟେସନ ପଡିଆରେ ଆୟୋଜିତ ଶୋକ ସଭାରେ ଆବାହକ ଅବଦୁଲ ରହିମ୍, ସିଦ୍ଧାର୍ଥ ଶଂକର ପାଳ ଓ ଗଣେଶ ପାତ୍ର ଥିବା ବେଳେ ସିଦ୍ଧାର୍ଥ ପାଳ ସଂଯୋଜନା କରିଥିଲେ । ଏଥିରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, କମଳ ଚକ୍ରବର୍ତ୍ତୀ, ବିଜେପି ନେତା ଅରୁଣ ବେଜ, ଦିଲ୍ଲିପ ଗିରି, ପୌରପାଳ ପ୍ରତୀପ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଆଇନ୍‌ଜିବୀ ଚିନ୍ମୟ ଦାସ, ପୂର୍ବତନ ବିଧାୟକ ଦେବିପ୍ରସନ୍ନ ଚନ୍ଦ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଆଇନ୍‌ଜିବୀ ଜିତାଂଶୁ ନନ୍ଦି, ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, କାଉନ୍‌ସିଲର ଚନ୍ଦନ ଦାସ, ସରପଂଚ ବିଦ୍ୟାଧର ମଲ୍ଲିକ, ସିତାଂଶୁ ସେନାପତି, ଡ. ଅଜିତ୍ ମହାନ୍ତି, ସମାଜବାଦି ନେତା ଶିଶିର ହୁଇ, କୁଞ୍ଜବିହାରୀ ଦାସ,ମଧୁସୂଦନ ସେନାପତି, ଜଗଦିଶ ନନ୍ଦି, ଅଶୋକ ପରିଡା, ସେକ୍ ଇସ୍ରାଏଲ, ବିଜୟ କାମିଲା, ସମୀର ପାତ୍ର, ପତିତପାବନ ପ୍ରଧାନ, ଶ୍ରୀକୃଷ୍ଣ ଗୁପ୍ତା, ଦିଲ୍ଲିପ ପରିଡା, ସଂଗ୍ରାମ ପଟ୍ଟନାୟ. ସଂଜୟ ମହାନ୍ତି, ରବି ସେନାପତି, ରବିନ୍ଦ୍ର ବାରିକ, ତପନ ବିଶ୍ୱାଳ, ଘନଶ୍ୟାମ ଗିରି ପ୍ରମୁଖ ଫଟୋଚିତ୍ରରେ ପୁଷ୍ପାର୍ଘ ଅର୍ପଣ କରି ସ୍ମୃତିଚାରଣ କରିଥିଲେ ।

## ଚଳନ୍ତା ମଟର ସାଇକେଲରୁ ଖସିପଡି ଯୁବକ ମୃତ

ବସ୍ତା, ୨୪/୧୨ (ନି.ପ୍ର): ବସ୍ତା ଥାନା ର ଆଜି ମଧ୍ୟାହ୍ନ ସମୟରେ ଇନ୍ଦିରାଛକ ହିଟାଚି ଏଟିଏମ ସାମ୍ନାରେ ବାଇକ ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର । ତେବେ ଉକ୍ତ ବାଇକ ଆରୋହୀ ଜଣଙ୍କ ଅମର୍ଦାରୋଡ ବାହାରି ଇନ୍ଦିରାଛକ ଅଭିମୁଖେ ଆସୁଥିବା ବେଳେ କୌଣସି କାରଣ ବଶତଃ ବାଇକରୁ ଛିଟିକି ପଡ଼ିଥିଲେ । ତେବେ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନେଇଥିଲେ କ୍ଷ ମାତ୍ର ସେଠାରେ ତାଙ୍କର ଅବସ୍ଥା ସଂକଟପନ୍ନ ହେବାରୁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି ବୋଲି ଯାହା ସୂଚନା ମିଳିଛି । ତେବେ ମୃତକ ଜଣଙ୍କ ହେଲେ କୁଳିଦା ଅଂଚଳର ବାପି ବାରିକ ।

## ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରଶିଳ୍ପୀ ଡ. ମୁରଲୀଧର ଟାଲିଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଅନ୍ତର୍ଗତ ଓଡ଼ିଶା ଲଳିତ କଳା ଏକାଡେମୀଦ୍ୱାରା ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସୁଖ୍ୟାତ ବାନ୍ଧ ଡିଜାଇନର ଡ.ମୁରଲୀଧର ଟାଲିଙ୍କ ଶ୍ରାଦ୍ଧ ଦିବସ ଆଜି ଓଡ଼ିଶା ଲଳିତ କଳା ଏକାଡେମୀ କାର୍ଯ୍ୟାଳୟପରିସରରେ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସଚିବ ଚିତ୍ରଶିଳ୍ପୀ ପଂଚାନନ ସାମଲ, ଶିଳ୍ପୀଙ୍କ ପୁତ୍ର ଦେବୀପ୍ରସାଦ ଟାଲି, ଶ୍ୟାମପ୍ରସାଦ ଟାଲି,ପୁତ୍ରବଧୂ ଚଂଚଳା ଟାଲି ଓ ଅନ୍ୟମାନେ ଶିଳ୍ପୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଉପସ୍ଥିତ ବ୍ୟକ୍ତି ବିଶେଷ ଶିଳ୍ପୀଙ୍କ ସ୍ମୃତିଚାରଣ କରି ସ୍ୱର୍ଗତ ଟାଲି ଉଭୟ ତୈଳ ଚିତ୍ର ଓ ଜଳରଙ୍ଗ ଚିତ୍ରରେ ଜଣେ ସୁଦକ୍ଷ ବିନ୍ଧାଣୀ ଥିଲେ ବୋଲି ମତପ୍ରକାଶ କରିଥିଲେ। ୧୯୧୮ ମସିହା ଅକ୍ଟୋବର ୨୨ ତାରିଖରେ ସମ୍ବଲପୁରର ମହାନ୍ତିପଡା ଗ୍ରାମରେ ଜନ୍ମିତ ସ୍ୱର୍ଗତ ଟାଲି ବାଲ୍ୟକାଳରୁ ବାପାଙ୍କଠାରୁ ପ୍ରେରଣା ପାଇଥିଲେ। ପରେ ପରେ କଲିକତାର ସରକାରୀ କଳା ମହାବିଦ୍ୟାଳୟରେ ନିଜର ପାଠପଢା ସମାପ୍ତ କରିବା ପରଠାରୁ ସେ ତାଙ୍କ କଳାସାଧନାରେ ଅବ୍ୟାହତ କରିଥିଲେ। ତାଙ୍କ ଦ୍ୱାରା ଅଙ୍କିତ ବହୁ ଛବି ରାଜ୍ୟ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ହୋଇ ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରିଛି। ତାଙ୍କର ତୈଳଚିତ୍ରଏକ ନୂତନ ଅଧ୍ୟାୟ ସୃଷ୍ଟିକରିଥିଲା। ଚିତ୍ରକଳା ସହିତ ବୟନଶିଳ୍ପ ବିଭାଗରେ ଚାକିରି କରି ସେ ବହୁ ବାନ୍ଧକଳା ବୁଣାକାରଙ୍କୁ ପ୍ରୋତ୍ସାହିତ କରିଆସୁଥିଲେ। ତାଙ୍କଦ୍ୱାରା ଅଙ୍କିତ 'ମୋ ମା ' ଚିତ୍ରଟି ସେସମୟରେ ବହୁଚର୍ଚ୍ଚିତ ଓ ପ୍ରସିଦ୍ଧି ଲାଭ କରିଥିଲା।

## ନୀଳଗିରିର ଶକ୍ତିମିରା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୦ଲକ୍ଷ ଟଙ୍କା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ନୀଳଗିରି, ୨୪/୧୨ (ନି.ପ୍ର): ଗତ ଗୁରୁବାର ଦିନ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବାଲେଶ୍ୱର ଗସ୍ତରେ ଆସିଥିବା ବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହିଁ ଓଡିଶା ବିକାଶର କର୍ଣ୍ଣଧାର ବୋଲି କହିବା ସହ ମହିଳାମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଚଳନ କରିଥିବା ବେଳେ ନୀଳଗିରିର ଶକ୍ତିମୀରା ସ୍ୱୟଂ ସହାୟକ ଗୋଷ୍ଠୀ ୨୦୦୬ ମସିହାରୁ ଆରମ୍ଭ ହୋଇଥିବା ଏଡି ଗ୍ରୁପର ୧୨ଜଣ ମହିଳା ଛତୁଆ ପାକେଟ ଓ ଲଡ୍ଡୁ ପାକେଟ କରି ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର କୁ ଏ ଯାବତ ଯୋଗାଇ ଆସୁଥିବାବେଳେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ଗୋଷ୍ଠିର ସମ୍ପାଦିକା ରଜନୀ ମହାନ୍ତି ୨୦ଲକ୍ଷ ଟଙ୍କାର ଅନୁଦାନ ହିଁ ଛୋଟ ଛୋଟ ଶିଳ୍ପର ବିକାଶ ପାଇଁ ସହାୟତା ଯୋଗାଇବାର ବିରାଧ ପଦକ୍ଷେପ ବୋଲି ରଜନୀ ମହାନ୍ତି ପ୍ରକାଶ କରିଛନ୍ତି । ଏଥିପାଇଁ ଗୋଷ୍ଠୀର ସଭାପତି କୁମୁଦୁନୀ ସ, ସଭ୍ୟା ମାଳତୀ ବେହେରା, ବାସନ୍ତୀ ମଲିକ, କବିତା ପଣ୍ଡା, ସୁକାନ୍ତି ଖୁଂଟିଆ, ପୂର୍ଣ୍ଣିମା ସାହୁ, ସନ୍ଧ୍ୟା ଦାସ, ସୀତାରାଣୀ ମହଲ, ଅନ୍ନପୂର୍ଣ୍ଣା ପାତ୍ର, ଅଯୋଧ୍ୟା ଦଣ୍ଡପାଟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ବ୍ୟକ୍ତିଗତ ସମସ୍ୟା ପାଇଁ ପଛାଡ଼ିଲେ ବିଜୟ ପ୍ରଧାନ

ନୀଳଗିରି, ୨୪/୧୨ (ନି.ପ୍ର): ଔପଦା ବ୍ଲକରର ଯୁବ ବିଜେଡି ସଭାପତି ବିଜୟ କୁମାର ପ୍ରଧାନ ନିଜର ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ନିଜ ପଦବୀରୁ ଇସ୍ତଫା ଦେଇଥିବାର ଲିଖିତ ଭାବେ ଜଣାଇଛନ୍ତି । ଏ ନେଇ ବାଲେଶ୍ୱର ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ାଙ୍କୁ ଲିଖିତ ଭାବେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା ତାଙ୍କର ଇସ୍ତଫା ପତ୍ରକୁ ଗ୍ରହଣ କରିବା ସହ ଖୁବ୍ ଶୀଘ୍ର ନୂତନ ସଭାପତି ଚୟନ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ଏକତାର ମମତାକୁ ଗୋଟିଏ ସୂତାରେ ବାନ୍ଧି ରଖେ ଉତ୍ସବ



ନୀଳଗିରି, ୨୪/୧୨ (ନି.ପ୍ର): ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ରାଗ ରୋଷ ଅଭିମାନକୁ ପଛରେ ପକାଇ ଏକତାର ମମତାକୁ ଗୋଟିଏ ସୁତାରେ ବାନ୍ଧି ରଖିଥାଏ ଉତ୍ସବ ବୋଲି ଓଡ଼ିଶାର ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ବରହମପୁରସ୍ଥିତ ଦୀନବନ୍ଧଉ ହାଇସ୍କୁଲର ବାର୍ଷିକ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜ ଶିକ୍ଷଣୀୟ ବକ୍ତବ୍ୟରେ ପ୍ରତିପାଦିତ କରିଥିଲେ । ମାନ୍ୟବର ମନ୍ତ୍ରୀ ଉଦ୍‌ଯାପନୀ ଦିବସରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଜିଲ୍ଲାପରିଷଦ ସଭପାତି ନାରାୟଣ ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାଵେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ୧୧ନଂ. ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଂଜରୀ ସିଂ, ୧୨ନଂ. ଜିଲ୍ଲା ପରିଷଦ ସଭ୍ୟା ରଂଜିତା ସିଂ ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଜଳେଶ୍ୱର ମହିଳା ଡିଗ୍ରୀ କଲେଜରେ ଅର୍ଥନୀତି ବିଭାଗର ପାଠଚକ୍ର

ଜଳେଶ୍ୱର, ୨୪/୧୨ (ନି.ପ୍ର): ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅର୍ଥନିତୀ ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ସଭାପିତ୍ୱ କରି ସ୍ୱାଗତ ଓ ଆଭିମୁଖ୍ୟ ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ଅଧ୍ୟାପିକା ଶାନ୍ତିଲତା ପାଢୀ, ମୁଖ୍ୟବକ୍ତାଭାବେ ସଂଗ୍ରାମ କେଶରୀ ପଟ୍ଟନାୟକ ଯୋଗ ଦେଇ ଆଧୁନିକ ସମାଜକୁ ଅର୍ଥନିତୀ ବିଭାଗର ଅବଦାନ ସଂପର୍କରେ କହିଥିଲେ । ଅଧ୍ୟାପିକା ଇନ୍ଦୁମତି ଗିରି ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ଆଲୋଚନାରେ ଦିବ୍ୟାଭାରତୀ ଦାସ ଓ ସ୍ମୃତିରେଖା ରାଜ ଅଂଶ ଗ୍ରହଣ କରିଥିଲେ । ଛାତ୍ରୀଙ୍କ ମଧ୍ୟ ମଧୁସ୍ମିତା ସିଂହ, ଜସ୍ମିନ ଦାସ ଅଧିକାରୀ, କ୍ରିଷ୍ଣାରାଣୀ ସ୍ୱାଇଁ, ମଧୁସ୍ମିତା ସାହୁ, ରଶ୍ମିରେଖା ଗିରି, ସୁଜାତା ସାହୁ, ଅନୁପମା ଜେନା ସନ୍ଦର୍ଭ ଉପସ୍ଥାପନ କରିଥିବା ବେଳେ ରଶ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ନବାଗତା ଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା ।

## ଗଣିତ ଶାସ୍ତ୍ରକୁ ରାମାନୁଜନଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର




ବସ୍ତା, ୨୪/୧୨ (ନି.ପ୍ର): ସଦର ବ୍ଲକ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗଣିତ ସମ୍ମାନ ବିଭାଗ ଆନୁକୁଲ୍ୟରେ ଜାତୀୟ ଗଣିତ ଦିବସ ପାଳନ ଅବସରରେ ଗଣିତ ଶାସ୍ତ୍ରକୁ ଶ୍ରୀନିବାସ ରାମାନୁଜନଙ୍କ ଅବଦାନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ଡ଼ଃ ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଜାତୀୟ ଗଣିତ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶମ୍ଭୁନାଥ ଗିରି ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଭିଷେକ ପଣ୍ଡା ଓ ସୁଶାନ୍ତ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସମ୍ମାନିତ ଅତିଥିଭାବେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସତ୍ୟେନ୍ଦ୍ର କୁମାର ପାଲ, ଡ଼ଃ ଶାନ୍ତନୁ କୁମାର ଜେନା, ଜୟକୃଷ୍ଣ ସାହୁ ଓ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଗଣିତ ଶାସ୍ତ୍ରକୁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ପୂଜାରାଣୀ ଗାଣ, ଯଜ୍ଞେଶ୍ୱର ଗିରି ଓ ପଦ୍ମଜା ପରିଡା ପ୍ରମୁଖ ନିବନ୍ଧ ପାଠ କରିଥିଲେ । ଅଜୟ ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜ୍ୟବାସୀ କରୋନାକ....

ରେଟ ବଢ଼ିନାହିଁ । ସେ କହିଛନ୍ତି ଯେ ରାଜ୍ୟ ସରକାର ବାରମ୍ବାର ଅନୁରୋଧ କରୁଛନ୍ତି ଯେ କରୋନା ଲକ୍ଷଣ ଯାହା ମଧ୍ୟରେ ଦେଖା ଦେଉଛି ସେ ତୁରନ୍ତ ଟେଷ୍ଟିଂ କରାନ୍ତୁ । ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ଅଛି । ଆବଶ୍ୟକ ହେଲେ ରାଜ୍ୟରେ ବେଡ଼ ବଢାଯିବ । ସେ କହିଛନ୍ତି ଯେ ବିଗତ ୪ଟି ଲହର ପାଇଁ ଆମର ରୋଗ ପ୍ରତିରୋଧକ ଶକ୍ତି ଅଧିକ ଅଛି। ତେଣୁ ଏହା ଅଧିକ ସଂକ୍ରମିତ କରିପାରିବ ନାହିଁ। ଆଗକୁ ଯଦି ସଂକ୍ରମଣ ଆସେ କିପରି ମୁକାବିଲା କରାଯିବ ସେନେଇ ଆମେ ପ୍ରସ୍ତୁତ ହୋଇ ଅଛୁ। ସମସ୍ତଙ୍କୁ ଅନୁରୋଧ ଲୋକଙ୍କୁ ଭୟଭୀତ କଲାଭଳି ମନ୍ତବ୍ୟ ଦିଅନ୍ତୁ ନାହିଁ ସେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଗାଇଡ଼ ଲାଇନ ଅନୁସାରେ ୨୭ ତାରିଖରେ ମକ୍ ଡ୍ରିଲ୍ ହେବ । ଆନ୍ତର୍ଜାତିକ ଯାତ୍ରୀଙ୍କ ପାଇଁ କେନ୍ଦ୍ର ସରକାର ଗାଇଡ ଲାଇନ ଜାରି କରିଛନ୍ତି । ଓଡ଼ିଶାକୁ ସିଧାସଳଖ ଭାବରେ ଅନ୍ତର୍ଜାତୀୟ ବିମାନ ଆସୁନାହିଁ । ତେଣୁ କିଏ ଆସିଲେ ଗାଇଡ ଲାଇନ ହିସାବରେ ଟେଷ୍ଟ କରାଯିବ ।

### ସୁଟିଂ ସେଟରେ ଆତ୍ମହତ୍ୟା କଲେ....

ମୁତାବକ ତୁନିଶା ଏକ ସୁଟିଂ ସେଟର ମେକଅପ୍ ରୁମ୍ ଭିତରେ ଆତ୍ମହତ୍ୟା କରିଛନ୍ତି । ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା କଥା କୁହାଯାଉଛି । ହେଲେ ତାଙ୍କ ଆତ୍ମହତ୍ୟା ପଛର କଣ କାରଣ ରହିଛି ତାହା ସ୍ପଷ୍ଟ ହୋଇପାରିନାହିଁ । ସିରିୟଲ ସେଟ୍ରେ ଟି-ବ୍ରେକ ସମୟରେ ଶୌଚାଳୟ ଯାଇଥିଲେ ତୁନିଷା । ତେବେ ଦୀର୍ଘ ସମୟ ପରେ ସେଠାରୁ ନ ବାହାରିବାରୁ ଶେଷରେ କବାଟ ଭଙ୍ଗାଯାଇଥିଲା । କବାଟ ଭଙ୍ଗାଯିବା ପରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ସେପଟେ ଆତ୍ମହତ୍ୟା ସମ୍ପର୍କରେ ସୂଚନା ପାଇଁ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଂଚି ଛାନ୍ଭିନ୍ ଚଳାଇଛି । ୨୦ ବର୍ଷୀୟ ଅଭିନେତ୍ରୀ ତୁନିଷା ପ୍ରଥମେ ଶିଶୁକଳାକାର ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ । 'ଭାରତ କା ବୀର ପୁତ୍ର ମହାରଣା ପ୍ରତାପ' ସିରିୟଲ ଜରିଆରେ ସେ ଡେବ୍ୟୁ କରିଥିଲେ । ତେବେ ଏତେ କମ୍ ବୟସରୁ କାହିଁକି ଏଭଳି ଚରମ ନିଷ୍ପତି ନେଲେ, ତାହା ଏବେ ରହସ୍ୟଘେରରେ ।

### ଆସିଲା ନାଜାଲ୍ ଭ୍ୟାକ୍ସିନ୍ ....

ନାକରେ ଦିଆଯାଉଥିବା କରୋନା ଟିକା 'ଇନକୋଭାକ୍'କୁ ଜରୁରୀକାଳୀନ ବ୍ୟବହାର ପାଇଁ ସରକାର ଅନୁମତି ଦେଇଛନ୍ତି । ଏହି ଟିକାକୁ ବିକଶିତ କରିଛି ଭାରତ ବାଓଟେକ୍ । କୋଭାକ୍ସିନ୍ ପରେ ଭାରତ ବାଓଟେକର ଏହା ବଡ଼ ସଫଳତା । ତେବେ ନଜର ପକାନ୍ତୁ ଏହି ଟିକା କାହାକୁ ଦିଆଯିବା ପାଇଁ ଅନୁମତି ମିଳିଛି । ଓମିକ୍ରନର ସବ୍-ଭ୍ୟାରିଆଣ୍ଟ ଯୋଗୁଁ ପୁଣି ଥରେ କରୋନା ଭୟ ଫେରିଥିବା ବେଳେ ଭାରତ ବାଓଟେକର ନାଜାଲ୍ ଭ୍ୟାକ୍ସିନ୍ କରୋନା ମହାମାରୀ ରୋକିବାରେ ଏହା ଗେମ୍ ଚେଞ୍ଜର ହେବ ବୋଲି କୁହାଯାଉଛି ।

## ଦିଲ୍ଲୀରେ ଭାରତ ଯୋଡ଼ ଯାତ୍ରାର ଏଣ୍ଟ୍ରି

ନୂଆଦିଲ୍ଲୀ, ୨୪/୧୨ : ୯ ରାଜ୍ୟର ୪୦ ଜିଲ୍ଲା ଅତିକ୍ରମ କରି ଭାରତ ଯୋଡ଼ ଯାତ୍ରା ଏବେ ରାଜଧାନୀ ଦିଲ୍ଲୀରେ ପହଁଚିଛି । ଶନିବାର ଭୋରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ହଜାର ହଜାର ସଂଖ୍ୟକ ସମର୍ଥକ, କର୍ମୀ,ନେତା ଓ ମନ୍ତ୍ରୀଙ୍କୁ ନେଇ ଦିଲ୍ଲୀରେ ଏଣ୍ଟ୍ରିଂ କରିଛନ୍ତି । ଯାହା ଚର୍ଚ୍ଚା ହେଉଥିଲା ଠିକ ସେମିତି କିଛି ଯାତ୍ରାରେ ଦେଖିବାକୁ ମଧ ମିଳିଛି । ଦିଲ୍ଲୀରେ ଯାତ୍ରାକୁ ନେଇ ଦେଖିବାକୁ ମିଳିଛି କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଓ ଉତ୍ସାହ । କହିବାକୁ ଗଲେ ରାଜସ୍ଥାନ ପରେ ଏପର୍ଯ୍ୟନ୍ତର ସବୁଠୁ ବଡ ସଂଖ୍ୟକ ଜନସମାଗମ ଦିଲ୍ଲୀରେ ଦେଖିବାକୁ ମିଳିଛି । ରାଜଧାନୀରେ ଶକ୍ତି ପ୍ରଦର୍ଶନ କରି କଂଗ୍ରେସ ନେତା ରାହୁଲ ଗାନ୍ଧି ଏକଥାର ବାର୍ତା ମଧ ଦେଇଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବଳ ଗୋଟାଉଛି ଦଳ । ଏଥିସହ ବିଜେପି ଓ ଆରଏସଏସକୁ ମଧ ଟାର୍ଗେଟ କରିଛନ୍ତି । ରାଜଧାନୀ ଦିଲ୍ଲୀରେ ଭାରତ ଯୋଡ଼ ଯାତ୍ରାରେ ଗାନ୍ଧୀ ପରିବାର ଶକ୍ତି ପ୍ରଦର୍ଶନ ମଧ ଦେଖିବାକୁ ମିଳିଛି । ଦଳର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀ, ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ତାଙ୍କ ସ୍ୱାମୀ ତଥା ଶିଳ୍ପପତି ରବର୍ଟ ଭଦ୍ରା ଯାତ୍ରାରେ ସାମିଲ ହୋଇଥିଲେ । ସେପଟେ ଅନେକ ଜଣାଶୁଣା, ନାମୀଦାମୀ ଚେହେରାଙ୍କୁ ମଧ ଯାତ୍ରାରେ ଦେଖିବାକୁ ମିଳିଛି । ଦଳ କହିଛି ଦେଶରେ ଏବେ ବିଜେପି ଘୃଣାର ରାଜନୀତି କରୁଛି । ଦେଶକୁ ଭାଗ ଭାଗ କରୁଛି । ଦେଶକୁ ଯୋଡିବା ପାଇଁ କଂଗ୍ରେସ ଏହି ବିଶାଳ ଯାତ୍ରା କରୁଛି ଓ ସଫଳତା ସହ କଶ୍ମୀରରେ ଶେଷ ହେବ । ପ୍ରବଳ ଜନସମାଗମ, ବେଶ ଉତ୍ସାହ ସହ ଶକ୍ତି ପ୍ରଦର୍ଶନ କରି ଦଳ ଭାରତ ଯୋଡ଼ ଯାତ୍ରା ଜାରି ରଖିଛି । ଏହା ଭିତରେ ଦେଶରେ ଚୀନ ଭୂତାଣୁ ଚିହ୍ନଟ ହେବା ପରେ ସରକାର ଯାତ୍ରାକୁ ନେଇ ଆପତି ପ୍ରକାଶ କରିଛନ୍ତି । କୋଭିଡ ପ୍ରୋଟୋକଲ ମାନ, ନଚେତ ଯାତ୍ରା ବନ୍ଦ କର ବୋଲି କହିସାରିଛି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ । କଂଗ୍ରେସ ନେତାଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଚିଠି ପରେ ଏବେ ବୟାନବାଜୀ ଆରମ୍ଭ ହୋଇଛି । କଂଗ୍ରେସ କହୁଛି ସଫଳ ଯାତ୍ରାକୁ ବନ୍ଦ କରିବା ପାଇଁ ବିଜେପି କରୋନା ବାହାନ କରି ଷଡଯନ୍ତ୍ର କରୁଛି । ସେପଟେ ବିଜେପି କହିଛି ରାହୁଲ ଗାନ୍ଧୀ କେବଳ ଗୋଟେ ପରିବାର କଥା ଚିନ୍ତା କରୁଛନ୍ତି ।

## ବି ବି ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ



ବାରିପଦା, ୨୪/୧୨ (ନି.ପ୍ର): ବାଇଗଣ ବାଡ଼ିଆ ସ୍ଥିତ ବି ବି ମହାବିଦ୍ୟାଳୟ ର ଉଦ୍ଭିଦ ବିଜ୍ଞାନ ବିଭାଗରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ର ଛାତ୍ରୀ ମାନଙ୍କ ଉପଲକ୍ଷେ ସ୍ୱାଗତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଅଧକ୍ଷ ଡ. ଯତିନ୍ଦ୍ର ନାଥ ସିଂ ଦେବ ସଚାନ ଓଁ ଧ୍ୱନି ଉଚ୍ଚାରଣ ସହ ପ୍ରଦୀପ ପ୍ରଜ୍ୱଳନ କରି ପିଲାମାନଙ୍କୁ ଉତ୍ତମ ଆଚରଣ ସହ ଜୀବନରେ ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଶ୍ରୀ ଆଶିଷ କୁମାର ବେହେରା ଓ ଶ୍ରୀମତୀ ସୁଇଟି ମୁର୍ମୁ ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠ ପଢି କଲେଜ ର ସୁନାମ କରିବାକୁ କହିଥିଲେ । ଡେମନଷ୍ଟ୍ରେଟର ଶ୍ରୀ ଦିଲୀପ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ଅନସୟା ସିଂ, ପିୟୁଶ କାନ୍ତି ଘୋଷ ତଥା ବିଭାଗର ଶେଷ ବର୍ଷ ଓ ଦ୍ୱିତୀୟ ବର୍ଷ ର ଛାତ୍ରଛାତ୍ରୀ ମାନେ ସୁନ୍ଦର ଭାବେ କାର୍ଯ୍ୟକ୍ରମ କୁ ପରିଚାଳନା କରି ଥିଲେ ।

## ନବମ ମହେଶ ସ୍ନିହା ଇଂଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ



ବାରିପଦା, ୨୪/୧୨ (ନି.ପ୍ର): ସ୍ଥାନୀୟ ବାରିପଦା ମଧୁବନ ମିନି ଷ୍ଟାଡିୟମ ଠାରେ ୯ମ ବାର୍ଷିକ ମହେଶ ସ୍ନିହା ଇଂଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଂଟ ମୟୂରଭଂଜ କ୍ରିକେଟ ଏକାଡେମୀ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଟୁର୍ଣ୍ଣାମେଂଟକୁ ଉଦ୍‌ଘାଟନ କରିଥିଲେ । ଟୁର୍ଣ୍ଣାମେଂଟର ଅଧକ୍ଷ ଗିରିଶଚନ୍ଦ୍ର ଦାସ ଯୋଗଦେଇ ଖେଳାଳୀମାନଙ୍କ ସହିତ କରମର୍ଦ୍ଦନ କରି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ମହେଶ ସିହ୍ନା କ୍ରିକେଟ୍ ଟୁର୍ଣ୍ଣାମେଂଟର ସଭାପତି କଲ୍ୟାଣ ସିହ୍ନା, ଉପସଭାପତି ଚିନ୍ମୟ ସିହ୍ନା, ପରିଚାଳନା ସମ୍ପାଦକ ତାପସ ମହାନ୍ତି, ଯୁଗ୍ମ ସମ୍ପାଦକ ପୁଲିନ ସିହ୍ନା ତଥା ମୟୂରଭଂଜ ଏଥେଲେଟିକ ଏସୋସିଏସନ୍‌ର କ୍ରିକେଟ ସେକ୍ରେଟେରୀ ହରପ୍ରସାଦ ପାତ୍ର, ଫୁଟ୍‌ବଲ ସେକ୍ରେଟେରୀ ଅମର ସେଠୀ, ୱାର୍ଡ ନଂ ୨୩ର କାଉନ୍‌ସିଲର୍ ଅନନ୍ତ ଦାସ, ଶିକ୍ଷକ ତଥା ସମାଜସେବୀ ତପନ କୁମାର ବାରିକ, ପୂର୍ବତନ କ୍ରୀଡାବିତ୍ ସେକ୍ ଲାଇକୁଦ୍ଦିନ୍ ପ୍ରମୁଖ ଉପସ୍ଥିତ ଥିଲେ । ଏହିଭଳି ଏକ ଟୁର୍ଣ୍ଣାମେଂଟ ମୟୂରଭଂଜରେ କ୍ରମାଗତ ୯ବର୍ଷଧରି ଅନୁଷ୍ଠିତ ହେଉଥିବାରୁ କମିଟିର କର୍ମକର୍ତ୍ତା ମାନଙ୍କୁ ଭୂୟସି ପ୍ରଶଂସା କରିଥିଲେ । ଏହି ଖେଳକୁ ଏମ୍ପାୟାର ଫାଇମ କାଦ୍ରି ଓ ମୋନଜ ଦାସ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ମହିମ୍ ମଲ୍ଲିକ୍ ସହାୟତା କରିଥିଲେ । ସର୍ବଶେଷରେ ଟୁର୍ଣ୍ଣାମେଂଟର ସମ୍ପାଦକ ଲୋହିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ଥାନୀୟ ଲୋକମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ : ଜେଏସଡବ୍ଲ୍ୟୁ

ପାରାଦ୍ୱୀପ, ୨୪/୧୨ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ ନୂଆଗାଁ ଏବଂ ଗଡ଼କୁଜଙ୍ଗ ପଞ୍ଚାୟତରେ ପ୍ରସ୍ତାବିତ ଜେ ଏସ ଡ ବ୍ଲୁ ପ୍ରକଳ୍ପରେ ସ୍ଥାନୀୟ ଲୋକମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି । ଜିଲ୍ଲା ପ୍ରଶାସନ ଜରିଆରେ ସ୍ଥାନୀୟ ଲୋକମାନେ ରାଜ୍ୟ ସରକାରଙ୍କୁ ଯଥେଷ୍ଟ ସହଯୋଗ କରିଥିବା ବେଳେ କମ୍ପାନୀ ପକ୍ଷରୁ ସେମାନଙ୍କୁ ଯଥେଷ୍ଟ ପରିମାଣର ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯାଇଛି । ନୂତନ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ, ଆତ୍ମନିର୍ଭରଶୀଳ ସହିତ ରୋଜଗାରକ୍ଷମ ହେବାକୁ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଇଛି । ଜେ ଏସ ଡ ବ୍ଲୁ ପ୍ରକଳ୍ପର ସ୍ଥାନୀୟ କ୍ଷେତ୍ରୀୟ କାର୍ଯ୍ୟାଳୟ ଠାରେ ତିନି ପଞ୍ଚାୟତର ଲୋକମାନଙ୍କୁ ନେଇ ତିନି ଦିନ ଧରି ଏକ ଭେଣ୍ଡରର ପଞ୍ଜିକରଣ କର୍ମଶାଳା ଆୟୋଜିତ ହୋଇ ଯାଇଛି । ଏଥିରେ ସ୍ଥାନୀୟ ଲୋକମାନେ କିଭଳି ଭେଣ୍ଡର ପଞ୍ଜିକରଣ ସେ ନେଇ କମ୍ପାନୀ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀମାନେ ଅବଗତ କରାଇଥିଲେ । ଏଥି ପାଇଁ ଆବଶ୍ୟକୀୟ କାଗଜପତ୍ର ଯଥା ପ ପଞ୍ଜିକରଣ ପ୍ରମାଣପତ୍ର,ଜି ଏସ ଟି ପ୍ରମାଣପତ୍ର, ଫ୍ୟାନ, ଏମ୍ ଏସ୍ ଏମ୍ ଇ ପ୍ରମାଣପତ୍ର, ବ୍ୟାଙ୍କ ବିବରଣୀ ଭଳି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରର ଆବଶ୍ୟକ ଥିବାର କୁହାଯାଇଥିଲା ।ଯେ କୌଣସି ବର୍ଗର ବ୍ୟକ୍ତିମାନେ ଏହି ଭେଣ୍ଡର ପଞ୍ଜିକରଣ ହେଲା ପରେ ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ରାସ୍ତା ଆମ, ନିର୍ମାଣ ସାମଗ୍ରୀ ଯୋଗାଣ, ଯନ୍ତ୍ରପାତି ଓ ପରିବହନ ପାଇଁ ଗାଡ଼ି ବ୍ୟବସ୍ଥା ଆଦି କାର୍ଯ୍ୟରେ ନିୟୋଜିତ ହୋଇ ପାରିବେ। ଏଥି ସହିତ ବିଭିନ୍ନ କମ୍ପାନୀ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ମଧ କାମ କରିବାର ଦକ୍ଷତା ହାସଲ କରି ପାରିବେ। ପୂର୍ବରୁ ଏହି ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳରୁ ୧୫ ରୁ ୨୦ ଜଣ ମଧ୍ୟରେ ଭେଣ୍ଡର କାର୍ଯ୍ୟ କରୁଥିଲେ ବେଳେ ଏବେ ତିନି ପଞ୍ଚାୟତରୁ ପ୍ରାୟ ୭୦ ଜଣ ଭେଣ୍ଡର ପଞ୍ଜିକରଣ ପାଇଁ ସେମାନଙ୍କ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିଛନ୍ତି। ଏହି ନୂତନ ଭେଣ୍ଡର ମାନଙ୍କ ମଧ୍ୟରେ ଅନେକ ଯୁବଗୋଷ୍ଠୀଙ୍କ ଆଗ୍ରହ ରହିଥିବାର ଦେଖିବାକୁ ମିଳିଛି। ଢ଼ିଙ୍କିଆ ଗାଁ ର କୁମାର ମଲ୍ଲିକ, ବିପୁନି ଦାସ, ଗୋବିନ୍ଦପୁର ଗାଁର ଚନ୍ଦନ ପଣ୍ଡା,ମାହାଳ ଗାଁର ସରୋଜ ଦାସ ପ୍ରମୁଖ ଜେ ଏସ ଡ ବ୍ଲୁ ର ଏହି ବ୍ୟବସ୍ଥାକୁ ସ୍ୱାଗତ କରିବା ସହିତ କିଛି କାମ କରି ରୋଜଗାରକ୍ଷମ ହେବାକୁ ଆଶା ରଖିଛନ୍ତି। ଏହି ଭେଣ୍ଡର ପଞ୍ଜିକରଣ ବ୍ୟବସ୍ଥାରେ ଅନେକ ସ୍ଥାନୀୟ ଯୁବଗୋଷ୍ଠୀ ତଥା କୃଶଳୀ ଓ ଅର୍ଦ୍ଧକୁଶଳୀ ତଥା ସାଧାରଣ ଶ୍ରମିକ ମାନେ କାର୍ଯ୍ୟରେ ନିୟୋଜିତ ହେବା ସହିତ ନିଜ ପରିବାର ପାଇଁ କିଛି ରୋଜଗାର କରି ପାରିବେ ବୋଲି ଢ଼ିଙ୍କିଆର ସରପଞ୍ଚ କିଶୋର ପରିଡ଼ା ପ୍ରକାଶ କରିଛନ୍ତି। ସାଧାରଣ ତଥା ସ୍ଥାନୀୟ ଲୋକମାନେ କମ୍ପାନୀର ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଲେ ସେମାନଙ୍କ ମଧ୍ୟରେ ସ୍ୱଚ୍ଛତା ଓ ବିଶ୍ୱାସନୀୟତା ବୃଦ୍ଧି ପାଇବ। ଏଥି ସହିତ କମ୍ପାନୀର ଅଧିକାରୀ ମାନେ ଲୋକମାନଙ୍କ ସହିତ ସିଧାସଳଖ ଯୋଗାଯୋଗ ରହିବା ସହିତ ସହଯୋଗ ମଧ ମିଳି ପାରିବ। କମ୍ପାନୀ ପକ୍ଷରୁ ଗୋଟିଏ ପଟେ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତ ପ୍ରଦାନ କରୁଥିଲା ବେଳେ ସାଧାରଣ ଲୋକମାନଙ୍କୁ ଭେଣ୍ଡର ପଞ୍ଜିକରଣ ଜରିଆରେ ରୋଜଗାରକ୍ଷମ ବ୍ୟବସ୍ଥାକୁ ସାଧାରଣରେ ସ୍ୱାଗତ କରାଯାଇଛି।

## ୫- ଟି ସଚିବଙ୍କ ପୁରୀ କୋଣାର୍କ ଓ କାକଟପୁର ପରିଦର୍ଶନ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀ ଙ୍କ ସଚିବ ଫାଇଭ ଟି ଭି କେ ପାଣ୍ଡିଆନ୍ ଆଜି ସକାଳେ ପୁରୀ କୋଣାର୍କ ଓ କାକଟପୁର ଗସ୍ତରେ ଯାଇ ବିଭିନ୍ନ ବିକାଶ କାମ ବୁଲି ଦେଖିବା ସହ ମା ମଙ୍ଗଳାଙ୍କ ପୀଠର ଉନ୍ନତିକରଣ ସମ୍ପର୍କରେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଜଗନ୍ନାଥ ସଂସ୍କୃତି ରେ ମା ମଙ୍ଗଳାଙ୍କ ପୀଠ ର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି .ବିଶେଷ କରି ନବକଳେବର ସମୟରେ ଦାରୁ ଅନ୍ୱେଷଣ କାର୍ଯ୍ୟ ମାଆଙ୍କ ନିର୍ଦ୍ଦେଶ ରେ କରଯାଇଥାଏ ବୋଲି ବିଶ୍ୱାସ ରହିଛି । ଏତଦବ୍ୟତୀତ ଓଡ଼ିଶାର ପ୍ରମୂଖ ଶକ୍ତି ପୀଠ ଭାବରେ ମା ମଙ୍ଗଳା ପୀଠ ଓଡ଼ିଶାର ଘରେ ଘରେ ପରିଚିତ .ପ୍ରତିଦିନ ହଜାର ହଜାର ଭକ୍ତ ମା ଙ୍କ ଦର୍ଶନ ପାଇଁ କାକଟପୁର ଆସିଥାନ୍ତି .ତେଣୁ ଫାଇଭ ଟି ଉପକ୍ରମ ରେ ଏ ପୀଠର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ୍ ମଙ୍ଗଳା ପୀଠର ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ପୀଠର ଉନ୍ନତିକରଣ ବିଷୟରେ ଆଲୋଚନା କରିଥିଲେ। ମନ୍ଦିର ଜଳନିଷ୍କାସନ, ପାର୍କିଂ ଯାତ୍ରୀଙ୍କ ସୁବିଧା ପ୍ରାଚୀ ନଦୀ ଘାଟ ର ଉନ୍ନତିକରଣ ଆଦି ପାଇଁ ପଦକ୍ଷେପମାନ ଗ୍ରହଣ କରାଯିବ। ଏଥି ନିମନ୍ତେ ସେବାୟତ ସ୍ଥାନୀୟ ଲୋକ ଓ ଟ୍ରଷ୍ଟି ମାନଙ୍କ୍ ସହ ଆଲୋଚନା କରି ବିସ୍ତୃତ ଯୋଜନା ପନ୍ଦର ଦିନ ମଧ୍ୟରେ ପ୍ରସ୍ତୁତ କରିବା ନିର୍ଦ୍ଦେଶ ଦେଇଥିଲେ। ଏହା ମୁଖ୍ୟମନ୍ତ୍ରୀ ଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଥିଲେ । ଓବିସିସି ଏହି ଯୋଜନା ପ୍ରସ୍ତୁତ କରିବ। ପୂର୍ବରୁ ଶ୍ରୀ ପାଣ୍ଡିଆନ୍ ପୁରୀ ରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ .ସେଠାରୁ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଟିଚିଂ ହସପିଟାଲ ନିର୍ମାଣ କାମ ବୁଲି ଦେଖିଥିଲେ ଓ ଅଗ୍ରଗତି ର ସମୀକ୍ଷା କରିଥିଲେ । ୨୦୨୩ ଜୁନ ସୁଦ୍ଧା ଟିଚିଂ ହସପିଟାଲ କାମ ଶେଷ ହେବ ବୋଲି ସମୀକ୍ଷା ରୁ ଜଣାଯାଇଛି । ପରେ କୋଣାର୍କ ଯାଇ ଫାଇଭ ଟି ସଚିବ ଶ୍ରୀ ପାଣ୍ଡିଆନ୍ ଚନ୍ଦ୍ରଭାଗା ବେଳାଭୂମି ବିକାଶ କାମ, କୋଣାର୍କ ଚନ୍ଦ୍ରଭାଗା ରାଜ୍ୟ ରାଜପଥର ସମ୍ପ୍ରସାରଣ ଓ ନୂଆ ରିଂ ରୋଡ କାମ ଅନୁଧ୍ୟାନ କରିଥିଲେ ।

# ଷୋଡଶ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଘାଟିତ



ବାଲିଅନ୍ତା, ୨୪/୧୨ (ନି.ପ୍ର): କୋଭିଡର ଦୀର୍ଘ ଦୁଇ ବର୍ଷ ପରେ ଚଳିତ ବର୍ଷ ମହାନ ତନ୍ତ୍ର ପୀଠ ଚଉଷଠି ଯୋଗିନୀ ପୀଠ ପରିସରରେ ନୃତ୍ୟ ପ୍ରତିଭା ଏବଂ ହୀରାପୁର ଗ୍ରାମ୍ୟ କମିଟିଙ୍କ ମିଳିତ ଭାବେ ଷୋଡଶ ଚଉଷଠି ଯୋଗିନୀ ମହୋତ୍ସବ ଉଦଘାଟିତ ହୋଇ ଯାଇଛି । ଉଦଘାଟନି ସନ୍ଧ୍ୟାକୁ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗ ଦେଇ ଶୀତୁଆ ସନ୍ଧ୍ୟାକୁ ଉଦଘାଟନ କରିଥିଲେ । ଏହି ଅବସରରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଶିକ୍ଷାବିତ ଏବଂ ସମାଜ ସେବି ତିରୁପତି ପାଣିଗ୍ରାହୀ ଏହି ଉତ୍ସବ ଯୋଗ ଦେଇଥିଲେ । ପରେ ନୃତ୍ୟ ପ୍ରତିଭା ଅନୁଷ୍ଠାନ ସମ୍ପାଦିକା ନୃତ୍ୟ ଗୁରୁ ଶ୍ରମତୀ ପ୍ରତିଭା ପଣ୍ଡା ସ୍ୱାଗତ ଭାଷଣଦେବା ସହିତ ଅତିଥି ମାନଙ୍କୁ ଚାରା ଗଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ନୃତ୍ୟ ପ୍ରତିଭା ଅନୁଷ୍ଠାନ ର ସଭାପତି ଡ଼ଃ ରଜନୀ ରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ଚଳିତ ବର୍ଷ ଚଉଷଠି ଯୋଗିନୀ ସଂଗୀତ ସମ୍ମାନ ସଂଗୀତ ଗୁରୁ ଦେବାଶିଷ ମହାପାତ୍ର, ପଦ୍ମଶ୍ରୀ ସୁଦର୍ଶନ ସାହୁଙ୍କୁ ଚଉଷଠି ଯୋଗିନୀ ଚିତ୍ରକଳା ସମ୍ମାନ ଏବଂ ଗ୍ରାମ୍ୟ କମିଟି ର ସଦସ୍ୟ ପଦ୍ମନାଭ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା । ଏହାପରେ କାର୍ଯ୍ୟକ୍ରମ କୁ ଓଡିଶୀ ନୃତ୍ୟ ନାଟିକା ଚଉଷଠି ଯୋଗିନୀ ସଂଗୀତ ରେ ନୃତ୍ୟ ପ୍ରତିଭା ର ଗୁରୁ ପ୍ରତିଭା ପଣ୍ଡା ଏବଂ ସାଥି କଳାକାର ମାନଙ୍କ ଦ୍ୱାରା ମା ଚଉଷଠି ଯୋଗିନୀଙ୍କ ଉପରେ ପର୍ଯ୍ୟବେକ୍ଷିତ ଓଡିଶୀ ନୃତ୍ୟ କୁ ପରିବେଷଣ କରିଥିଲେ । ଯାହା ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା । ସଂଗୀତ ଗୁରୁ ଦେବାଶିଷ ମହାପାତ୍ର ନିଜ କଣ୍ଠ ରେ ମୟୂରୀ ଗୋ ତୁମ ଆକାଶ ରେ ମଲ୍ଲାରେ ମେଘ ସାଜିଲି ପରି ଅନେକ ଲୋକ ପ୍ରିୟ ସଂଗୀତ ପରିବେଷଣ କରିଥିଲେ । କଲିକତାରୁ ଆସିଥିବା ଗୁରୁ ମଧୁମିତା ରାୟ ଏବଂ ସାଥି କଳାକାର ମାନଙ୍କ ଦ୍ୱାରା କଥକ ନୃତ୍ୟରେ ଶିବଙ୍କ ଓମ ନୃତ୍ୟ ପରିବେଷଣ କରି ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଶେଷରେ ବାଲିପାଟଣା ଟିକିପଡା ନାରାୟଣୀ ଗୋଟିପୁଅ କଳା ପରିଷଦର କଳାକାର ମାନଙ୍କ ଦ୍ୱାରା ଗୋଟିପୁଅ ମାଧ୍ୟମରେ ମଙ୍ଗଳା ଚରଣ ଓ ସିଂହ ବାହିନୀ ପରିବେଷଣ କରାଯାଥିଲା । ପରି ଶେଷରେ ଗଞ୍ଜାମ ଭଞ୍ଜ ନଗର କଳାକାର ମାନଙ୍କ ଦ୍ୱାରା ଜଙ୍ଗଲ ରେ ଜୀବନ ଯାପନ କରୁଥିବା ବିଭିନ୍ନ ପଶୁପକ୍ଷୀଙ୍କ ପରିସ୍ଥିତି ଏବଂ ଜଙ୍ଗଲ ଧ୍ୱଂସ ହେବା ଦ୍ୱାରା ଏହାର ପ୍ରଭାବ କିଭଳି ମନୁଷ୍ୟ ସମାଜ ଉପରେ ପଡୁଛି ସେ ସମ୍ପର୍କରେ ଅତି ଚିତା କର୍ଷକ ଭାବରେ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଇଂ ଶ୍ରୀନିବାସ ଘଟୁଆରି ପରିଚାଳନା କରିଥିଲେ ।

# 'ହାତକୁ ହାତ ଯୋଡ଼' କାର୍ଯ୍ୟକ୍ରମ ପାଇଁ ଜିଲ୍ଲା କଂଗ୍ରେସର ପ୍ରସ୍ତୁତି




ଭଦ୍ରକ, ୨୪/୧୨ (ନି.ପ୍ର): ଭାରତ ଯୋଡ଼ ପଦଯାତ୍ରାର ପରିବର୍ଦ୍ଧିତ କାର୍ଯ୍ୟକ୍ରମ ଭାବରେ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶରେ 'ହାତ କୁ ହାତ ଯୋଡ଼' କାର୍ଯ୍ୟକ୍ରମ ଆସନ୍ତା ଜାନୁଆରୀ ୨୬ ତାରିଖରୁ ଆରମ୍ଭ ହେବ। ଏହା ୨ ମାସ ଧରି ଚାଲିବ। ଏହି କ୍ରମରେ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସୁବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପିସିସି ପର୍ଯ୍ୟବେକ୍ଷକ ଭାବେ ମନୋରଂଜନ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ। ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିଲା। ଚଳିତ ମାସ ୨୬ ତାରିଖରୁ ୨୯ ତାରିଖ ମଧ୍ୟରେ ସମସ୍ତ ବ୍ଲକ ଓ ଟାଉନରେ ପ୍ରସ୍ତୁତି ବୈଠକ ସାରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜିଲ୍ଲାସ୍ତରରେ ୧୦ ହଜାର କର୍ମୀଙ୍କୁ ନେଇ ଏକ ବଡ଼ ଧରଣର କର୍ମକର୍ତ୍ତା ସମ୍ମିଳନୀ କରାଯିବାକୁ ଜିଲ୍ଲା ସଭାପତି ଶ୍ରୀ ଦାସ ସୂଚନା ଦେଇଥିଲେ। ଜିଲ୍ଲାର ୧୨୫୭ ବୁଥରେ କଂଗ୍ରେସର ଦଳୀୟ କାର୍ଯ୍ୟକର୍ତ୍ତା ଉଭୟ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାରଙ୍କ ଜନମାରଣ ନିତୀ ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା। ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ନିଶା କାରବାର, ଚାଷୀ ସମସ୍ୟା, ମହିଳା ନିର୍ଯ୍ୟାତନା ପରି ସମସ୍ୟା ଉପରେ ଦଳୀୟ କର୍ମକର୍ତ୍ତା ଘରେ ଘରେ ପହଞ୍ଚି ଲୋକଙ୍କୁ ବୁଝାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଉକ୍ତ ବୈଠକରେ ଭଦ୍ରକ ବିଧାନସଭା କ୍ଷେତ୍ରର ନେତା ନଳିନୀ ମହାନ୍ତି,ଚାନ୍ଦବାଲି ବିଧାନସଭା କ୍ଷେତ୍ରର ନେତା ଦିଗମ୍ବର ଦାସ, ବାବା ହରେକୃଷ୍ଣ ସେଠୀ, ହୃଦାନନ୍ଦ ସେଠୀ, ମହିଳା ସଭାନେତ୍ରୀ ସବିତା ଚାନ୍ଦ, ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ନଗର କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାନ, ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରା, ପ୍ରାକ୍ତନ କାଉନସିଲର ଅସରଫ ଅଲ୍ଲୀ ଖାନ, ଅନୁସୂଚିତ ଜାତି ଚେଆରମେନ ରଂଜନ ଜେନା, ଗୋଲକ ବେହେରା, ଭବେନ୍ଦ୍ର ସାହୁ, ନରେନ୍ଦ୍ର ମଲ୍ଲିକ, ଅଜୟ ସାହୁ, ପ୍ରସନ୍ନ ଧଳ, ବୈଲୋଚନ ପଣ୍ଡା, ପିତବାସ ଧଳ, ମଞ୍ଜୁଲତା ପଣ୍ଡା, ରମେଶ ବଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭଦ୍ରକରେ ଜାତୀୟ ଖାଉଟି ଦିବସ ପାଳିତ

ଭଦ୍ରକ, ୨୪/୧୨ (ନି.ପ୍ର): ଭଦ୍ରକ ଜିଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ (ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର) ଆନୁକୂଲ୍ୟରେ ତଥା ସହଯୋଗ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂଗଠନର ସହଯୋଗରେ ଆଜି ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଡିସିଏଲ୍ଏମ ପ୍ରିୟବ୍ରତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକ ଖାଉଟି ଆୟୋଗର ସଭାପତି ଶିବପ୍ରସାଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଖାଉଟି ଆଇନ୍‌ର ବ୍ୟାପକତା ଓ ଆଶୁ ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ। ଏବଂ ମଣିଷ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ମୁହୂର୍ତ୍ତରେ କିଛି ନା କିଛି ଦ୍ରବ୍ୟ ବା ସେବା କଂଜିମର ଭାବେ ଗ୍ରହଣ କରିଥାଏ। ତେଣୁ ଭାରତବର୍ଷରେ ପ୍ରଚଳିତ ତେର ଶହରୁ ଉର୍ଦ୍ଧ୍ୱ ଆଇନ୍ ମଧ୍ୟରେ ସର୍ବାଧିକ ପ୍ରଭାବିତ କରୁଥିବା ଆଇନ୍ ହେଉଛି କଂଜ୍ୟୁମର ଆଇନ୍ ବୋଲି ଖାଉଟି ଆୟୋଗର ସଭାପତି ଶ୍ରୀ ମହାନ୍ତି ମତବ୍ୟକ୍ତ କରିଥିଲେ। ଏଣୁ ଜିଲା ପ୍ରଶାସନ ଏହି ଆଇନ୍‌ର ସୁବିଧା ସୁଯୋଗକୁ ଜିଲାର ଜନସାଧାରଣଙ୍କ ମଧ୍ୟରେ ବହୁଳ ଭାବେ ପ୍ରଚାର ପ୍ରସାର ପାଇଁ ନିବେଦନ କରିଥିଲେ। କଂଜ୍ୟୁମର କୋର୍ଟ ରାସ୍ତାକୁ ଜବରଦଖଲ ମୁକ୍ତ ଓ ସମସ୍ତେ ଦେଖି ଜାଣିପାରିଲା ଭଳି କୋର୍ଟ ବିଲ୍‌ଡିଂକୁ ବାଧାମୁକ୍ତ କରାଗଲେ ତାହା ଜନସାଧାରଣଙ୍କ ମଧ୍ୟରେ ଏହି ଆଇନ୍ ଓ କୋର୍ଟ ସଂପର୍କରେ ସଚେତନ ସୃଷ୍ଟି କରିହେବ ବୋଲି ସେ କହିଥିଲେ। ବିଶେଷକରି ଏହି ଖାଉଟି ଆଇନ୍‌ର ଗ୍ରାମା ଳରେ କିପରି ସଚେତନତା ସୃଷ୍ଟି କରାଯାଇପାରିବ ଏ ନେଇ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶ୍ରୀ ଟୁଡୁ, ସମ୍ମାନିତ ଅତିଥି ଭାବେ ଭଦ୍ରକ ମ୍ୟୁନସିପାଲଟି ଅଧ୍ୟକ୍ଷା ଗୁଲମକ୍କୀ ହବିବ, ଉପାଧ୍ୟକ୍ଷା ଅଂଜୁବାଳା ଜେନା, ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, କଂଜ୍ୟୁମର ଆୟୋଗର ପୂର୍ବତନ ସଦସ୍ୟା ପ୍ରତିମା ସିଂହ ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଡିସିଏଲ୍ଏମ୍ ଶ୍ରୀ ଜେନା ପ୍ରାରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରି ପରିଚୟ ପ୍ରଦାନ କରିଥିଲେ। ସହଯୋଗ ଇଣ୍ଡିଆ ସଂଗଠନର ସଦସ୍ୟାମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗ



ନୀଳଗିରି, ୨୪/୧୨ (ନି.ପ୍ର): ନୀଳଗିରିର ସାମ୍ବାଦିକ ବିଭୂତିଭୂଷଣ ବେହେରାଙ୍କର ବାପା କାର୍ତ୍ତିକ କୁମାର ବେହେରା (୮୩) ବୟସରେ ନିଜ ନରଣପୁର ବାସଭବନରେ ଅକାଳ ବିୟୋଗ ଘଟିଛି । କିଡିନୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିବା ବେଳେ ଗତ ଶୁକ୍ରବାର ଦିନ ତାଙ୍କର ଦେହାନ୍ତ ହୋଇଛି । ସେ ଜଣେ ପାଲା ଗାୟକ, ଗାଳ୍ପିକ, ଗୀତୀକାର ସହ ସରକାରୀ ଶିକ୍ଷକ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ । ସେତେବେଳେ ସେ ବି.ଏ. ବି.ଇ.ଡି. , ଓଡ଼ିଆରେ ସ୍ନାତକ କରିବା ବିରଳ ଥିଲେ । ସେ ଜଣେ ମିଷ୍ଟଭାଷୀ, ମେଳାପି ପ୍ରକୃତରେ ମଣିଷଟିଏ ଥିବା ବେଳେ ବିଭିନ୍ନ ଶିକ୍ଷକ ସଂଘର ଆବାହକ ସହ ନୀଳଗିରିର ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ମୃତ୍ୟୁ ଶଯ୍ୟା ପାଖରେ ୩ ପୁଅ, ଶଶିଭୂଷଣ, ବିଭୁତିଭୂଷଣ, ବଧୁଭୂଷଣ, ଝିଅ ସ୍ୱୟଂ ପ୍ରଭା ବନ୍ଧୁବାନ୍ଧବ, ସଂପର୍କୀୟ ଉପସ୍ଥିତ ଥିଲେ । ବଡ଼ପୁଅ ଶଶିଭୂଷଣ ମୁଖାଗ୍ନି ଦେବା ସହ ଅଂଚଳର ଶୋକର ଛାୟା ଖେଳିଯାଇଛି ।

# ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ସୁଗମ ଦର୍ଶନ ପାଇଁ ଦାବି

ପୁରୀ, ୨୪/୧୨ (ନି.ପ୍ର): ସୁପ୍ରିମକୋର୍ଟ ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ସୁଗମ ଦର୍ଶନ ପାଇଁ ଦେଇଥିବା ନିର୍ଦ୍ଦେଶକୁ ପୁରୀ ଜିଲ୍ଲା ଦିବ୍ୟାଙ୍ଗ ମହାମଞ୍ଚ ସ୍ୱାଗତ କରିଛି । ଶ୍ରୀଗୁଣ୍ଡିଚା ସମ୍ମୁଖରେ ମଞ୍ଚର ସଦସ୍ୟ ଓ ସଦସ୍ୟାମାନେ ଏହି ରାୟକୁ ସ୍ୱାଗତ ଓ ସମ୍ମାନ ଜଣାଇବା ସହ ଜିଲ୍ଲା ପ୍ରଶାସନ ,ଶ୍ରୀମନ୍ଦିର ପ୍ରଶାସନ, ଗଜପତି ମହାରାଜା, ରାଜ୍ୟ ସରକାର ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଛନ୍ତି । ଭାରତର ବିଭିନ୍ନ ମନ୍ଦିର ଗୁଡ଼ିକରେ ଦିବ୍ୟାଙ୍ଗ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ଅଥଚ ଶ୍ରୀମନ୍ଦିରରେ ଏହି ବ୍ୟବସ୍ଥା ହୋଇନଥିବାର କ୍ଷୋଭ ପ୍ରକାଶ କରିଥିଲେ । ନୂଆବର୍ଷରୁ ଦିବ୍ୟାଙ୍ଗ ଦର୍ଶନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ଅନନୁରୋଧ କରିଛନ୍ତି । ମହାମଞ୍ଚର ସଂଗଠନ ସମ୍ପାଦିକା ଗଜଲକ୍ଷ୍ମୀ ରାୟଙ୍କ ସହ ପ୍ରଶାନ୍ତ ନାୟକ,କମଳକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂପାଳଚନ୍ଦ୍ର ମହାପାତ୍ର ଉଚ୍ଚ ବିଦ୍ୟାଳୟରେ କ୍ରୀଡା ଉତ୍ସବ ଉଦ୍‌ଯାପିତ



ବସ୍ତା, ୨୪/୧୨ (ନି.ପ୍ର): ବାଲେଶ୍ୱରଜିଲ୍ଲା ଶିକ୍ଷା ଅଧିନରେଥିବା ବରୁଣ ଗଡିଆ ଭୂପାଳ ଚନ୍ଦ୍ର ମହାପାତ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରିଡା ଉତ୍ସବ ଉଯାପିତ ହୋଇଯାଇଛି । ଆଜିର ସମାଜରେ ନୂତନ ପିଢିର ଛାତ୍ରଛାତ୍ରି ଆଗାମିଦିନର ଭବିଷ୍ୟତ । ଏଇମାନେଆଗାମି ଦିନରେ ସମାଜ ସଂସ୍କାରର କର୍ଣ୍ଣଧାର ସାଜିବେବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହିଉତ୍ସବରେ ନାଚ, ଗୀତ ସଂଗୀତ ଖେଳ ପ୍ରତିଯୋଗିତା ହୋଇଥିଲା । ଶେଷରେ ପିଲାମାନଙ୍କୁ ପ୍ରାଇଜ ଏବଂ ମାନପତ୍ର ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇ ଥିଲା। ସ୍କୁଲ ପରିଚାଳନା କମିଟିର ସଭାପତି ପ୍ରଭାତ ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ତଥା ସମାଜସେବୀ ସୁବୋଧ କିଶୋର ରାଉଳ, ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ସରପଞ୍ଚ କରୁଣାକର ମଲ୍ଲୀକ ଅନ୍ୟତମ ଅତିଥି ବରୁଣଗଡିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀମତୀ ଲିପିକା ରାଉଳ, ଅନ୍ୟତମ ଅତିଥିପସି ଆର ସି ସି ପିତାମ୍ବର ବେହେରା, ମୁଖ୍ୟ ବକ୍ତା, ଅରବିନ୍ଦ ପାଣିଗ୍ରାହି । ଅନ୍ୟତମ ଅତିଥି ସମାଜସେବୀ .ବସନ୍ତ ବାରିକ, ପ୍ରଧାନଶିକ୍ଷକ ହରି ବାସ ଦାସ, ପୁରାତନ ଛାତ୍ର ଗୋପାଳ ଜେନା ସର୍ବଶେଷରେ ଶିକ୍ଷକ ସନ୍ତୋଷ କୁମାର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସୁବୋଧ କିଶୋର ରାଉଳ ଫିତା କାଟି ଜଗନ୍ନାଥ ଙ୍କ ଫଟୋରେ ଧୂପ ଦୀପ ପ୍ରଜ୍ଜଳନ କରି ଥିଲେ। ଅନ୍ୟ ଅତିଥି ମାନେ ପ୍ରଦୀପ ପ୍ରଜ୍ଜଳନ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇ ଥିଲା ।

## ମହିଳା ଆଇନଜୀବୀଙ୍କ କ୍ରୀଡ଼ା ଉତ୍ସବ

ପୁରୀ, ୨୪/୧୨ (ନି.ପ୍ର): ପୁରୀ ବାର ଆସୋସିଏସନର ମହିଳା ଆଇନଜୀବୀ ସଦସ୍ୟାମାନଙ୍କ ଆଜି ଇଣ୍ଡୋର ଓ ଆଉଟଡ଼ୋର କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଥର ପାଇଁ ଏହି କ୍ରୀଡ଼ା ଆରମ୍ଭ ହୋଇଛି । ଏହା ଦୁଇଦିନ ଧରି ଅନୁଷ୍ଠିତ ହେବ । ବରିଷ୍ଠ ମହିଳା ଆଇନଜୀବୀ ରଚିତା ଦାଶ,ରଞ୍ଜିତା ମହାନ୍ତି, ନିଳିମା ମିଶ୍ର, ବିଜୟଲକ୍ଷ୍ମୀ ସାହୁ, ମୋନାଲିସା ମିଶ୍ର, କନକ ଦାସ, ଟିକିନା ସେନାପତିଙ୍କ ସମେତ ଅନେକ ମହିଳା ଆଇନଜୀବୀମାନେ ଅଂଶ ଗ୍ରହଣ କରିଥିଲେ । ଓକିଲ ସଂଘର ସଂପାଦକ ବିଭୁତି ଶଙ୍କର ତ୍ରିପାଠୀ,ପୂର୍ବତନ ସଂପାଦକ ସାରଦା ସାମଲ ଓ ସଂଘର ନିର୍ବାଚିତ କର୍ମକର୍ତାମାନେ ମହିଳା ଓକିଲମାନଙ୍କୁ କ୍ରୀଡ଼ା ପାଇଁ ଉତ୍ସାହିତ କରିଥିଲେ ।

# ୯ମ ମୟୁରଭଞ୍ଜ ପୁସ୍ତକମେଳା ଉଦ୍‌ଘାଟିତ




ବାରିପଦା, ୨୪/୧୨ (ନି.ପ୍ର): ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ୯ମ ମୟୂରଭଞ୍ଜ ପୁସ୍ତକମେଳା ଉଦଘାଟିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନିତ ଭରଦ୍ୱାଜ ଆଜି ସନ୍ଧ୍ୟାରେ ବାରିପଦା ଛଉ ପଡିଆ ଠାରେ ଆୟୋଜିତ ଭବ୍ୟ ମଣ୍ଡପରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବହିଠାରୁ ବଡ ବନ୍ଧୁ କେହି ନାହିଁ ବୋଲି ମତ ରଖିଥିଲେ । ପୁସ୍ତକମେଳା କମିଟିର ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ସମିତିର ସଦସ୍ୟା ତଥା ସମ୍ବାଦ ସାହିତ୍ୟଘରର ରାଜ୍ୟ ସଂଯୋଜିକା ଡ. ଶୁଭଶ୍ରୀ ଲେଙ୍କା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଆଧୁନିକ ସମୟ ସହ ତାଳ ଦେଇ ବହି ଲେଖାଯିବା ଉଚିତ ବୋଲି ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଡ. ଶ୍ୟାମସୁନ୍ଦର ଦାସ ଯୋଗଦେଇ ଥିଲେ । ପ୍ରାରମ୍ଭରେ ଅଧ୍ୟାପକ ସମରେନ୍ଦ୍ର ବଶା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ମନୋଜ ଦଳବେହେରା ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । କବୟିତ୍ରୀ ସୁଶ୍ରୀ କାବେରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଜିତ କୁମାର କବାଟ, ଜୟନ୍ତ କୁମାର ଦ୍ୱାରୀ, କୈବଲ୍ୟ ପ୍ରସାଦ ମହାପାତ୍ର, ଡ. ସଞ୍ଜୀବ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅପରାହ୍ନରେ ପୁସ୍ତକ ସଚେତନତା ଶୋଭାଯାତ୍ରା ଶ୍ରୀରାମଚନ୍ଦ୍ର ପାଠାଗାରରୁ ଆରମ୍ଭ ହୋଇ ମେଳା ପଡିଆରେ ଶେଷ ହେବା ପରେ ପୁସ୍ତକମେଳା କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରାଙ୍କୁ ମଂଚରେ ସ୍ଥାପନା କରାଯାଇଥିଲା ।

## ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ

ନୂଆଦିଲ୍ଲୀ, ୨୪/୧୨ : ପ୍ରଧାନମନ୍ତ୍ରୀ ଆବାସ ନୂଆଦିଲ୍ଲୀରେ ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ଶନିବାର ଦିନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ କରିଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଫଟୋ ସହିତ ଏହି ସାକ୍ଷାତର ସୂଚନା ଦେଇଥିଲେ ଏବଂ କହିଥିଲେ ଯେ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ।

# କାର ଘାଟିରେ ଖସିବା ଯୋଗୁଁ ଆଠ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

ଚେନ୍ନାଇ, ୨୪/୧୨ (ନି.ପ୍ର): ତାମିଲନାଡୁର ଥେନୀ ଜିଲ୍ଲାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଆଠ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଏମାନେ ସମସ୍ତେ ଗୋଟିଏ କାରରେ ଥିଲେ । ସବରୀମାଲାର ତୀର୍ଥଯାତ୍ରୀଙ୍କୁ ନେଇଯାଉଥିବା ଏହି କାର ନିୟନ୍ତ୍ରଣ ହରାଇ ଘାଟିରେ ଖସି ପଡ଼ିଥିଲା । ଥେନୀ ର କଲେକ୍ଟର କେ ବି ମୁରଲୀଧରନ ଏହା କହିଛନ୍ତି । କଲେକ୍ଟରଙ୍କ କହିବା ଅନୁଯାୟୀ ଏହି ଦୁର୍ଘଟଣା କେରଳ ତାମିଲନାଡୁ ସୀମା ଅନ୍ତର୍ଗତ ଇଡ଼ୁକୀର କୁମିଲିରେ ଘଟିଛି । ଏହି କାର ନିୟନ୍ତ୍ରଣ ହରାଇ ୪୦ ଫୁଟ ତଳକୁ ଖସି ପଡ଼ିଥିଲା । ଏହି ଦୁର୍ଘଟଣାରେ ଆଠ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ପ୍ରଧାନମନ୍ତ୍ରୀ ଗତ ମାସରେ ମନ କି ବାତ ଉପରେ ଆଧାର କରି ପୁସ୍ତକ ଶେୟାର କଲେ

ନୂଆଦିଲ୍ଲୀ, ୨୪/୧୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନଭେମ୍ବରର ମନ କି ବାତରେ ଏକ ଏପିସୋଡ଼ ଉପରେ ଆଧାର କରି ଏକ ବୁକ୍‌ଲେଟ୍ ସେୟାର କରିଛନ୍ତି, ଯାହାକି ଭାରତର ଜି-୨୦ ରେ ଅଧ୍ୟକ୍ଷତା, ମହାକାଶରେ ଅଗ୍ରଗତି, ବାଦ୍ୟଯନ୍ତ୍ର ରପ୍ତାନିରେ ବୃଦ୍ଧି ଏବଂ ଅନ୍ୟାନ୍ୟ ବିଷୟ ଉପରେ ଆଲୋକପାତ କରିଛି । ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି ଏହି ଇ-ବୁକ୍ ଉପରେ ନଜର ପକାନ୍ତୁ, ଯେଉଁଥିରେ ଗତ ମଙ୍ଗସର ମନ କି ବାତ ଯେପରିକି ଭାରତର ଜି-୨୦ ରେ ଅଧ୍ୟକ୍ଷତା, ମହାକାଶରେ ଆମର ଅଗ୍ରଗତି, ବାଦ୍ୟଯନ୍ତ୍ରର ରପ୍ତାନି ବୃଦ୍ଧି ଏବଂ ଅନ୍ୟାନ୍ୟ ବିଷୟ ଉପରେ ଆକର୍ଷଣୀୟ ଲେଖା ରହିଛି ।

# ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ୧୮ଦଶ ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର କେନ୍ଦୁଝରଠାରେ ଅନୁଷ୍ଠିତ ୧୮ଶ ରାଜ୍ୟ ସମ୍ମିଳନୀରେ ନିର୍ବାଚିତ ହୋଇଥିବା ନବନିର୍ବାଚିତ କର୍ମକର୍ତାଙ୍କ ଶପଥପାଠ ଉତ୍ସବ ଓ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶନିବାର ସତ୍ୟନଗରସ୍ଥିତ ଯାନ୍ତ୍ରିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ରାଜ୍ୟର ସମସ୍ତ ଜିଲ୍ଲାର କର୍ମକର୍ତା ଓ ପୁରୁଣା ନେତୃତ୍ୱ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ସମ୍ବଲପୁରର ସଦାନନ୍ଦ ବେହେରା, ଢେଙ୍କାନାଳର ଅରୁଣ ବଳିୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ କର୍ମଚାରୀ ନେତା ସାଥୀ ପ୍ରତାପ ଚନ୍ଦ୍ର ମିଶ୍ର ନିର୍ବାଚିତ କର୍ମକର୍ତାମାନଙ୍କୁ ଶପଥପାଠ କରାଇବା ସହ ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ସାଧାରଣ ସମ୍ପାଦକ ସାଥୀ ନରୋ ମ ପାର୍ଥସାରଥୀ ରାଜ୍ୟରୁ ୪ଜଣ ନ୍ୟାସନାଲ ଏକ୍‌ଜ୍ୟୁଟିଭ ମେମ୍ବର ମନୋନୀତ ହୋଇଥିବାରୁ କେନ୍ଦ୍ରୀୟ ନେତୃତ୍ୱମାନେ ସଂଗଠନକୁ ମଜଭୁତ କରିବା ସହ କର୍ମଚାରୀଙ୍କ ସମସ୍ୟା ଉପରେ ମତ ରଖିଥିଲେ। ସାଧାରଣ ସମ୍ପାଦକ ସୁଜିତ କୁମାର ନାୟକ ଏବଂ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ ବରିଷ୍ଠ ନେତୃତ୍ୱ କ୍ଷେତ୍ରମୋହନ ଦାସ ସଂଗଠନର ଆଗାମୀ ଦିନର କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ମାର୍ଚ୍ଚ ୨୦୨୩ ସୁଦ୍ଧା ରାଜ୍ୟରେ ବାକି ଥିବା ଜିଲ୍ଲାର ସମ୍ମିଳନୀ ସାରିବା ପାଇଁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକଙ୍କ ଭିଡ଼ିଓ କନ୍‌ଫରେନ୍ସି ଜରିଆରେ ଜାନୁୟାରୀ ୨୦୨୩ ସୁଦ୍ଧା ଜଏ କନ୍‌ଭେନସନ ଓ ସମସ୍ତ ଜିଲ୍ଲାରେ ଜିଲ୍ଲା ସମ୍ମିଳନୀ ସାରିବାକୁ ପରାମର୍ଶ ଦେଇଥିଲେ ଏବଂ ୨୭.୧୨.୨୦୨୨ ଠାରୁ ୩୧.୧୨.୨୦୨୨ରିଖ ପର୍ଯ୍ୟନ୍ତ ପିଏମ୍‌ଜି ଛକରେ ଲେଡ଼ି ମେଟ୍ରନ ମାନଙ୍କ ଧାରଣା କାର୍ଯ୍ୟକ୍ରମ ରହିଛି ବୋଲି ଘୋଷଣା କରାଯାଇଥିଲା। ମହିଳା ସବ୍‌କମିଟି ସଦସ୍ୟ ସୀତା ଭୋଳ ରାଜସ୍ଥାନ ଜୟପୁରଠାରେ ଅନୁଷ୍ଠିତ ୮ମ ମହିଳା ସମ୍ମିଳନୀ ତା ୨୭.୦୧.୨୦୨୩ରୁ ୨୯.୦୧.୨୦୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଓଡ଼ିଶାରୁ ୧୧ଜଣ ପ୍ରତିନିଧି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶେଷରେ ଯୁଗ୍ମ ସମ୍ପାଦକ ଲଳିତ ଲକ୍ଷ୍ମୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି କାର୍ଯ୍ୟାଳୟ ସମ୍ପାଦକ କାହ୍ନୁ ଚରଣ ମଲ୍ଲିକ ଜଣାଇଛନ୍ତି।


ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



୰ସୁଚିତ୍ରା ଦାସ

ଆବିର୍ଭାବ: ୨୪.୦୨.୧୯୬୨

ତିରୋଧାନ : ୦୩.୦୧.୨୦୨୨

ହତଭାଗ୍ୟ ପୁତ୍ର :

ସଂଜୟ କୁମାର ଦାସ

ଅଜୟ କୁମାର ଦାସ

ବାଉଁଶମୁଖା, ବସ୍ତା



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida

❒ Editor: Sairindhree Sahoo